# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

VOLUME- 43 • ISSUE-85 • THURSDAY • 18 SEPTEMBER 2025 • PAGE-12 • ₹ 6.00 | SAMBALPUR | ବର୍ଷ-୪୩ • ସଂଖ୍ୟା-୮୫ • ଗୁରୁବାର • ୧୮ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦





ନଭେମ୍ବରରେ 'ମସ୍ତି-୪'

ପୃଷ୍ଠା 9





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |



# ନଭେମ୍ବରରେ 'ମସ୍ତି -୪'

ଇନ୍ଦ୍ର କୁମାରଙ୍କ ନିର୍ଦ୍ଦେଶିତ ସୁପରହିଟ୍ ଫିଲ୍ମ 'ମସ୍ତି'ରେ ବିବେକ ଓବେରୟ, ଅଫତାବ ଶିବଦାସନି ଓ ରୀତେଶ ଦେଶମୁଖ ଲିଡ୍ ରୋଲରେ ନଜର ଆସିଥିଲେ। ଏହି ଫିଲ୍ମଟି ଦର୍ଶକଙ୍କୁ ଏତେ ପସନ୍ଦ ଆସିଥିଲା ଯେ, ଏହି ସିରିଜ୍‌ର ଏଯାବତ୍ ତିନୋଟି ଫିଲ୍ମ ରିଲିଜ୍ ହୋଇ ସାରିଛି। ଅବଶ୍ୟ ଏହି ସିରିଜ୍‌ର ତୃତୀୟ ଫିଲ୍ମ 'ଗ୍ରେଟ୍ ଗ୍ରାଣ୍ଡ ମସ୍ତି'କୁ ଦର୍ଶକେ ଏତେଟା ପସନ୍ଦ କରି ନ ଥିଲେ। ଆଉ ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ 'ମସ୍ତି ୪' ଆସିବାକୁ ଯାଉଛି। ଏଥିରେ ଲିଡ୍ ରୋଲରେ ରିତେଶ, ବିବେକ ଏବଂ ଅଫତାବ ଦେଖାଯିବେ। ଏବେ ଏହି ଫିଲ୍ମରେ ଅରଶଦ ୱାର୍ଶିଙ୍କର ଏଣ୍ଟ୍ରି ହୋଇଛି। ଅରଶଦଙ୍କ ସହ ଏଥିରେ ନର୍ଗିସ୍ ଫକ୍ରି ମଧ୍ୟ ନଜର ଆସିବେ। ଏହି ଦୁଇ କଳାକାରଙ୍କର ଫିଲ୍ମରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହିପରି ଏହି ସିନେମାରେ ଜେନେଲିଆ ଡିସୁଜା, ତୁଷାର କପୁର ମଧ୍ୟ ଦେଖାଯିବେ। ବ୍ରିଟେନରେ ଏହାର ୪୦ ଦିନ ସୁଟିଂ ଶେଷ ହୋଇଥିବା ବେଳେ ଏବେ ପୋଷ୍ଟ ପ୍ରଡକସନ୍ କାମ ଚାଲିଛି। ସିନେମାର ଏଡିଟିଂ କାମ ବି ଶେଷ ହୋଇଛି। 'ମସ୍ତି-୪'କୁ ଏହି ବର୍ଷ ନଭେମ୍ବର ୨୧ ତାରିଖରେ ରିଲିଜ୍ କରିବା ପାଇଁ ଇନ୍ଦ୍ର କୁମାର ଯୋଜନା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର ଟିଜର ଜାରି କରାଯାଇ ଫିଲ୍ମ ରିଲିଜ୍ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ମିଲାପ ଜାଭେରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



# ବିଶ୍ୱ ବାଉଁଶ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରାଯାଏ। ବାଉଁଶ ଗଛର ଉପକାରିତା ତଥା ଏହାକୁ ନେଇ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ। ବାଉଁଶ ଗଛ ଦେଖିବାକୁ ଯେମିତି ସବୁଜ ସୁନ୍ଦର, ପ୍ରତ୍ୟେକ ଘରୋଇ ବ୍ୟବହାରରେ ବି ଏହା କାମରେ ଲାଗିଥାଏ। ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଘର ନିର୍ମାଣ, ଆସବାବପତ୍ର, ହସ୍ତଶିଳ୍ପ ଆଦି ଲାଗି ଲୋକେ ବାଉଁଶ ବ୍ୟବହାର କରନ୍ତି। ବାଉଁଶରେ କୁଲା, ଡାଲା, ଝୁଡ଼ି ସମେତ ବିଭିନ୍ନ ପଶୁପକ୍ଷୀଙ୍କ ଆକୃତି, କପ୍, ପ୍ଲେଟ୍, ପାଣିବୋତଲ ଚାମଚ, ଫୁଲକୁଣ୍ଡ ପେନ୍‌ଷ୍ଟାଣ୍ଡ, ଫଟୋ ଫ୍ରେମ ଆଦି ତିଆରି କରାଯାଉଛି। କେବଳ ସେତିକି ନୁହେଁ, ଆଜିକାଲି ବାଉଁଶ ଗହଣାର ଲୋକପ୍ରିୟତା ବି ଅଧିକ ଦେଖିବାକୁ ମିଳୁଛି। ବାଉଁଶରେ ତିଆରି ହାର, ଝୁମୁକା, ହେୟାର୍ କ୍ଲିପ୍, କାନଫୁଲ ଆଦି ଅଳଙ୍କାରର ଚାହିଦା ବେଶି। ଏବେ କିନ୍ତୁ ମଣିଷ ନିଜ ସ୍ୱାର୍ଥ ପୂରଣ ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ସଫା କରି ନିଜ ପାଇଁ ବାସସ୍ଥାନ ନିର୍ମାଣ କରିବା ଯୋଗୁଁ ଧୀରେ ଧୀରେ ବାଉଁଶ ଗଛ ଲୋପ ପାଇବାରେ ଲାଗିଛି। ସେହିପରି ବାଉଁଶ ଶୀଘ୍ର ବଢ଼ିଥାଏ। ବାଉଁଶ ଶକ୍ତିଶାଳୀ ଏବଂ ନମନୀୟ ମଧ୍ୟ। ସେହିପରି ବାଉଁଶ ଖାଦ୍ୟ, ବାସଗୃହ ଏବଂ ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଭାବେ ଅତୁଳନୀୟ ସାବ୍ୟସ୍ତ ହୋଇଛି। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ହିନ୍ଦୁ ପରମ୍ପରାରେ ଷଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ବାଉଁଶ ଖୋଜା ପଡ଼ିଥାଏ। ସେହିଭଳି ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ଏପରିକି ମଣିଷର ମରଣ ବେଳେ ମଧ୍ୟ ଛ'ଖଣ୍ଡ ବାଉଁଶ କୋକେଇ ଲାଗି ଖୋଜାପଡ଼େ। ତେବେ ୨୦୦୯ ମସିହାରେ ବିଶ୍ୱ ବାଉଁଶ ସଂଗଠନ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ସେପ୍ଟେମ୍ବର ୧୮ ତାରିଖକୁ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ବିଶ୍ୱ ବାଉଁଶ ଦିବସ ପାଳନ ଅବସରରେ ଅଧିକ ସଂଖ୍ୟାରେ ବାଉଁଶ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ। ଏହି ବର୍ଷ ଏହି ଦିବସର ଥିମ୍ ଅଛି 'ବାମ୍ବୋ ଫର୍ ପିପୁଲ, ପ୍ଲାନେଟ୍ ଆଣ୍ଡ କ୍ଲାଇମେଟ୍ ଆକ୍ସନ'।



# କେଶ ବିନ୍ୟାସରୁ ବାୟୁ ପ୍ରଦୂଷଣ


ବର୍ତ୍ତମାନ ବାୟୁ ପ୍ରଦୂଷଣ ଏକ ଉତ୍କଟ ସମସ୍ୟା ପାଲଟିଛି। ସେହିପରି ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଥିବା ବେଳେ ହେୟାର୍ ଷ୍ଟାଇଲ ବା କେଶ ବିନ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ବୋଲି କୁହାଯାଉଛି। ପୁର୍ଡୁ ବିଶ୍ୱବିଦ୍ୟାଳୟର ଏକ ନୂତନ ଗବେଷଣାରୁ ଏକଥା ସାମ୍ନାକୁ ଆସିଛି। ତେବେ କେଶକୁ ଆକର୍ଷଣୀୟ ଦେଖାଯିବା ପାଇଁ ବ୍ୟବହାର କରାଯାଉଥିବା ହେୟାର କେୟାର୍ ପ୍ରଡକ୍ଟ ସହ ହିଟିଂ ଟୁଲ୍‌ଗୁଡ଼ିକ ମଧ୍ୟ ବାୟୁ ପ୍ରଦୂଷଣର କାରଣ ହୋଇଥାଏ। ବ୍ୟସ୍ତ ବହୁଳ ସଡ଼କରୁ ଯେତିକି ମାତ୍ରାରେ ବାୟୁ ପ୍ରଦୂଷଣ ହୋଇଥାଏ ଏଗୁଡ଼ିକ ଦ୍ୱାରା ମଧ୍ୟ ସେତିକି ମାତ୍ରାରେ ପ୍ରଦୂଷଣ ହୋଇଥାଏ। ହେୟାର୍ ଷ୍ଟାଇଲ କରିବା ସମୟରେ ୫୦୦ ନାନୋମିଟର ପର୍ଯ୍ୟନ୍ତ କଣିକା ବାହାରେ। ଯାହାକି ମାନବ କେଶଠାରୁ ପ୍ରାୟ ୨୦୦ ଗୁଣ ଛୋଟ। ଏହି କ୍ଷୁଦ୍ର କଣିକା ଫୁସ୍‌ଫୁସ୍ ଭିତରକୁ ପ୍ରବେଶ କରି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଏହି ଗବେଷଣା ନିମନ୍ତେ ଏକ ଛୋଟ ଗବେଷଣାଗାର ଡିଜାଇନ୍ କରାଯାଇଥିଲା। ଯାହାର ଉପଯୋଗ ପୂର୍ବରୁ କେଶ ଉତ୍ପାଦରେ ଥିବା ରସାୟନର ବିଶ୍ଲେଷଣ ପାଇଁ କରାଯାଇଥିଲା। ଗବେଷକମାନେ ସାଧାରଣ ହେୟାର୍ ଷ୍ଟାଇଲ ରୁଟିନ୍ ସମୟରେ ହିଟିଂ ଟୁଲ୍‌ର ଉପଯୋଗରୁ ଉତ୍ପନ୍ନ ବାୟୁ ପ୍ରଦୂଷଣ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ତେବେ ଏହି ଫଳାଫଳରୁ ଜଣାପଡ଼ିଛି ଯେ, ନିୟମିତ ଲୋକେ ବ୍ୟବହାର କରୁଥିବା ହେୟାର କେୟାର ପ୍ରଡକ୍ଟ ଓ ହିଟିଂ ଟୁଲ୍‌ଗୁଡ଼ିକ ବାୟୁକୁ ବିଷାକ୍ତ କରୁଛି। ସେହିପରି ଏହା ଘର ଭିତରର ବାୟୁର ଶୁଦ୍ଧତା ଓ ପ୍ରସାଧାନ ସାମଗ୍ରୀ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରଭାବକୁ ନେଇ ପ୍ରଶ୍ନ ଉଠାଇଛି। ସେହିପରି କର୍ଲିଂ ଆଇରନ ଏବଂ ଷ୍ଟ୍ରେଟନର୍ ଭଳି ଷ୍ଟାଇଲିଂ ଉପକରଣରୁ ନିର୍ଗତ ଉତ୍ତାପ ହେୟାର୍ କେୟାର ଉତ୍ପାଦରେ ସାମିଲ ହେଲେ ଏହା ଅଧିକ କ୍ଷତିକାରକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ଏନଭାରମେଣ୍ଟାଲ ସାଇନ୍ସ ଏବଂ ଟେକ୍ନୋଲୋଜିରେ ପ୍ରକାଶିତ।

## ଆଜିର ଇତିହାସ

- ୧୮୧୦- ଚିଲି ସ୍ପେନ୍‌ଠାରୁ ସ୍ୱାଧୀନ ହେବାକୁ ଘୋଷଣା କଲା।
- ୧୮୫୧- ନ୍ୟୁୟର୍କ ଟାଇମ୍ସ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହେଲା।
- ୧୯୨୨- ହଙ୍ଗେରୀ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୪୭- ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମକୁ ଲାଗୁ କରାଗଲା।
- ୧୯୮୬- ମୁମ୍ବାଇରେ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୩- ଢାକା ଓ ଅଗରତାଲା ବସ୍ ସେବା ଆରମ୍ଭ ହେଲା।

# ଫୋନ୍ ହାତରୁ ପଡ଼ିଲେ ବଢ଼େ ଚାପ

ସ୍ମାର୍ଟଫୋନ୍ ଏବେ ଆଉ ଏକ ଗ୍ୟାଜେଟ୍ ହୋଇ ରହିନାହିଁ ଏହା ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଯାଇଛି। ଟଙ୍କା ନେଣଦେଣ ଠାରୁ ଆରମ୍ଭ କରି ପାଠପଢ଼ା ସବୁକିଛି କାର୍ଯ୍ୟକୁ ସ୍ମାର୍ଟଫୋନ୍ ବେଶ୍ ସହଜ କରି ଦେଇଛି। ଏହି କାରଣ ଯୋଗୁଁ ଫୋନ୍ ହାତରୁ ଖସି ଗଲେ କି ଭାଙ୍ଗିଗଲେ ମନ ମଧ୍ୟ ଭାଙ୍ଗିଯାଏ। ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏକଥା ଜଣାପଡ଼ିଛି ଯେ, ସ୍ମାର୍ଟଫୋନ୍ ପଡ଼ିଗଲେ କିମ୍ବା ଭାଙ୍ଗି ଗଲେ ୯୫ ପ୍ରତିଶତ ଲୋକ ଚାପରେ ରୁହନ୍ତି। ଏହି ସର୍ଭେ କାଉଣ୍ଟର ପଏଣ୍ଟ ରିସର୍ଚ୍ଚ ଦ୍ୱାରା ଭାରତର ଟିୟର-୧ ଏବଂ ଟିୟର-୨ ସହର ଉପରେ କରାଯାଇଥିଲା। ଏଥିରେ ୪,୫୬୪ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ମତାମତ ନିଆଯାଇଥିଲା। ଅନେକ ବ୍ୟବହାରକାରୀ ଏକଥା ସ୍ୱୀକାର କରିଛନ୍ତି, ସେମାନଙ୍କ ଫୋନ୍ ଦିନେ ନା ଦିନେ ପଡ଼ିଛି ଏବଂ ଏହା ପଡ଼ିବା ପରେ ସେମାନେ ବିଚଳିତ ହୋଇଥାନ୍ତି। ଫୋନ୍ ପଡ଼ିବା କୌଣସି ନୂଆ କି ନିଆରା କଥା ନୁହେଁ। ହେଲେ ଯେତେବେଳେ ବି ଫୋନ୍ ପଡ଼େ ଲୋକଙ୍କ ହୃଦ୍‌ସ୍ପନ୍ଦନ ବଢ଼ିଯାଉଥିବା ସେମାନେ କହିଛନ୍ତି। ଫୋନ୍ ଭାଙ୍ଗିଗଲେ ୭୯ ପ୍ରତିଶତ ଲୋକ ନୂଆ ଫୋନ୍ ସଉକରେ ନୁହେଁ, ବରଂ ବାଧ୍ୟବାଧକତାରେ କିଣିଥାନ୍ତି। ଯାହାକୁ ସେମାନେ ଅଯଥା ଖର୍ଚ୍ଚ ବୋଲି ଭାବନ୍ତି। ତେବେ ଫୋନ୍ ଭାଙ୍ଗିଲେ ମାନସିକ ଅବସାଦ ସହିତ ଆର୍ଥିକ ବୋଝ ମଧ୍ୟ ଉଠାଇବାକୁ ପଡ଼ିଥାଏ ବୋଲି ବ୍ୟବହାରକାରୀ କହିଛନ୍ତି। କାରଣ ନୂଆ ଫୋନ୍ ଇଏମ୍‌ଆଇ ନଚେତ ସଞ୍ଚିତ ଅର୍ଥରୁ ହିଁ କିଣିବାକୁ ପଡ଼େ। ଏହାବାଦ୍ ଆଜିକାଲି ଫୋନ୍‌ରେ ପ୍ରତ୍ୟେକ ଜିନିଷ ରହୁଛି। ତେଣୁ ଅଚାନକ ଫୋନ୍ ବନ୍ଦ ହୋଇଗଲେ କିମ୍ବା ଖରାପ ହୋଇଗଲେ ଜୀବନର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁଦିନ ପାଇଁ ନଷ୍ଟ ହୋଇଯିବା ଭାବି ୮୯ ପ୍ରତିଶତ ବ୍ୟବହାରକାରୀ ଭୟରେ ରୁହନ୍ତି। ସେହିପରି ଏକ ତୃତୀୟାଂଶ ବ୍ୟବହାରକାରୀ ଫୋନ୍ ମରାମତିରେ ୫ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଏହା ମଧ୍ୟ ଫୋନ୍ ପଡ଼ିବା ଭୟର ଅନ୍ୟତମ କାରଣ। ଅନ୍ୟପଟେ ଫୋନ୍‌କୁ ସୁରକ୍ଷିତ ରଖିବା ପାଇଁ କଭର୍ ଓ ସ୍କ୍ରିନ୍ ଗାର୍ଡ ରହିଛି। ହେଲେ ୭୮ ପ୍ରତିଶତ ବ୍ୟବହାରକାରୀ ଫୋନ୍‌କୁ ଅଧିକ ଷ୍ଟାଇଲିସ୍ ଦେଖାଇବା ପାଇଁ ଏହି ସୁରକ୍ଷା ଉପକରଣ ବ୍ୟବହାର କରନ୍ତି ନାହିଁ। କାରଣ ଏହା ଫୋନ୍‌ର ସୁନ୍ଦରତାକୁ କମ୍ କରିଥାଏ। ଏହି କାରଣରୁ ଫୋନ୍ ତଳେ ପଡ଼ି ଭାଙ୍ଗିଗଲେ ସେମାନେ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି।



# ୩୦ ବର୍ଷ ପରେ ପୋଷାକରେ ଫେରିଲେ



ବିଶ୍ୱରେ ପ୍ରତିବର୍ଷ ହଜାର ହଜାର ଲୋକ ନିଖୋଜ ହୋଇଯାଆନ୍ତି। ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ଟେଲିଭିଜନ, ଖବରକାଗଜ ଆଦିରେ ବିଜ୍ଞାପନ ଦିଆଯାଏ। କିଛି ବ୍ୟକ୍ତିଙ୍କ ପତ୍ତା ମିଳିଥାଏ, ଆଉ କିଛି ଲୋକ ସାରା ଜୀବନ ନିଖୋଜ ହୋଇ ରହିଯାଆନ୍ତି। ରୋମାନିଆର ଭେଜିଲେ ଗରଗୋ ନାମକ ବ୍ୟକ୍ତି ହଜିବାର ୩୦ ବର୍ଷ ପରେ ଘରକୁ ଫେରିଆସି ଚର୍ଚ୍ଚାରେ ରହିଛନ୍ତି। ଅନେକ ଲୋକ ଘରୁ ପଳାଇ ଯିବାର ୨୦ରୁ ୩୦ ବର୍ଷ ପରେ ଘରକୁ ଫେରୁଥିବାବେଳେ ଭେଜିଲେଙ୍କ ସମ୍ପର୍କରେ ଖାସ୍ କଥାଟି ହେଉଛି ସେ ୩୦ ବର୍ଷ ତଳେ ଯେଉଁ ପୋଷାକ ପିନ୍ଧି ନିଖୋଜ ହୋଇ ଯାଇଥିଲେ ସେହି ପୋଷାକରେ ହିଁ ଫେରି ଆସିଛନ୍ତି। ୩୦ ବର୍ଷ ପୂର୍ବେ ଭେଜିଲେ ଗୋପାଳନ କରୁଥିଲେ। ସେ ୧୯୯୧ ମସିହାରେ ତାଙ୍କ ବ୍ୟବସାୟ ସମ୍ପର୍କୀୟ କିଛି କାର୍ଯ୍ୟ ପାଇଁ ଘରୁ ବାହାରିଥିଲେ। ସେତେବେଳେ ତାଙ୍କୁ ୬୬ ବର୍ଷ ହୋଇଥିଲା। ସବୁଦିନ ଯେମିତି ସେ ଘରୁ ଯାଆନ୍ତି ସେଦିନ ବି ସେଭଳି ବାହାରିଥିଲେ। ସେ ଘରକୁ ଫେରିବା ଟିକେଟ ମଧ୍ୟ କରିଥିଲେ। ଘରକୁ କିନ୍ତୁ ଭେଜିଲେ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ଥାନାରେ ଏନେଇ ଏତଲା ଦେଇଥିଲେ। ତାଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ମଧ୍ୟ ଚଳାଇଥିଲେ। ବହୁ ବର୍ଷ ପରେ ତାଙ୍କ ପରିବାର ଲୋକେ ଭେଜିଲେଙ୍କର ମୃତ୍ୟୁ ହୋଇ ଯାଇଥିବା ଭାବିନେଲେ। ଭେଜିଲେ ନିଖୋଜ ହେବାର ୩୦ ବର୍ଷ ପରେ ପୁଣି ଥରେ ତାଙ୍କ ଘରକୁ ଫେରି ଆସିଥିଲେ। ତେବେ ଭେଜିଲେ ଫେରି ଆସିବା ପରେ ତାଙ୍କ ପରିବାର ଲୋକଙ୍କ ମନରେ ଅନେକ ପ୍ରଶ୍ନ ଆସିଥିଲା। ତାଙ୍କୁ ଏକ କାର୍ ଆଣି ଘରେ ଛାଡ଼ି ଦେଇଥିଲା। କାର୍‌ଟି ଏତେ ଦ୍ରୁତ ଗତିରେ ଆସିଥିଲା ଯେ ପରିବାର ଲୋକେ ତା'ର ନମ୍ବର ମଧ୍ୟ ଦେଖିପାରି ନଥିଲେ। ତେବେ ଭେଜିଲେ ତାଙ୍କର ଯେଉଁ ପରିଚୟ ପତ୍ର ୩୦ ବର୍ଷ ତଳେ ରଖିଥିଲେ ଫେରି ଆସିବା ପରେ ତାହା ତାଙ୍କ ପାଖରେ ଥିଲା। ୩୦ ବର୍ଷ ତଳେ ଟ୍ରେନ୍‌ରେ ଯାତ୍ରା କରିବା ପାଇଁ ଯେଉଁ ଟିକଟ ସେ କିଣିଥିଲେ ତାହା ମଧ୍ୟ ଭେଜିଲେଙ୍କ ନିକଟରୁ ମିଳିଥିଲା। ପରିବାର ଲୋକେ ଭେଜିଲେଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତର କହିଥିଲେ। କେବଳ ବୟସାଧିକ ଯୋଗୁ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ କିଛିଟା ପରିବର୍ତ୍ତନ ଦେଖାଯାଇଥିଲା। ତେବେ ଭେଜିଲେ ଫେରି ଆସିବା ପରେ ବହୁତ କିଛି ତାଙ୍କର ମନେଥିବା ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ହେଲେ ସେ ତାଙ୍କ ପୁଅଝିଅକୁ ଫେରି ଆସିବା ପରେ ଚିହ୍ନି ପାରି ନ ଥିଲେ। ଭେଜିଲେଙ୍କ ପୁଅ କୁହନ୍ତି, 'ଏତେ ଦିନ ଧରି ବାପା କେଉଁଠି ଥିଲେ, କିଏ ତାଙ୍କୁ ରଖିଥିଲା, କାମ କରିବାକୁ ତାଙ୍କୁ ଜୋରଜବରଦସ୍ତ କରାଯାଉଥିଲା କି ନାହିଁ, ଏମିତି ଅନେକ ପ୍ରଶ୍ନ ପଚାରିଲେ ବି ସେ କିଛି କହିପାରୁ ନାହାନ୍ତି। କେବଳ ଗୋଟିଏ କଥା କହୁଛନ୍ତି ସେ ଗୋଟିଏ ଘରେ ଥିଲେ।' ଭେଜିଲଙ୍କେ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ବିଦ୍ୟୁତ୍ ଝଟ୍‌କା ଦେଉଥିବା ମାଛ



ନଦୀ ତଥା ସମୁଦ୍ରରେ ବିଭିନ୍ନ ପ୍ରଜାତିର ମାଛ ଦେଖାଯାନ୍ତି। ପ୍ରତ୍ୟେକ ପ୍ରଜାତି ମାଛର ନିଜସ୍ୱ ବିଶେଷତ୍ୱ ରହିଥାଏ। ତନ୍ମଧ୍ୟରୁ କିଛି ମାଛ ମଣିଷମାନଙ୍କ ପାଇଁ ବେଶ୍ ବିପଜ୍ଜନକ ହୋଇଥାନ୍ତି। ଏମିତି ଏକ ବିରଳ ଓ ବିପଜ୍ଜନକ ମାଛ ହେଉଛି ଇଲ୍। ଏହି ମାଛ ଏତେ ଭୟାନକ ଯେ, ଏହାର ଝଟ୍‌କାରେ କୁମ୍ଭୀରଟିଏ ବି ମରିଯାଏ। ଇଲ୍ ମାଛ ଦେହରେ ହାଇଭୋଲଟେଜ୍ କରେଣ୍ଟ ଅଛି। ଜୀବନ ପ୍ରତି ବିପଦ ଅଛି ଆଶଙ୍କା କଲେ ଇଲ୍ ମାଛ ୮୬୦ ଭୋଲ୍‌ଟର କରେଣ୍ଟ ଛାଡ଼ିଥାଏ। ଏହି ମାଛ କରେଣ୍ଟ ଦ୍ୱାରା ଶିକାର କରିବା ସହ ଏହାରି ସାହାଯ୍ୟରେ ନିଜ ଜୀବନ ମଧ୍ୟ ରକ୍ଷା କରିଥାଏ। ଇଲ୍ ମାଛ ତା'ର ଶରୀରରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ କରି ଝଟ୍‌କା ଦେଇଥାଏ। ଏହି ମାଛ ତାର ବିଦ୍ୟୁତ୍ ଝଟ୍‌କାରେ ମଣିଷକୁ ବେହୋସ କରିଦେଇପାରେ। ତେବେ ବୈଜ୍ଞାନିକମାନଙ୍କର କହିବା କଥା, ଇଲ୍ ମାଛରେ କିଛି ସ୍ୱତନ୍ତ୍ର କୋଷିକା ଅଛି, ଯାହାକୁ ଇଲେକ୍ଟ୍ରୋସାଇଟସ୍ କହନ୍ତି। ଏଥିରୁ ହିଁ ବିଦ୍ୟୁତ୍ ଉତ୍ପନ୍ନ ହୁଏ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 43 ◆ISSUE-85 ◆THURSDAY ◆18 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୮୫ ◆ଗୁରୁବାର ◆୧୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ମନ୍ଧାନାଙ୍କ ରେକର୍ଡ ଶତକ

▸ପୃଷ୍ଠା ୧୨ ଦେଖନ୍ତୁ...

## ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

# ବିରୋଧୀଙ୍କ ଶସ୍ତ୍ର: ନାରୀ-ସାର-ରଙ୍ଗ

■ ଭୁବନେଶ୍ୱର, ୧୭।୯ (ସମିସ): ଆସନ୍ତାକାଲିଠାରୁ ଆରମ୍ଭ ହେବ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ୍ ମୌସୁମୀ ଅଧିବେଶନ। ୭ ଦିନିଆ ଏହି ସଂକ୍ଷିପ୍ତ ଅଧିବେଶନରେ ସରକାରଙ୍କୁ ଘେରିବା ଓ ଅକଳରେ ପକାଇବା ପାଇଁ ଉଭୟ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ । ଗତ ବଜେଟ ଅଧିବେଶନରୁ ମୌସୁମୀ ଅଧିବେଶନ ମଧ୍ୟରେ ରାଜ୍ୟରେ ଘଟିଥିବା ଅନେକ ଘଟଣା ପାଇଁ ସରକାର ବେଶ୍ ଅଡୁଆ ସ୍ଥିତିର ସାମ୍ନା କରିଛନ୍ତି। ରାଜ୍ୟରେ ମହିଳା ସୁରକ୍ଷା ଏବଂ ଦୁଷ୍କର୍ମ ମାମଲା ପାଇଁ ଓଡ଼ିଶାକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିନ୍ଦିତ ହେବାକୁ ପଡ଼ିଛି। ଏହାବ୍ୟତୀତ ରାଜ୍ୟରେ ସାରର ଉତ୍କଟ ଅଭାବ, ଧାନର କଟନିଛଟନୀ, ଚାଷୀ ପଞ୍ଜିକରଣ, ପଞ୍ଚାୟତ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧି, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ କାଠଗଡ଼ାକୁ ଟାଣିବେ। ବୁଧବାର ସନ୍ଧ୍ୟାରେ ଦୁଇ ଦଳର ବିଧାୟକ ଦଳ ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି ଓ ସରକାରଙ୍କୁ ଭେଦ କରିବା ପରି ଅଭେଦ୍ୟ ତୀରକୁ ଦୁଇ ଦଳ ପ୍ରସ୍ତୁତ କରି ରଖିଛନ୍ତି। ଏହି ସମୟରେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ବିରୋଧୀ କଂଗ୍ରେସର ଘୋଷଣା ସରକାରଙ୍କୁ ଗଳଦଘର୍ମ କରିଛି।

ଗତ ୩ରୁ ୪ ମାସ ମଧ୍ୟରେ ରାଜ୍ୟ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢୁଆସୀ ଆକ୍ରମଣ କରିପାରନ୍ତି। ପ୍ରମୁଖ ସମସ୍ୟା ବ୍ୟତୀତ ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଅଟକିବା, ରଥଯାତ୍ରା ବିଭ୍ରାଟ ଆଦି ପ୍ରସଙ୍ଗରେ ମଧ୍ୟ ଗୃହ କମ୍ପିବା ନେଇ ଅନୁମାନ କରାଯାଉଛି।

ଅନୁରୂପ ଭାବରେ ପୋଲାଭରମ୍ ପ୍ରକଳ୍ପ ଶୀଘ୍ର କାର୍ଯ୍ୟାନ୍ୱୟନ ହେବା ପାଇଁ କେନ୍ଦ୍ର ସରକାର ବଜେଟରେ ଅର୍ଥ ଆବଣ୍ଟନ କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ସରକାରଙ୍କ 'ଆପୋସ' ସଂଜ୍ଞାକୁ ନେଇ ରାଜ୍ୟରେ ବିଭ୍ରାନ୍ତି ସୃଷ୍ଟି ହୋଇଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ମଧ୍ୟ ନିଜ ଆଡୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି। ପ୍ରଥମ କିସ୍ତି ପରେ ସୁଭଦ୍ରାରେ ଲକ୍ଷଲକ୍ଷ ମହିଳା ବାଦ ପଡ଼ିଛନ୍ତି ଓ ସରକାର ଗଠନର ୧୪ ମାସ ପରେ ବି ବିକାଶମୂଳକ କାମ ଏକପ୍ରକାର ବାଟ ହୁଡ଼ିଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଢାଞ୍ଚାରେ ସରକାର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ ହେଁ ଏଥିପାଇଁ ଅନୁଦାନ ମିଳୁନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ଅଣାୟତ୍ତ ହୋଇଛି। ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଥିବାବେଳେ ସରକାର କେବଳ ରଙ୍ଗ ଓ ନାମ ବଦଳ ରାଜନୀତିରେ ଲିପ୍ତ ଅଛନ୍ତି । ଅପରପକ୍ଷେ ୧୫ ମାସ ବିତିଥିବାବେଳେ ପ୍ରଶାସନିକ ସ୍ଥାଣୁତା, ମନ୍ତ୍ରୀ, ସଚିବଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଗୋଟିଏ ମନ୍ତ୍ରୀଙ୍କର ଅନ୍ୟ ବିଭାଗରେ ଅଯଥା ହସ୍ତକ୍ଷେପ, ବିବାଦୀୟ ମନ୍ତବ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ତେଣୁ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି ▸ପୃଷ୍ଠା-୭



### ସରକାରଙ୍କ ପାଇଁ ସହଜ ହେବନାହିଁ ଅଧିବେଶନ

### ଗୃହରେ ଅନାସ୍ଥା ପ୍ରସ୍ତାବ ଆଣିବ ବିରୋଧୀ କଂଗ୍ରେସ

## କଠୋର ଆଭିମୁଖ୍ୟ ଗ୍ରହଣ କରିବ ଦଳ: ନବୀନ





■ ଭୁବନେଶ୍ୱର, ୧୭।୯ (ସମିସ): ଗତ ସାଢ଼େ ତିନି ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳ ଜଳ ହୋଇ ଦିଶୁଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମିଛ ପ୍ରଚାର ବ୍ୟତୀତ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ଏସବୁ ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ନିଜ ସ୍ୱର ଶାଣିତ କରିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହାସହ ଚାଷୀ, ମହିଳା, ପଞ୍ଚାୟତିରାଜ ବ୍ୟବସ୍ଥା ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ବିଜୁ ଜନତା ଦଳ ବିଧାନସଭାରେ କଠୋର ଆଭିମୁଖ୍ୟ ନେଇ କାମ କରିବ ବୋଲି ବିରୋଧୀ ଦଳ ନେତା ବିଧାୟକଙ୍କୁ ପରାମର୍ଶ ଦେଇ କହିଛନ୍ତି। ବୁଧବାର ସନ୍ଧ୍ୟାରେ ବିଜେଡିର ବିଧାୟକ ଦଳ ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଧାନସଭାର ମୌସୁମୀ ଅଧିବେଶନ ସଂକ୍ଷିପ୍ତ ହେଲେ ମଧ୍ୟ ରାଜନୈତିକ ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ଗତ ସାଢ଼େ ୩ ମାସ ମଧ୍ୟରେ ମହିଳା ସୁରକ୍ଷା, ସାର ଯୋଗାଣ ଓ ଚାଷୀଙ୍କ ସ୍ୱାର୍ଥ ରକ୍ଷା, ରାଜ୍ୟ ସ୍ୱାର୍ଥର ▸ପୃଷ୍ଠା-୭

**ବିଜେଡି ବିଧାୟକ ଦଳ ବୈଠକ**

### ମହିଳା ସୁରକ୍ଷା, ସାର ଅଭାବ, ପଞ୍ଚାୟତିରାଜ ବ୍ୟବସ୍ଥାରେ ଅଫିସରଙ୍କ କ୍ଷମତା ବୃଦ୍ଧିକୁ ମୁଖ୍ୟ ପ୍ରସଙ୍ଗ କରିବ ବିଜେଡି

### ମିଛ ପ୍ରଚାର ବ୍ୟତୀତ ସବୁ କ୍ଷେତ୍ରରେ ବିଫଳ ରାଜ୍ୟ ସରକାର

## ୧୯୮୭ ପରେ ଜନ୍ମିତ ଭୋଟରଙ୍କ ପାଇଁ ଇସିଆଇଙ୍କ ସର୍ତ୍ତ

# ବାପା-ମା'ଙ୍କ ଜନ୍ମ ଓ ସ୍ଥାନ ପ୍ରମାଣପତ୍ର ଦେବା ଜରୁରୀ

■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍‌କୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିରୋଧୀ ବିକ୍ଷୋଭ କରୁଛନ୍ତି। ଏହା ମାଧ୍ୟମରେ ନିର୍ବାଚନ କମିସନ ଜାଲିଆତି କରି ସରକାରଙ୍କୁ ସମର୍ଥନ ଦେଉଥିବା ଅଭିଯୋଗ ଲଗାଇଛନ୍ତି। ଏହାସତ୍ତ୍ୱେ ସାରା ଦେଶରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ନିର୍ବାଚନ କମିସନ (ଇସି) ଘୋଷଣା କରିଛନ୍ତି। ଏହି ମାମଲା ମଧ୍ୟ ସୁପ୍ରିମକୋର୍ଟରେ ଚାଲିଛି। ପ୍ରକ୍ରିୟାରେ ତ୍ରୁଟି ଥିବା ଜଣା ପଡ଼ିଲେ ସମ୍ପୂର୍ଣ୍ଣ ଏସଆଇଆରକୁ ରଦ୍ଦ କରିଦିଆଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଇସିଙ୍କୁ ଚେତାବନୀ ଦେଇଛନ୍ତି। ଏପରି ସମୟରେ ଏସ୍ଆଇଆରକୁ ନେଇ କମିସନ୍ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି। କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଦେଶ ଅଧିକାଂଶ ରାଜ୍ୟର ଅଧାରୁ ଅଧିକ ଭୋଟରଙ୍କୁ କୌଣସି ପ୍ରକାରର ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। କାରଣ ଏଭଳି ଭୋଟରଙ୍କ ନାମ ପୂର୍ବରୁ ହୋଇଥିବା ଏସଆଇଆର ଭୋଟର ତାଲିକାରେ ସାମିଲ ରହିଛି। ▸ପୃଷ୍ଠା-୭

**ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗ**

### ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ

■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଏଥର ଇଲେକ୍‌ଟ୍ରୋନିକ ଭୋଟିଂ ମେସିନ (ଇଭିଏମ) ବାଲାଟ ପେପରରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ। ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ଏବଂ ଫଟୋର ଆକାର ମଧ୍ୟ ବଡ଼ କରାଯିବ। ପ୍ରାର୍ଥୀଙ୍କ ନାମକୁ ଭୋଟର ଭଲ ଭାବେ ପଢ଼ିବା ଏବଂ ଦେଖିବା ପାଇଁ ଏହି ସଂଶୋଧନ କରାଯାଉଛି। ବିହାର ବିଧାନସଭା ନିର୍ବାଚନରୁ ଭାରତୀୟ ନିର୍ବାଚନ କମିସନ ଏହା ଆରମ୍ଭ କରିବାକୁ ଯାଉଛନ୍ତି। ସୂଚନାଯୋଗ୍ୟ ଯେ ଇଭିଏମ ବାଲଟ ପେପରରେ ସବୁ ପ୍ରାର୍ଥୀଙ୍କ ନାମ, ନିର୍ବାଚନୀ ଚିହ୍ନ ଏବଂ ଫଟୋ ରହିଥାଏ। କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ୧୯୬୧ର ନିୟମ ▸ପୃଷ୍ଠା-୭

## ଇ-ଚାଲାଣପ୍ରାପ୍ତଙ୍କୁ ମିଳିବ ଆଶ୍ୱସ୍ତି

# ରିଆତି ଜରିମାନାରେ ମୁକୁଳିବେ ଗାଡ଼ି ମାଲିକ

■ ଭୁବନେଶ୍ୱର, ୧୭।୯ (ସମିସ): ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି କ୍ରମରେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ଆଶ୍ୱସ୍ତି ମିଳିବ। ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଏନେଇ ବୁଧବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ରିଆତି ଜରିମାନ ରାଶି ତାଲିକା ମଧ୍ୟ ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ 'ଏକକାଳୀନ ▸ପୃଷ୍ଠା-୭

### ପ୍ରତ୍ୟାହାର ହେବ ଇ-ଚାଲାଣ ମାମଲା

■ ଭୁବନେଶ୍ୱର, ୧୭।୯ (ସମିସ): ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ଅଦାଲତରେ ପଡି ରହିଥିବା ମାମଲାଗୁଡିକୁ ପ୍ରତ୍ୟାହାର କରାଯାଇ ଏହି ମାମଲାରେ କିଭଳି ଉଲ୍ଲଂଘନକାରୀଙ୍କ ଠାରୁ ଜୋରିମାନା ଟଙ୍କା ଆଦାୟ କରାଯିବ ସେନେଇ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଆଇନ୍ ବିଭାଗର ପ୍ରମୁଖ ଶାସନ ସଚିବ ଏହି କମିଟିର ଅଧ୍ୟକ୍ଷ ରହିଥିବା ବେଳେ ପରିବହନ କମିଶନର ଏହାର ସଦସ୍ୟ ଆବାହକ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆଇନ୍ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଓ ଗୃହ ବିଭାଗର ଜଣେ ଲେଖାଁଏ ଅଧିକାରୀ ମଧ୍ୟ ସଦସ୍ୟ ରହିଛନ୍ତି। ଟ୍ରାଫିକ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ବହୁ ଗାଡ଼ି ଚାଳକଙ୍କ ▸ପୃଷ୍ଠା-୭

# ଓଏଭି ଦିଶାହୀନ

## ୮୨ ପ୍ରତିଶତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ

■ ଭୁବନେଶ୍ୱର, ୧୭।୯ (ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରେ ଖାଲି ପଡ଼ିଛି ଅଧ୍ୟକ୍ଷ ଓ ଶିକ୍ଷକ ପଦ ଖାଲି। ଅର୍ଦ୍ଧାଧିକ ବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ବିଭିନ୍ନ ବିଷୟରେ ପାଠ ପଢ଼ାଇବାକୁ ମଧ୍ୟ ଶିକ୍ଷକ ନାହାନ୍ତି। ୩୮ ପ୍ରତିଶତରୁ ଅଧିକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରିକି ନିୟମିତ ଅଧ୍ୟକ୍ଷ ନ ଥିବାରୁ ପ୍ରଶାସନିକ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଛି। ଫଳରେ ରାଜ୍ୟର ଏହି ଅନନ୍ୟ ଏବଂ ପ୍ରଥମ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷାଦାନ ଲକ୍ଷ୍ୟଭ୍ରଷ୍ଟ ହେଉଛି। କୌତୂହଳର କଥା ହେଉଛି ୩୧୫ଟି ବିଦ୍ୟାଳୟରେ ମାତ୍ର ଜଣେ ଲାଇବ୍ରେରୀଆନ୍ ନିଯୁକ୍ତ ହୋଇଛନ୍ତି।

ରାଜ୍ୟରେ ମୋଟ୍ ୩୧୫ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସହିତ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ସମୁଦାୟ ୩୨୦ଟି ବିଦ୍ୟାଳୟ ମଧ୍ୟରୁ ୨୬୫ଟି ରେ ନିୟମିତ ଅଧ୍ୟକ୍ଷ ନାହାନ୍ତି। ଅର୍ଥାତ୍ ୮୨ ପ୍ରତିଶତ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ସେହିପରି ମୋଟ୍ ୭୩୭୦ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୨୮୦୫ଟି ପଦ ଖାଲି ପଡ଼ିଛି। ଶିକ୍ଷା ସାଙ୍ଗକୁ ପିଲାଙ୍କୁ କଳା କ୍ଷେତ୍ରରେ ମଧ୍ୟ ଦକ୍ଷ କରିବା ପାଇଁ ଆର୍ଟ ଓ ସଂଗୀତ ଶିକ୍ଷକ ପଦ ସୃଷ୍ଟି କରାଯାଇଥିଲା। ହେଲେ ଏସବୁ ବାଟବଣା ହୋଇଛି। ୩୧୪ଟି ଲେଖାଏଁ ପଦରୁ ୧୦୧ଟି ଆର୍ଟ ଶିକ୍ଷକ ଖାଲି ପଡ଼ିଥିବାବେଳେ ୨୩୪ଟି ସଂଗୀତ ଶିକ୍ଷକ ପଦରେ କେହି ନାହାନ୍ତି। ଅନୁରୂପ ଭାବେ ଛାତ୍ରଛାତ୍ରୀଙ୍କ ପଠନ କ୍ଷମତା ବଢ଼ାଇବା ଏକାଧିକ ପଦକ୍ଷେପ ନିଆଯାଉଥିବା ବେଳେ ପିଲାଙ୍କୁ ବହି ଯୋଗାଇବାକୁ ଉଦ୍ଦିଷ୍ଟ ଲାଇବ୍ରେରିଆନ୍ ପଦ ମଧ୍ୟ ଫାଙ୍କା ରହିଛି। ୩୧୫ଟି ଓଏଭିରେ ମାତ୍ର ଜଣେ ଲାଇବ୍ରେରୀଆନ୍ ନିଯୁକ୍ତ ହୋଇଥିବାବେଳେ ୩୧୪ଟିରେ କେହି ନାହାନ୍ତି। ୬୬୩ଟି ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ (ଟିଜିଟି) ଏବଂ ୮୯୧ଟି ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ମଧ୍ୟ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ଏକ ପ୍ରକାର ବାଟବଣା ହୋଇ ଯାଇଛି। ୮୨ ପ୍ରତିଶତ ବିଦ୍ୟାଳୟରେ ଅଧ୍ୟକ୍ଷ ଏବଂ ୩୮ ପ୍ରତିଶତ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ସମସ୍ତ ପଦ ପୂରଣ କରି ଶିକ୍ଷାଦାନ ବ୍ୟବସ୍ଥା ସୁବ୍ୟବସ୍ଥିତ କରିବାକୁ ଅଭିଭାବକଙ୍କ ସମେତ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

ODISHA ADARSHA VIDYALAYA
INSPIRE AND EMPOWER

### ମୋଟ ଶିକ୍ଷକ ପଦରୁ ୩୮ ପ୍ରତିଶତ ଖାଲି

### ଆର୍ଟ ଓ ସଂଗୀତ ଶିକ୍ଷକ ସଂଖ୍ୟା ସର୍ବନିମ୍ନ

### ୬୬୩ ଟିଜିଟି, ୮୯୧ ପିଜିଟି ପଦ ଖାଲି

### ୩୧୫ ସ୍କୁଲରେ ମାତ୍ର ଜଣେ ଲାଇବ୍ରେରୀଆନ

# ପୁଲିସ ପଞ୍ଝାରେ ୩ ବନ୍ଧୁକ ମାଫିଆ

■ ଭୁବନେଶ୍ୱର, ୧୭।୯ (ସମିସ): ଚୋରା ବନ୍ଧୁକ କାରବାରବେଳେ ଜଣେ ଝାରଖଣ୍ଡୀ ମାଫିଆଙ୍କ ସହ ୩ ଜଣଙ୍କୁ ଗିରଫ କରିଛି ପୁଲିସ ସ୍ୱତନ୍ତ୍ର ଅପରାଧ ଶାଖା। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଲୋହରଦଗା ଥାନା ଉପର ବଜାରର ଟିପୁ ଓରଫ୍ ମହେଶ କୁମାର ସାହା (୫୦), ଜଙ୍କିଆ ଥାନା ଗୟାବନ୍ଧର ଫିରୋଜ ଅଲ୍ଲୀ ଖାନ ଓରଫ୍ ବୁଲୁ (୫୩) ଓ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଉଳ ଟାଙ୍ଗୀର ଏମଡି ସକାବତ (୪୮)। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତକାଲି ସକାଳେ ମୈତ୍ରୀ ବିହାର ଥାନା ଅଞ୍ଚଳରେ ବନ୍ଧୁକ ଡିଲ୍ ଚାଲିଥିବା ବେଳେ ସ୍ୱତନ୍ତ୍ର ଅପରାଧ ଶାଖା (ଏସସିୟୁ) ହାତିଆଶୁଣୀରେ ଚଢ଼ଉ କରିଥିଲା। ସେଠାରେ ଟିପୁ, ବୁଲୁ ଓ ସକାବତଙ୍କ ଠାରୁ ୮ଟି ବନ୍ଧୁକ, ୧୦ଟି ମାଗାଜିନ୍ ଓ ୩୪ଟି ଜୀବନ୍ତ ଗୁଳି ମିଳିଥିଲା। ଏଥିସହିତ ୪ଟି ମୋବାଇଲ ଫୋନ, ୩ଟି କାର ଓ ୨୪୦୦ ଟଙ୍କାକୁ ପୁଲିସ ଜବତ କରିଥିଲା। ବୁଲୁ ଓ ସକାବତ ମିଶି ଝାଡ଼ଖଣ୍ଡରୁ ବନ୍ଧୁକ ଅର୍ଡର କରିଥିଲେ। ସେଥିପାଇଁ ଅଗ୍ରୀମ ଟଙ୍କା ମଧ୍ୟ ଦେଇଥିଲେ। ଟଙ୍କା ପାଇବା ପରେ ଟିପୁ ଝାଡ଼ଖଣ୍ଡରୁ ▸ପୃଷ୍ଠା-୭

### ୮ ବନ୍ଧୁକ, ୧୦ ମାଗାଜିନ୍, ୩୪ ଗୁଳି ଜବତ

### ବନ୍ଧୁକ କାରବାର ପାଇଁ ୯ ବିବାହ କରିଛି ଟିପୁ



**କନେଷ୍ଟବଳ ନିଖୋଜ ଘଟଣାର ପର୍ଦ୍ଦାଫାସ୍**

## ବୀମା ଅର୍ଥ ପାଇଁ ପିଶାଚ ସାଜିଲା କନେଷ୍ଟବଳ ସ୍ୱାମୀ

# ରାଜଧାନୀରେ ମାରିଲା, ଘଟଗାଁରେ ପୋତିଲା

■ ଭୁବନେଶ୍ୱର, ୧୭।୯ (ସମିସ): ରାଜଧାନୀରୁ ନିଖୋଜ ହେବାର ୧୧ ଦିନ ପରେ ଘଟଗାଁ ଜଙ୍ଗଲ ମାଟିତଳୁ ମିଳିଛି ମହିଳା କନଷ୍ଟେବଳ ଶୁଭମିତ୍ରାଙ୍କ ଗଳିତ ଶବ। କମିଶନରେଟ ପୁଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ କନଷ୍ଟେବଳ ଦୀପକ ରାଉତ ସମ୍ପୃକ୍ତ ମହିଳା କନଷ୍ଟେବଳଙ୍କୁ ରାଜଧାନୀରେ ହତ୍ୟା କରି ଘଟଗାଁରେ ପୋତିଥିବା ପ୍ରମାଣ ମିଳିଛି। ନିଖୋଜ ଓ ଅପହରଣ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ପୁଲିସ ଅଣଦେଖାର ମୂଲ୍ୟ ଶୁଭମିତ୍ରା ଓ ତାଙ୍କ ପରିବାରକୁ ଦେବାକୁ ପଡ଼ିଛି। ପ୍ରଥମ ପତ୍ନୀଙ୍କ ଦୁର୍ଘଟଣାଜନିତ ସନ୍ଦିଗ୍ଧ ମୃତ୍ୟୁ ପରେ କୋଟିଏ ଟଙ୍କାର ବୀମା ପାଇଥିବା କମିଶନରେଟ ପୁଲିସର କନଷ୍ଟେବଳ ଦୀପକ ରାଉତ ପୁଣି କୋଟିଏ ଟଙ୍କା ବୀମାରାଶି ହାତେଇବାକୁ କନଷ୍ଟେବଳ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ କମିଶନର୍ ସୁରେଶ ଦେବଦତ୍ତ ସିଂହଙ୍କ କାର୍ଯ୍ୟାଳୟର ଜଣେ ପୁଲିସ କର୍ମଚାରୀ ଏହି ଘଟଣାରେ ଜଡ଼ିତ ଥିବା ପୁଲିସର ଭୂମିକା ଓ ଚରିତ୍ରକୁ ସନ୍ଦେହରେ ପକାଇଛି। ୧୦ଲକ୍ଷ ଟଙ୍କା ନେଣଦେଣ ପାଇଁ ଉଭୟଙ୍କ ମଧ୍ୟରେ କଳିରୁ ଏହି ଘଟଣା ଘଟିଥିବା ▸ପୃଷ୍ଠା-୭

### ୧୧ ଦିନ ପରେ ଗଳିତ ଶବ ଜବତ; ୩ ଗିରଫ






**ସନ୍ଦେହଘେରରେ ପ୍ରଥମ ପତ୍ନୀଙ୍କ ମୃତ୍ୟୁ; ପାଇଥିଲେ ୧ କୋଟିର ଦୁର୍ଘଟଣା ବୀମା ରାଶି**

**ଆଉ କୋଟିଏ ଟଙ୍କା ପାଇଁ ଶୁଭମିତ୍ରାଙ୍କୁ ହତ୍ୟା ସନ୍ଦେହ**

**କେତୋଟି ଅବୋଧ ପ୍ରଶ୍ନ**

- ଅପହରଣ ପରିବର୍ତ୍ତେ ନିଖୋଜ ମାମଲା ରୁଜୁ ହେଲା କାହିଁକି ?
- ତଦନ୍ତରେ ପୁଲିସର ଅବହେଳା ପଛରେ କେଉଁ ରହସ୍ୟ ରହିଛି?
- ଦୀପକ ରାଉତଙ୍କୁ ସୁରକ୍ଷା ଦେବାରେ କମିଶନରେଟ ପୁଲିସର ଭୂମିକା?

### ଗୃହ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ: ନବୀନ



■ ଭୁବନେଶ୍ୱର, ୧୭।୯ (ସମିସ): କମିଶନରେଟ ପୁଲିସରେ କାର୍ଯ୍ୟରତ ୨୫ ବର୍ଷୀୟ ମହିଳା କନେଷ୍ଟବଳ ରାଜଧାନୀରୁ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମିଳିବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ତାଙ୍କୁ ଅତ୍ୟନ୍ତ ବ୍ୟଥିତ ଓ ଚକିତ କରିଥିବା ଉଲ୍ଲେଖ କରି ଗୃହ ବିଭାଗ କୁମ୍ଭକର୍ଣ୍ଣ ନିଦରୁ ଉଠୁ ବୋଲି ନବୀନ କହିଛନ୍ତି। 'ଏକ୍ସ'ରେ ନବୀନ କହିଛନ୍ତି ଯେ ଭୁବନେଶ୍ୱର ଟ୍ରାଫିକ୍ ଡିସିପି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କନେଷ୍ଟବଳ ଶୁଭମିତ୍ରା ସାହୁ ସେପ୍ଟେମ୍ବର ୬ ତାରିଖରେ ଡ୍ୟୁଟି ସାରି ଘରକୁ ଫେରି ନ ଥିଲେ। ତାଙ୍କ ମାଆ ୭ ▸ପୃଷ୍ଠା-୭

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ଟିମ୍

- ନକଲି ପ୍ରମାଣପତ୍ର ଅଭିଯୋଗର ଖୋଳତାଡ
- ଅସତ ଉପାୟରେ ଚାକିରି କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଛାନିଆଁ



**ବଲାଙ୍ଗିର,୧୭ ।୯ (ସମିସ):** ବଲାଙ୍ଗିର ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ କ୍ରାଇମବ୍ରାଞ୍ଚ ପଶିଛି । ନକଲି ପ୍ରମାଣପତ୍ର ମାମଲାରେ ଛାନଭିନ କରିବା ପାଇଁ କ୍ରାଇମବ୍ରାଞ୍ଚର ଏକ ଟିମ୍ ବଲାଙ୍ଗିରରେ ପହଞ୍ଚିଛି । କ୍ରାଇମବ୍ରାଞ୍ଚ ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟର କର୍ମଚାରୀଙ୍କୁ କିଛି ନିର୍ଦ୍ଦିଷ୍ଟ ହାଇସ୍କୁଲ ଶିକ୍ଷକଙ୍କ ପ୍ରମାଣ ପତ୍ର ବିଷୟରେ ପଚରାଉଚୁରା କରିଛନ୍ତି ।

ରାଜ୍ୟ ତଥା ବଲାଙ୍ଗିର ଜିଲ୍ଲାରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ନକଲି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ପର୍ଯ୍ୟାୟ କ୍ରମେ ପ୍ରମାଣପତ୍ର ଯାଞ୍ଚ କରିବା ପରେ ନକଲି ପ୍ରମାଣପତ୍ରଧାରୀଙ୍କ ବିରୋଧରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି । କିଛି ଗିରଫ ହୋଇଥିବା ବେଳେ ଆଉ କିଛି ବହିଷ୍କୃତ ମଧ୍ୟ ହୋଇଛନ୍ତି । ତଥାପି ଏବେ ବି ଜିଲ୍ଲା ଶିକ୍ଷା ବିଭାଗ ଅଧୀନରେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି; ଯେଉଁମାନଙ୍କ ଶିକ୍ଷାଗତ ପ୍ରମାଣ ପତ୍ର ନକଲି କିମ୍ବା ଅବୈଧ ଥିବା ଅଭିଯୋଗ ହୋଇଛି । ତେବେ ବୁଧବାର ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ବଲାଙ୍ଗିର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । କାର୍ଯ୍ୟାଳୟର କିଛି କର୍ମଚାରୀ ଓ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ଶିକ୍ଷକଙ୍କ ନକଲି ପ୍ରମାଣପତ୍ର ଲିଙ୍କରେ ଖୋଳତାଡ କରିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଆସିଥିଲା । ତାଙ୍କ ହାତରେ ସେହିଭଳି କିଛି ସ୍ୱଷ୍ଟ ସୁରାକ ମିଳି ନ ଥିବା ଜଣାପଡିଛି । ତେବେ କ୍ରାଇମବ୍ରାଞ୍ଚ ଟିମର ଖୋଳତାଡ ପରେ ଏବେ ଜିଲ୍ଲାରେ ଚାକିରି କରୁଥିବା ନକଲି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଛନକା ପଶିଛି ।

# ସାମାଜିକ ଗଣମାଧ୍ୟମରେ ଚାକିରି ଠକେଇ ଷଡଯନ୍ତ୍ର

**ବଲାଙ୍ଗିର,୧୭ ।୯ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଚାକିରି ନାମରେ ଖୋଲାଖୋଲି ଠକେଇ ଚାଲିଛି । କେବଳ ସରକାରୀ ଚାକିରି ନାମ ନୁହଁ; ଜିଲ୍ଲା ପ୍ରଶାସନର ନାମ ନେଇ ଓଡିଶା ସରକାରଙ୍କ ଲୋଗୋ ବ୍ୟବହାର କରି ଏହି ଠକେଇ ଚାଲିଥିବା ଅଭିଯୋଗ ହୋଇଛି । ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଏକାଧିକ ପଦବୀରେ ଚାକିରି କରିବା ପାଇଁ ଆଶାର୍ଥୀଙ୍କୁ ଯୋଗାଯୋଗ କରିବା ପାଇଁ ଏକ ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ବୁଲୁଥିବା ଦେଖିବାକୁ ମିଳିଛି । ଗତ କିଛି ମାସ ହେଲା ଶହ ଶହ ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଜିଲ୍ଲା ପ୍ରଶାସନର ନାମ ଓ ଓଡିଶା ସରକାରଙ୍କ ଲୋଗୋକୁ ଭରସା କରି ଅନେକ ବେକାର ଯୁବକ ଯୁବତୀ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରି ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି । ତେବେ ପ୍ରଶାସନକୁ ଅସ୍ତ୍ର କରି ଚାଲିଥିବା ଏହି ଠକେଇ ପ୍ରତି କିନ୍ତୁ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱ ନାହିଁ ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତରଖାନାରେ ଚାକିରି ନାମରେ ଠକେଇ ଚାଲିଛି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଖାଲିପଡିଥିବା ସିକ୍ୟୁରିଟି ଗାର୍ଡ, ସିକ୍ୟୁରିଟି ସୁପରଭାଇଜର, ଆଟେଣ୍ଡାଣ୍ଟ, ସ୍ୱିପର ଆଦି ବିଭିନ୍ନ ପଦବୀ ଲାଗି ଏହି ବିଜ୍ଞାପନ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି । ଏହି ବିଜ୍ଞାପନରେ ସ୍କିଲ ଇନ ଓଡିଶା ଓ ଏନଏଚଏମର ସରକାରୀ ଲୋଗୋ ବ୍ୟବହାର କରାଯାଇଛି । ଏହା ସହିତ ଓଡିଶା ଶାସନ ଲୋଗୋ ଓ ଜିଲ୍ଲା ପ୍ରଶାସନର ନାମକୁ ମଧ୍ୟ ବ୍ୟବହାର କରାଯାଇଛି । ବିଜ୍ଞାପନ ଅନୁସାରେ ଟିଟଲାଗଡ, ତୁଷରା, ଦେଓଗାଁ, ତୁରେକେଲା, ପାଟଣାଗଡ, ଆଗଲପୁର, କଣ୍ଟାବାଞ୍ଜି, ବଙ୍ଗୋମୁଣ୍ଡ, ଲୋଇସିଂହାରେ ଥିବା ପିଏସସି, ସିଏଚସି ଓ ଡିଏଚଏଚରେ ଖାଲିଥିବା ପଦବୀ ପୂରଣ କରାଯିବ ବୋଲି ଦର୍ଶାଯାଇଛି । ସେହିପରି ୨୨୮ ଟି ସିକ୍ୟୁରିଟି ଗାର୍ଡ, ୪୮ ଟି ସିକ୍ୟୁରିଟି ସୁପରଭାଇଜର, ୧୧୬ଟି ୱାଚମ୍ୟାନ, ୨୬ଟି ୱାଚମ୍ୟାନ ସୁପରଭାଇଜର, ୧୨ଟି ବେବି କେୟାର, ୬୬ଟି ଆଟେଣ୍ଡାଣ୍ଟ ପଦବୀ ଖାଲିଥିବା ଏହି ବିଜ୍ଞାପନ ଦର୍ଶାଯାଇଛି । ଏଥିପାଇଁ ପଦବୀ ଅନୁସାରେ ଦରମା ସହ ଇପିଏଫ, ଇଏସଆଇ, ବୋନସ ଓ ପେନସନ ସୁବିଧା ମଧ୍ୟ ରହିଥିବା କୁହାଯାଉଛି । ଆବେଦନ କରିବା ପାଇଁ ଏକ ମୋବାଇଲ ନମ୍ବର ମଧ୍ୟ ଦିଆଯାଇଛି । ଯାହାକୁ ବ୍ୟବହାର କରି ଅନେକ ବୋକର ଯୁବକ ଯୁବତୀ ଠକେଇର ଶିକାର ହୋଇସାରିଥିବା ଅଭିଯୋଗ ହୋଇଛି । କିନ୍ତୁ ଲୋକଲଜ୍ଜା ଓ ଟଙ୍କା ଫେରସ୍ତ ପାଇବା ଆଶାରେ ଥାନାକୁ ଯାଇ ଅଭିଯୋଗ କରୁ ନ ଥିବା ଜଣାପଡିଛି । ତେବେ ଏଠି ପ୍ରଶ୍ନ ଏହି ବିଜ୍ଞାପନର ସତ୍ୟତା କେତେ । ସତରେ ଡାକ୍ତରଖାନାରେ ଏହି ସବୁ ଖାଲିପଡିଛି ନା ଆଉଟସୋର୍ସିଂ ଏଜେନ୍ସି ଦ୍ୱାରା ଏହି ନିଯୁକ୍ତି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଯଦି କୌଣସି ସୂଚନା ସତ୍ୟ ନୁହଁ ତେବେ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କାହିଁକି କୌଣସି ପଦକ୍ଷେପ ନେଇନାହିଁ । ସରକାରୀ ଲୋଗୋ ଓ ନାମ ନକଲ କରି ଏହିଭଳି ଠକେଇ କରିବା ସଂପୂର୍ଣ୍ଣ ଭାବେ ବେଆଇନ; କିନ୍ତୁ କେମିତି ଏକାଧିକ ବ୍ୟକ୍ତି ଏହିଭଳି ବିଜ୍ଞାପନ ଦେଇ ମାସ ମାସ ହେଲା ବେକାର ଯୁବକ ଯୁବତୀଙ୍କୁ ଠକେଇ କରିବାକୁ ଷଡଯନ୍ତ୍ର ଚଳାଇଛନ୍ତି ତାହା ସବୁଠାରୁ ବଡ ପ୍ରଶ୍ନ ହୋଇ ରହିଛି । ବିଶେଷ କରି ସ୍ୱାସ୍ଥ୍ୟ ବିଭାଗ ନାମରେ ଏହିଭଳି ଠକେଇ ଅଧିକ ଚାଲିଥିବା ଅଭିଯୋଗ ହୋଇଛି । ପୂର୍ବରୁ ମଧ୍ୟ ବଲାଙ୍ଗିର ଜିଲ୍ଲାରେ ଚାକିରି ନାମରେ ଠକେଇ ଅଭିଯୋଗର ଲମ୍ବା ତାଲିକା ରହିଛି ।

ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉନି । ଏହିଭଳି ନକଲି ବିଜ୍ଞାପନ, ଚାକିରି ବିଜ୍ଞାପନରେ ସରକାରୀ ଲୋଗୋ ନକଲ କରିବା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ କ'ଣ ପାଇଁ ଚୁପ୍ ତାହା ଲୋଚଙ୍କ ଭିତରେ ପ୍ରଶ୍ନ ସୃଷ୍ଟି କରିଛି ।


ଓଡ଼ିଶାରେ ଆସିଯାଇଛି ନିଯୁକ୍ତି ମେଳା
Skilled in ODISHA
ବଲାଙ୍ଗୀର
CHC, PHC, DHH ହସ୍ପିଟାଲ ନିଯୁକ୍ତି ବିଜ୍ଞାପନ !!
[ ଟିଟଲାଗଡ, ତୁଷରା, ଦେଓଗାଁ, ତୁରେକେଲା, କଣ୍ଟାବାଞ୍ଜି, ପାଟଣାଗଡ, ଆଗଲପୁର, ସଇଁତଳା, ବଙ୍ଗୋମୁଣ୍ଡ, ଲୋଇସିଂହା ]

| sl.no | ପଦବୀ : | ଯୋଗ୍ୟତା: | ଖାଲି ପୋଷ୍ଟ: | ଦରମା: |
|---|---|---|---|---|
| ୧. | ସିକ୍ୟୁରିଟି ଗାର୍ଡ | ୮ ପାସ୍ | ୨୨୮ | ୧୫,୨୦୦/- |
| ୨. | ସିକ୍ୟୁରିଟି ସୁପରଭାଇଜର | ୮ ପାସ୍ | ୪୮ | ୧୭,୨୦୦/- |
| ୩. | ୱାଚମ୍ୟାନ | ୮ ପାସ୍ | ୧୧୬ | ୧୨,୨୦୦/- |
| ୪. | ୱାଚମ୍ୟାନ ସୁପରଭାଇଜର | ୧୨ ପାସ୍ | ୨୬ | ୧୯,୨୦୦/- |
| ୫. | ବେବି କେୟାର | ୮ ପାସ୍ | ୧୨ | ୧୩,୨୦୦/- |
| ୬. | ଆଟେଣ୍ଡାଣ୍ଟ | ୮ ପାସ୍ | ୬୬ | ୧୫,୨୦୦/- |

କର୍ମଚାରୀ ମାନଙ୍କ ପାଇଁ ସୁବିଧା :- EPF-ESIC, ବୋନସ, ପେନସନ ଇତ୍ୟାଦି !!
Cantact - [illegible]
ଜିଲ୍ଲା ପ୍ରଶାସନ: ବଲାଙ୍ଗୀର,ଓଡ଼ିଶା :

- ଘୁରି ବୁଲୁଛି ନକଲି ଡାକ୍ତରଖାନା ଚାକିରି ବିଜ୍ଞାପନ
- ପ୍ରଶାସନ ଓ ସରକାରୀ ଲୋଗୋର ଅପବ୍ୟବହାର
- କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସ୍ୱାସ୍ଥ୍ୟ ବିଭାଗ ଚୁପ୍
- ବିଜ୍ଞାପନର ସତ୍ୟତା ନେଇ ଲୋକଙ୍କ ଭିତରେ ପ୍ରଶ୍ନ
- ଚାକିରି ପାଇଁ ଟଙ୍କା ଗଣି ଠକେଇର ଶିକାର ହେଉଛନ୍ତି ବେକାର

## କୁନି ଝିଅର କମାଲ
# ଫେସନ ଶୋ'ରେ ଚକମିଲେ ଚର୍ଚ୍ଚିକା

**ସଇଁତଲା,୧୭ ।୯ (ସମିସ):** ଇଚ୍ଛା ଥିଲେ ଦୁନିଆଁରେ ସବୁ ସମ୍ଭବ । କଠିନ ପରିଶ୍ରମ ଓ ପରିବାର ଲୋକଙ୍କ ସହଯୋଗ ରହିଲେ ଦୁନିଆଁରେ କୌଣସି ଶକ୍ତି ନାହିଁ ପଛରେ ପକାଇ ପାରିବ । ଏଭଳି ଏକ ୬ ବର୍ଷର କୁନି ଝିଅକୁ ନେଇ ଏବେ ଗାଁ ଠୁଁ ସହର ବେଶ୍ ଚର୍ଚ୍ଚା । ଜୁନିୟର (କିଡ୍ସ )ବ୍ୟୁଟି ଆଇକନ ଇଣ୍ଡିଆ ଫେସନ ଶୋ'ରେ ଏହି କୁନି ଝିଅଟି କମାଲ କରିଛି । ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଘୁନସର ଗାଁର ଅବସରପ୍ରାପ୍ତ ଯବାନ ତେଜରାଜ ବେହେରା ଓ କୁନି ବେହେରାଙ୍କ ନାତୁଣୀ ତଥା ସଂଜୀବ ବେହେରା ଓ ରୁକ୍ମିଣୀ ବେହେରାଙ୍କ ଏକମାତ୍ର ଝିଅ ଚର୍ଚ୍ଚିକା ରାଣୀ ବେହେରା (୬) । ସାରା ଭାରତର ବିଭିନ୍ନ ରାଜ୍ୟରୁ ଅନେକ ବ୍ୟୁଟିମାନଙ୍କୁ ନେଇ ଏହି ଫେସନ ଶୋ' ଆୟୋଜିତ ହୋଇଥିଲା । ରାୟପୁର ଆର୍ନା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବ୍ୟୁଟି ଆଇକନ ଇଣ୍ଡିଆ ସିଜନ -୬ରେ ଚର୍ଚ୍ଚିକା ଟପ୍ପର ହୋଇଛନ୍ତି । କାର୍ଯ୍ୟକ୍ରମରେ ୩ଟି ରାଉଣ୍ଡ ହୋଇଥିଲା । ତିନିଟିଯାକ ରାଉଣ୍ଡରେ ଚର୍ଚ୍ଚିକା ବିଜୟ ହୋଇ ସ୍ୱର୍ଣ୍ଣ ମୁକୁଟ ହାସଲ କରିଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ହୀରାକୁଦ ସେଣ୍ଟ ଜାଭିୟର ସ୍କୁଲରେ ୟୁକେଜିରେ ପାଠ ପଢ଼ନ୍ତି ଚର୍ଚ୍ଚିକା । ମଡେଲିଂରେ ଚର୍ଚ୍ଚିକାଙ୍କୁ ସଙ୍ଗମ ପାତ୍ର ଟ୍ରେନିଂ ଦିଅନ୍ତି ।


ପିନ୍ଧିଲେ ବିଜୟର ମୁକୁଟ

# 'କଣ୍ଟାବାଞ୍ଜି ଜିଲ୍ଲା ଆମର ଦାବି'

**କଣ୍ଟାବାଞ୍ଜି,୧୭ ।୯ (ସମିସ):** କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲ୍ଲା ଘୋଷଣା ଦାବି ନେଇ ପୁଣି ଗୋଡ଼ ଟେକିଛି କଣ୍ଟାବାଞ୍ଜି ଜିଲ୍ଲା ସଂଘର୍ଷ ସମିତି । ଏହାକୁ ନେଇ ସ୍ଥାନୀୟ ଅଗ୍ରସେନ ଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର୍ଷ ସମିତିର ସଭାପତି ଶେଷଦେବ ପୁଟେଲଙ୍କ ଆବହକତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । କଣ୍ଟାବାଞ୍ଜିକୁ ବିଜେପି ସରକାର ଅଣଦେଖା କରିଛି । ଜିଲ୍ଲା ଦାବିକୁ ଆହୁରି ତୀବ୍ର କରାଯିବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ପ୍ରଥମେ ସମସ୍ତ ସଦସ୍ୟ 'କଣ୍ଟାବାଞ୍ଜି ଜିଲ୍ଲା ଆମର ଦାବି' ନାରା ଦେଇଥିଲେ । ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ନ ହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ସମସ୍ତ ସଦସ୍ୟ ଅଟଳ ଅଛନ୍ତି । ବୈଠକରେ ବରିଷ୍ଠ ସଦସ୍ୟ ବ୍ରଜଶ୍ୟାମ ଗୁରୁ, କୈଳାସ ଦୀପ, ଅଜୟ ଅଗ୍ରୱାଲ, ଧିରାଜ ଅଗ୍ରୱାଲ, ନରେନ୍ଦ୍ର ସୁନା, ରାମଚନ୍ଦ୍ର ସାହୁ, ଏନଏସି ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ଦାମୋଦର ସାହୁ, ହରିହର ବାଗ, ଆଶିଷ ଖାଇତାନ, ରାଜୁ ବାରିକ, ବେଦବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ପ୍ରେମ ବାଗ, ଦେବରାଜ ଯାଦବ, ଦେବାର ବାରିକ, କୁଞ୍ଜ ବିହାରୀ ବେହେରା, ସୋମନାଥ ସାହୁ, ରାଜୁ ବାରିକ, ଦୁଃଖିଶ୍ୟାମ ରାଏ, ଚିନ୍ମୟ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ ।



# ମାଣିକ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୧୭ ।୯ (ସମିସ):** ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ ବର୍ଷ ପୂରଣ ଅବସରରେ ମାଣିକ୍ୟ ଜୟନ୍ତୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ କପିଳ ପତି ଅଧ୍ୟକ୍ଷତା କରିଥିଲେ । ସଭାରେ ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ଚୁଡେନ୍ଦ୍ର ବେହେରା, ଭୀମସେନ ସାହୁ, ପ୍ରଦୀପ ପଶାୟତ, ହୃଷିକେଶ ପୁରୋହିତ, ଧର୍ମବ୍ରତ ରଥ, ଡ. ପ୍ରେମାନନ୍ଦ ମହାନ୍ତି, ରତ୍ନମୟ ତ୍ରିପାଠି, ମଧୁ ସାହୁ, ତରୁଣ ପରିଚ୍ଛା ଓ ମଦନ ମୋହନ ରଥ ଉପସ୍ଥିତ ଥିଲେ । ଶେଷରେ ଉପ-ସଭାପତି ସୁନାଧର ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ୍ ମାଲିକ ସଂଘ ବିଶ୍ୱକର୍ମା ପୂଜା



**ବଲାଙ୍ଗିର,୧୭ ।୯ (ସମିସ) :** ବଲାଙ୍ଗିର ଜିଲ୍ଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ସଭାପତି ବିରେନ୍ଦ୍ର ମିଶ୍ର, ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ, ଅନୀଲ ମହାନ୍ତି, ତ୍ରିନାଥ ପାତ୍ର, ସନ୍ତୋଷ ସାହୁ, ଦିଲ୍ଲୀପ ପୃଷେଠ, ସନତ ପୁରୋହିତ, ପାଖର ସିଂ, ବଲବୀର ସିଂ, ଆର୍ଯ୍ୟ ଯୋଷୀ , ନରୋତ୍ତମ ଡ଼ାଙ୍ଗ, ରବି ତ୍ରିପାଠୀଙ୍କ ସହ ସଂଘ ସଦସ୍ୟ ଉପସ୍ଥିତ ଥିଲେ । ଅଭିଷେକ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଶଙ୍କର୍ଷଣ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ । ରୁଦ୍ରନାରାୟଣ ମିଶ୍ର ଓ ସୁବାଷ ଥାଟି ପୂଜା ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବ ଶିକ୍ଷକଙ୍କ ଦେହାନ୍ତ



**ଜୁନାଗଡ, ୧୭ ।୯,(ସମିସ):** ଉଦୀୟମାନ ଯୁବବିଜ୍ଞାନ ଶିକ୍ଷକ ବିପ୍ଳବ ବେହେରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ତାଙ୍କ ଗାଁ ବୁଢୀପଦର ଗ୍ରାମର ଭତ୍ରଯୋର ନିକଟ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି । କଳାହାଣ୍ଡି ଜିଲ୍ଲାର ବିଶିଷ୍ଟ ସିପିଆଇ ନେତା ଦାମୋଦର ବେହେରା ଓ ସ୍ୱାସ୍ଥ୍ୟକର୍ମୀ ବିଦୁଲତା ବେହରାଙ୍କ ସେ ଏକମାତ୍ର ପୁଅ । କିଛି ଦିନ ତଳେ ବିପ୍ଳବ ମାଲ ଗାଁ ଉଚ୍ଚବିଦ୍ୟାଳୟରେ ଶିକ୍ଷାଦାନ ସାରି ଫେରୁଥିବା ବେଳେ ୨୬ ନମ୍ବର ଜାତୀୟ ରାଜପଥ କନ୍ଧବାନ୍ଧୋପଲା ନିକଟରେ ଅଗଷ୍ଟ ୧୯ ତାରିଖରେ ଏକ ଇନୋଭା ଧକ୍କାରେ ଗୁରୁତର ଆହତ ହୋଇଥିଲେ । ଗୁରୁତର ଆହତ ହୋଇ ବିପ୍ଳବ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ମାତ୍ର ଡାକ୍ତରମାନଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଥିଲା ।

# ୪ରୁ ସୁଟିଂ କ୍ୟାମ୍ପ

**ବଲାଙ୍ଗିର,୧୭ ।୯ (ସମିସ):** ବଲାଙ୍ଗିର ଜିଲ୍ଲା ରାଇଫଲ ସଂଘ ତରଫରୁ ସୁଟିଂ କ୍ୟାମ୍ପ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଇଫଲ ସଂଘର ସଭାପତି ଅର୍କେଶ ନାରାୟଣ ସିଂଦେଓଙ୍କ ନିର୍ଦ୍ଦେଶ ଅନୁସାର ଆସନ୍ତା ୪ ତାରିଖରୁ ୪ ଦିନ ଧରି ବଲାଙ୍ଗିର ଆର୍‌ଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସରେ ସୁଟିଂ କ୍ୟାମ୍ପ ଆୟୋଜିତ ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ରାଇଫଲ ସଂଘ ସଂପାଦକ ନିହାର ରଞ୍ଜନ ସ୍ୱାଇଁ ସବିଶେଷ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନିହାର ରଂଜନ ସ୍ୱାଇଁ, ଦେବଦତ୍ତ ବେହେରା, ଗୁଞ୍ଜି ଖାନ, ଅଫ୍ ତାପ ହୁସେନ, ସୁମିତ୍ ପୁରୋହିତ, ମୁନା ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଟାଙ୍ଗିଆ ଚୋଟରେ ମା'ର ଜୀବନ ଗଲା

**ଭବାନୀପାଟଣା,୧୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ସାନଧାରପୁର ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ନିଜ ମା'କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଘଟଣା ଆଲୋଡନ ସୃଷ୍ଟି କରିଛି । ପୁଲିସ ଅଭିଯୁକ୍ତ ପୁଅ ଭୁବନ ବିଶ୍ୱାଳ (୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ସାନଧାରପୁର ଗାଁର କଳ୍ପନା ଭତ୍ତା ଟଙ୍କା ପାଇଥିଲା । ମଙ୍ଗଳବାର ମଦ ପିଇବା ପାଇଁ ପୁଅ ଭୁବନ ମା' କଳ୍ପନା ବିଶ୍ୱାଳ (୫୯)ଙ୍କୁ ଟଙ୍କା ମାଗିଥିଲା ହେଲେ ମା' ଟଙ୍କା ନ ଦେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଭୁବନ ଏକ ଧାରୁଆ ଟାଙ୍ଗିଆରେ ମା' କଳ୍ପନାକୁ ହାଣି ହତ୍ୟା କରି ନିଜ ଘର ଭିତରେ କବାଟ ବନ୍ଦ କରି ରହିଥିଲା । ଖବର ପାଇ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀଙ୍କ ନେତୃତ୍ୱରେ ପୁଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ହତ୍ୟାକାରୀ ଭୁବନକୁ ଗିରଫ କରିଛି । ମଙ୍ଗଳବାର ରାତି ହୋଇଯିବାରୁ ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଅଭିଯୁକ୍ତ ପୁଅ ଭୁବନକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି ।

# ତରଭାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା



**ତରଭା,୧୭ ।୯ (ସମିସ):** ତରଭା ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉତ୍ସାହର ସହ ପାଳିତ ହୋଇଛି । ତରଭା ବିଦ୍ୟୁତ କାର୍ଯ୍ୟାଳୟ, ୟୁନିଭରସାଲ ଡ୍ରାଇଭର ସଂଘ କାର୍ଯ୍ୟାଳୟ, ଶ୍ରୀ ରାମଚଣ୍ଡୀ କ୍ରସର, ମା' ମେଟାକାନି କ୍ରସର, ବୈରାସର ଅଟୋ ଚାଳକ ସଂଘ ସହ ବିଭିନ୍ନ କଳ କାରଖାନାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଥିଲା । ତରଭା ବିଦ୍ୟୁତ କାର୍ଯ୍ୟାଳୟରେ ସେକ୍ସନ ଅଧିକାରୀ ସୁନୀଲ ରାଉଳଙ୍କ ତତ୍ତ୍ୱାବଧାନରେ ସର୍ଜନ ବାରିକ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ସନ୍ତୋଷ ହୋତା ପୂଜାର୍ଚ୍ଚନା କରିଥିଲେ । ରାମ ନାଏକ, ପରେଶ ପାକଳ, ଅନନ୍ତ ନାଏକ, ଶମ୍ଭୁ ମିଶ୍ର, ପବିତ୍ର ସାହୁ, ସରୋଜ ମହଲା, ଦିଲୀପ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ । ଡୁମ୍ରେଇବାହଲ ଗ୍ରୀଡରେ ପୂଜକ ଭାବେ ହୃଷିକେଶ ଶତପଥୀ ଓ କର୍ତ୍ତା ଭାବେ ଭରତ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ । ବଘିଆ ଗ୍ରୀଡରେ ପୂଜକ ରାଜୁ ମହାପାତ୍ର ଓ କର୍ତ୍ତା ଭାବେ ସନ୍ତୋଷ ସେଠୀ ଏବଂ ଚାରାଭଟା ଗ୍ରୀଡରେ ପୂଜକ ମୀନକେତନ ଷଢଙ୍ଗୀ ଓ କର୍ତ୍ତା ଭାବେ ବୀରକିଶୋର ରଣା ଦାୟିତ୍ୱ ତୁଲାଇ ଥିଲେ । ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ସହିତ ଗ୍ୟାରେଜ ଓ ଫେବ୍ରିକେଶନ ଆଦି ସ୍ଥାନରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା ହୋଇଥିଲା । ପୂଜା ମଣ୍ଡପରେ ନିଜ ନିଜ ଯାନବାହନ ପୂଜା କରାଇବା ପାଇଁ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ଜୟନ୍ତୀ

**ଡୁଙ୍ଗୁରିପାଲି,୧୭ ।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଏସସି ଏସଟି ଷ୍ଟଲ ପରିସରରେ ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଓବିସି ସମାଜର ଡୁଙ୍ଗୁରିପାଲିର ମୁକୁନ୍ଦ ମେହେର ଇଭି ରାମସ୍ୱାମୀ ପେରିୟାର ନାୟକଙ୍କ ଫଟୋରେ ଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରି ଏହି ମହା ପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଡୁଙ୍ଗୁରିପାଲି ବ୍ଲକର ଲକ୍ଷେଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ, ଆଇନଜୀବୀ ଲକ୍ଷ୍ମଣ ଭରାସାଗର, ଗଣ୍ଡା ସମାଜର ପୂର୍ବତନ ସଭାପତି ଗରିବ ବାଗ, ପଦ୍ମନାଭ ବାଗ, ବିଶ୍ୱସେଠି, ରାଜୁ ତାଣ୍ଡି, ସୁନାରାମ ବାଗ, ଉତ୍ତମ ତାଣ୍ଡି, ଭାଗୀରଥି ବାଗ ପ୍ରମୁଖ ନିଜ ନିଜର ମତାମତ ମତପ୍ରକାଶ କରିଥିଲେ ।

# ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ

**ବୌଦ୍ଧ,୧୭ ।୯ (ସମିସ):** ପୁରୁଣା କଟକ ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୮ ଜନ୍ମଦିବସ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ରାଜକିଶୋର ମେହେର, ତ୍ରିଲୋଚନ ପାତ୍ର, ଦେବରାଜ ସାହୁ, ପ୍ରବୀଣ ସାହୁ, ସଞ୍ଜୟ ଦେହୁରୀ, ପ୍ରତିଭୂ ପାଢ଼ୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



# ଶେଷରେ ଗିରଫ ହେଲେ ବିଜେପି ନେତା ଟିଣ୍ଟୁ ଅଗ୍ରୱାଲ

'ସକାଳ' ପ୍ରଭାବ

- ନିଜ ସାଙ୍ଗର ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା
- ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିଲେ
- ଗିରଫରୁ ବର୍ତ୍ତିବାକୁ ସବୁ ପ୍ରକାର ବୁଦ୍ଧି ଲଗାଇଥିଲେ

**କଣ୍ଟାବାଞ୍ଜି,୧୭ ।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ବିଜେପି ନେତା ଟିଣ୍ଟୁ ଅଗ୍ରୱାଲଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଗିରଫ କରିଛି । ଆମପଡାସ୍ଥିତ ଏକ ଭଡା ଘରେ ସେ ତାଙ୍କ ସାଙ୍ଗର ସ୍ତ୍ରୀଙ୍କୁ ଦୁଷ୍କର୍ମ କରିଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ସେ ଫେରାର ଥିଲେ । ଗିରଫରୁ ବର୍ତ୍ତିବାକୁ ନିଜର ସବୁ ପ୍ରକାର ବୁଦ୍ଧି ଲଗାଇ ଦେଇଥିଲେ; ହେଲେ ତାଙ୍କ ଉଦ୍ଦେଶ୍ୟ ସଫଳ ହୋଇ ନ ଥିଲା । ଏଭଳିକି ସେ ରାଜନୈତିକ ଚାପ ମଧ୍ୟ ପକାଇବାକୁ ପଛାଇ ନ ଥିଲେ । ଅନପକ୍ଷେ ବିଜେପି ନେତା ଯୋଗୁ ପୁଲିସ ମଧ୍ୟ ପଛଘୁଞ୍ଚା ଦେଇଥିଲା । ଏ ନେଇ ବୁଦବାର ଦୈନିକ 'ସକାଳ'ରେ 'ବିଜେପି ନେତାଙ୍କୁ ଗିରଫ ପାଇଁ ଡରୁଛି ପୁଲିସ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଶେଷରେ ବାଧ୍ୟ ହୋଇ ପୁଲିସ ତାଙ୍କୁ ଗିରଫ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କଣ୍ଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷରେ ତାଙ୍କୁ ଷଡ଼ଯନ୍ତ୍ର କରି ମିଛ ଅଭିଯୋଗରେ ଫସା ଯାଇଛି ବୋଲି ଟିଣ୍ଟୁଙ୍କ ସ୍ତ୍ରୀ ସନ୍ତୋଷୀ ଅଗ୍ରୱାଲ କଣ୍ଟାବାଞ୍ଜି ଥାନାରେ ପାଲଟା ଅଭିଯୋଗ ଦେଇଛି ।



# ଏସ୍‌ପି ଅଫିସ୍ ଘେରିଲା ମହିଳା ବିଜେଡି




**ବଲାଙ୍ଗିର,୧୭ ।୯ (ସମିସ) :** ବିଜୁ ମହିଳା ଜନତା ଦଳ ମହିଳାମାନଙ୍କ ସୁରକ୍ଷା ନେଇ ସାରା ରାଜ୍ୟର ଏସ୍‌ପି ଅଫିସ ଘେରଉ କରିଛି । ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା ମହିଳା ବିଜେଡି ପକ୍ଷରୁ ମଧ୍ୟ ଏସପି ଅଫିସ୍ ଘେରଉ କରାଯାଇଛି । ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ରାଜ୍ୟ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ହିଂସା ଓ ଅତ୍ୟାଚାର ବିରୋଧରେ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । କର୍ମୀମାନେ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରୁ ଏକ ଶୋଭଯାତ୍ରାରେ ବାହାରି ବଲାଙ୍ଗିର ଏସପି ଅଫିସରେ ପହଞ୍ଚିଥିଲେ । ରାଜ୍ୟରେ ମହିଳା ସୁରକ୍ଷା ଏବଂ ନ୍ୟାୟ ବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ଦାବି କରିଥିଲେ । ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତୀ ବାଗ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଗୋପାଳ କର୍ଣ୍ଣ କଣ୍ଟାବାଞ୍ଜି ଥାନା ଅଧିକାରୀ



**କଣ୍ଟାବାଞ୍ଜି,୧୭ ।୯ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନାର ନୂଆ ଥାନା ଅଧିକାରୀ ଭାବେ ଗୋପାଳ ଚନ୍ଦ୍ର କର୍ଣ୍ଣ ଯୋଗ ଦେଇଛନ୍ତି । ଜଣେ ଯୁବ ଦକ୍ଷ ଥାନା ଅଧିକାରୀ ଭାବେ ତାଙ୍କ ପରିଚୟ ରହିଛି । ଅନ୍ୟପକ୍ଷେ କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରାଙ୍କ ସଇଁତଳା ଥାନା ଅଧିକାରୀ ଭାବେ ବଦଳି ହୋଇଛି ।

# କବାଡି, ଖୋ-ଖୋ ପ୍ରତିଯୋଗିତା

**ମୁରିବାହାଲ,୧୭ ।୯ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲେବେଡା ପାଟଣେଶ୍ୱରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଣ୍ଡର ୧୪-୧୭ ବ୍ଲକସ୍ତରୀୟ କବାଡି ଓ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୁରିବାହାଲ ବ୍ଲକର ସମସ୍ତ ଜୋନର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବିଇଓ ଶାନ୍ତନୁ ପଢିଆରି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଲେବଡ଼ା ସରପଞ୍ଚ ଦମୟନ୍ତୀ ହାତୀ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟର ଅଧ୍ୟକ୍ଷ ଦୁତିବାହନ ମୁନା, ଏସ୍‌ଏମ୍‌ସି ସଭାପତି ଡମ୍ବରୁଧର ମାଝୀ, ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା, କୁରଲୁବାହାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଘୁନାଥ ଗିରି ଯୋଗ ଦେଇଥିଲେ । କ୍ରୀଡା ଶିକ୍ଷକ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତେରାପନ୍ଥ ଯୁବପରିଷଦର ରକ୍ତଦାନ ଶିବିର

**ବେଲପଡ଼ା,୧୭ ।୯ (ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ତେରାପନ୍ଥ ଯୁବ ପରିଷଦ ପକ୍ଷରୁ ବୁଧବାର ମାରୱାଡ଼ି ଧର୍ମଶାଳାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବେଲପଡ଼ା ଥାନାଧିକାରୀ ଅନନ୍ତ ପଧାନ ମୁଖ୍ୟ ଅତଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ଅଭିଷେକ କିସାନ ଏବଂ ଶଙ୍କର ପ୍ରସାଦ ଜୈନ ଯୋଗ ଦେଇଥିଲେ । ଶିବିରରେ ସମୁଦାୟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ତେରାପନ୍ଥ ଯୁବ ପରିଷଦ ସଭାପତି ଦୀପକ ଜୈନ, ସମ୍ପାଦକ ହରିଶ ଜୈନ, ଆବାହକ ଗୌତମ ପ୍ରସାଦ ଜୈନ ସହଯୋଗ କରିଥିଲେ ।



ସକାଳ
THE SAKALA
ଗୁରୁବାର
୧୮ ସେପ୍ଟେମ୍ବର, ୨୦୨୫



# ଏସୀୟ କରାଟେ ଫେଡେରେସନ ଜଜ୍ - 'ଏ' ଯୋଗ୍ୟତା ଅର୍ଜନ କଲେ ରାଜୀବ

**ରାଉରକେଲା, ୧୭।୯ (ସମିସ):** ଏସିଆନ କରାଟେ ଫେଡେରେସନ (ଏ. କେ.ଏଫ) ଓ ଚୀନ କରାଟେ ସଂଘର ପକ୍ଷରୁ ଚାଇନାର ଶାଓଗୁନ ସହର ଠାରେ ୫ ରୁ ୭ ପର୍ଯ୍ୟନ୍ତ ୨୩ତମ ଏସିଆନ କ୍ୟାଡେଟ, ଜୁନିଅର ଓ



୨୧ ବର୍ଷରୁ କମ ବୟସ ବର୍ଗର ଏସିଆନ କରାଟେ ଚାମ୍ପିୟନସିପ-୨୦୨୫ ଆୟୋଜିତ ହୋଇଥିଲା। ଏହି ଅବସରରେ (ଏକେଏଫ) ପକ୍ଷରୁ ରେଫରୀ ଓ ଜଜ୍‌ମାନଙ୍କର ଅପଗ୍ରେଡେସନ ପରୀକ୍ଷା ଆୟୋଜିତ ହୋଇଥିଲା। ଏହି ପରୀକ୍ଷାରେ ଏସିଆ ମହାଦେଶର ବିଭିନ୍ନ ଦେଶର ପ୍ରାୟ ୨୫୦ ଜଣ ବରିଷ୍ଠ କରାଟେ ଅଫିସିଆଲମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ଆସୋସିଏସନ (ଓସ୍କା) ଓ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଦ୍ୱାରା ମନୋନୀତ ହୋଇ ରାଉରକେଲାର ରାଜୀବ କୁମାର ସିଂହ, ୭ମ ଡାନ ବ୍ଲାକବେଲ୍ଟ ଏହି ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତାର ସହ କୃତକାର୍ଯ୍ୟ ହୋଇ ଏସିଆ କରାଟେ ଜଜ -'ଏ' ର ଯୋଗ୍ୟତା ହାସଲ କରିଥିଲେ। ଆୟୋଜିତ ଚାମ୍ପିଅନସିପରେ ସେ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୨ରେ ଉଜ୍‌ବେଗିସ୍ଥାନ ଠାରେ ରାଜୀବ ଏସୀୟ ଜଜ-'ବି' ର ଯୋଗ୍ୟତା ଅର୍ଜନ କରିଥିଲେ। ଏହି ନୂତନ ଯୋଗ୍ୟତା କରାଟେ କ୍ରୀଡାର ବିକାଶ ପାଇଁ ତାଙ୍କୁ ଅଧିକ ସହାୟକ ବୋଲି କହିବା ସହ ରାଜ୍ୟରେ କରାଟେ କ୍ରୀଡାର ଉନ୍ନତି ପାଇଁ ନିଜକୁ ସର୍ବଦା ନିୟୋଜିତ କରିବେ ବୋଲି ରାଜୀବ କହିଛନ୍ତି ଏହି ସଫଳତା ପାଇଁ (କିଓ) ର ସଭାପତି ହାଂଶୀ ଭରତ ଶର୍ମା, ସମ୍ପାଦକ ସେନସେଇ ସଞ୍ଜୀବ ଜାଙ୍ଗରା, (ଓସ୍କା)ର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ. ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏସନର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସଂସ୍କୃତିକ ପରିଷଦ, ସହର ସେବା ସମିତି, ଚନ୍ଦ୍ରଶେଖର କ୍ରୀଡ଼ାସଂଘର କର୍ମକର୍ତ୍ତାମାନେ ରାଜୀବଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଓଏମ୍‌ସି ଖଣିରେ ସାଂସଦ ପ୍ରତିନିଧିଙ୍କ ଦାଦାଗିରି


# ଟ୍ରାନ୍ସପୋର୍ଟିଂ ଓ ଲୋଡିଂ ଦେବାକୁ ଧମକ!

**ରାଉରକେଲା, ୧୭।୯ (ସମିସ)**

ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ଦ୍ୱାରା ନିୟୋଜିତ ସାଂସଦ ପ୍ରତିନିଧିଙ୍କ ବ୍ୟବହାରରେ ଅତିଷ୍ଠ ହେବାରେ ଲାଗିଛନ୍ତି ଜିଲ୍ଲାବାସୀ। ନିକଟରେ ରାଉରକେଲାରେ ନିଜକୁ ସାଂସଦଙ୍କ ପ୍ରତିନିଧି ପରିଚୟ ଦେଉଥିବା ଜଣେ ବ୍ୟକ୍ତି କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଗାଳିଗୁଲଜ କରିଥିବା ଭିଡିଓ ଏବେ ଭାଇରାଲ୍ ହେଉଥିବା ବେଳେ ପୁଣି ଜଣେ ସାଂସଦଙ୍କ ପ୍ରତିନିଧି ଲହୁଣୀପଡ଼ା ଥାନା ଅଧୀନ ବରସୁଆଁ ଅଞ୍ଚଳର ବାଗୁନ୍ ଗାଗରାଇଙ୍କ ଟ୍ରାନ୍ସପୋର୍ଟିଂ ନେବା ଲାଗି ଖଣି ମାଲିକଙ୍କ ଉପରେ ନାଲି ଆଖି ଓ ଧମକଚମକ ଚର୍ଚ୍ଚାର ବିଷୟ ହୋଇଛି।

ସାଂସଦଙ୍କ ନାଁ ନେଇ ବିଜେପିର ସ୍ଥାନୀୟ ନେତା ବାଗୁନ୍ ଗାଗରାଇ ଲୋକାଲ ଲୋକଙ୍କୁ ଖଣି ଟ୍ରାନ୍ସପୋର୍ଟିଂ ଓ ଲୋଡିଂ ଦେବା ବାହାନାରେ ଖଣି ଟ୍ରାନ୍ସପୋର୍ଟିଂ କାରବାର ନିଜ ଦଖଲକୁ ନେବାକୁ ଦାଦାଗିରି ଆରମ୍ଭ କରିଛନ୍ତି। ବର୍ତ୍ତମାନ ଟ୍ରାନ୍ସପୋର୍ଟିଂ କରୁଥିବା ଟ୍ରାନ୍ସପୋର୍ଟରଙ୍କୁ ଅପସାରଣ କରି ଲୋକାଲ ଟ୍ରାନ୍ସପୋର୍ଟରଙ୍କୁ ଟ୍ରାନ୍ସପୋର୍ଟିଂ ଦେବାକୁ ସେ ଚିଠି ଖଣିମାଲିକଙ୍କୁ ଧମକଚମକ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ଗତ ୨୦୧୭ରେ ଜଣେ ଅଙ୍ଗନବାଡ଼ି ମହିଳାଙ୍କୁ ଦୁଷ୍କର୍ମ କରି ବାଗୁନ୍ ଜେଲ ଯାଇଥିବା ଖବର ଚର୍ଚ୍ଚା ଏବେବି ଲହୁଣୀପଡ଼ା ଅଞ୍ଚଳରେ ରହିଥିବା ବେଳେ ଜୁଏଲ ଓରାମ କିପରି ତାଙ୍କୁ ସାଂସଦ ପ୍ରତିନିଧି କଲେ ବୋଲି ପ୍ରଶ୍ନ ଉଠିଛି। ଗତ ୧୦ ତାରିଖରେ ସାଂସଦ ପ୍ରତିନିଧି ବାଗୁନ୍ ଗାଗରାଇ ତାଙ୍କ ଲେଟରପ୍ୟାଡ୍‌ରେ ଭୁବନେଶ୍ୱରର ମହାଶକ୍ତି

**ଅଙ୍ଗନବାଡ଼ି ମହିଳାଙ୍କୁ ଦୁଷ୍କର୍ମ କରି ଜେଲ ଯାଇଥିଲେ**




ଫର୍ଜିଂ ପ୍ରାଇଭେଟ ଲିମିଟେଡକୁ ଏକ ପତ୍ରଲେଖି ଖଣ୍ଡାଧାର କୁରୁମିତ୍ର ମାଇନ୍ସରେ ଟ୍ରାନ୍ସପୋର୍ଟିଂ କାର୍ଯ୍ୟରେ ନିୟୋଜିତ ମା' ଲକ୍ଷ୍ମୀ ଏବଂ ପିଇନଫ୍ରା ସଂସ୍ଥାକୁ ବାହାର କରିବାକୁ କହିଛନ୍ତି। ସେମାନଙ୍କ ସ୍ଥାନରେ ସ୍ଥାନୀୟ ଟ୍ରାନ୍ସପୋର୍ଟିଂ ସଂସ୍ଥା ଓରାମ୍ ଲଜିଷ୍ଟିକକୁ ନିୟୋଜିତ କରିବା ପାଇଁ ଚାପ ପ୍ରୟୋଗ କରିଛନ୍ତି। ନଚେତ୍ କୌଣସି ଅଘଟଣ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାର ଏକ ନକଲ ବଣାଇଁ ଏସ୍‌ଡିପିଓ ଏବଂ ଖଣ୍ଡାଧାର କୁରୁମିତ୍ର ମାଇନ୍ସକୁ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଗତ ୩ ତାରିଖରେ କୋଇଡା ଓଏମସିର ରିଜିଓନାଲ୍ ମ୍ୟାନେଜରଙ୍କୁ ବାଗୁନ୍ ଲେଖିଥିବା ଅନ୍ୟ ଏକ ପତ୍ରରେ ଟ୍ରାନ୍‌ସପୋର୍ଟିଂ କାର୍ଯ୍ୟ ସ୍ଥାନୀୟ ଲୋକଙ୍କୁ ନ ଦେଲେ ରାଜ୍ୟ ବାହାରକୁ ଯାଉଥିବା କଞ୍ଚାମାଲ ଚାଲାଣକୁ ବନ୍ଦ କରି ଦିଆଯିବ ଯିବ ବୋଲି ଧମକ ଦେଇଛନ୍ତି। ଯଦି କେହି ଟ୍ରାନ୍‌ସପୋର୍ଟର କିମ୍ବା ଫ୍ୟାକ୍ଟ୍ରି ମାଲିକ ଆଲୋଚନାକୁ ନ ଆସନ୍ତି ତେବେ ଟ୍ରାନ୍‌ସପୋର୍ଟିଂ ବନ୍ଦ କରିବାକୁ ସେ ଧମକ ଦେଇ ଏଥିରେ ଲେଖିଥିଲେ। ସେହିଭଳି, ଦେଓଝରର ଜେଏସ୍‌ପିଏଲ ମ୍ୟାନେଜର, ବିଲେଇପଦାଙ୍କୁ ସେହି ୩ ତାରିଖରେ ଆଉ ଏକ ଚିଠି କରିଥିଲେ ବାଗୁନ୍ ଗାଗରାଇ। ଖଣ୍ଡାଧାର ମାଇନ୍ସରୁ ପ୍ରତିଦିନ ହଜାର ହଜାର ଟନ୍ ର କଞ୍ଚାମାଲ ଦେଓଝରର ଜେଏସ୍‌ପିଏଲ ବିଲେଇପଦାକୁ ଯାଉଥିବା ବେଳେ ଲୋକାଲ୍ ଟ୍ରାନସପୋର୍ଟରକୁ ସଂଯୋଗ କରିବାକୁ ସେ ଚାପ ପକାଇଥିଲେ। ଏହା ନ ହେଲେ ଆଗାମୀ ଦିନରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ ବୋଲି ଚେତାବନୀ ଦେଇଥିଲେ।

ଅପରପକ୍ଷେ ବାଗୁନ୍ ଗାଗରାଇଙ୍କ ନାମରେ ଲହୁଣୀପଡ଼ା ଥାନାରେ ଗତ ୨୦୧୭ ଫେବୃଆରୀରେ ଜଣେ ଅଙ୍ଗନବାଡ଼ି ମହିଳାଙ୍କୁ ତାଙ୍କ ସ୍ୱାମୀ ଅନୁପସ୍ଥିତିରେ ଦୁଷ୍କର୍ମ କରିବା ସହ ଥାନାରେ ଏଫ୍‌ଆଇଆର ଦେଲେ ଜୀବନରୁ ମାରି ଦେବେ ବୋଲି ବାଗୁନ୍ ପୀଡ଼ିତାଙ୍କୁ ଧମକଚମକ ଦେଇଥିଲେ। ତେବେ ପୁଲିସ ଏହି ଘଟଣାରେ ବାଗୁନ୍ ଗାଗରାଇଙ୍କୁ ସେତେବେଳେ ଗିରଫ କରି ଜେଲ୍ ପଠାଇଥିଲା। ଏପରିକି ବାଗୁନ୍ ପୂର୍ବରୁ ଲହୁଣୀପଡ଼ା ଖୁଣ୍ଟଗାଁ ସାପ୍ତାହିକ ବଜାରରେ କୁକୁଡାପଡ଼ା, ଘୁଡୁଘୁଡି ପଟି ଓ ଜୁଆଖେଳ ମୁଖ୍ୟ ନାୟକ ସାଜିଥିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି।

# ରାଉରକେଲା ଜେଲରୁ ବିଚାରାଧୀନ କଏଦୀ ଫେରାର

**ରାଉରକେଲା, ୧୭।୯ (ସମିସ):** ରାଉରକେଲା ସ୍ୱତନ୍ତ୍ର ଜେଲରୁ ଜଣେ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଏହି ଘଟଣା ଘଟିଥିଲା। ବ୍ରାହ୍ମଣୀ ତରଙ୍ଗ ଥାନାଞ୍ଚଳର ୩୦ ବର୍ଷୀୟ ସୁରେଶ ବାର୍ଲାକୁ ହତ୍ୟାଉଦ୍ୟମ ଅଭିଯୋଗରେ ପୁଲିସ କୋର୍ଟ ଚାଲାଣ କରିଥିଲା। ତେବେ ଚଳିତବର୍ଷ ଜୁନ ମାସରେ ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ କଏଦୀ ଭାବେ ରହିଥିଲା। ତେବେ ସୁଯୋଗ ଦେଖି ଜେଲ ଭିତରେ ଥିବା ୱାଚଟାୱାର ଉପରେ ଚଢ଼ି ପାଚେରି ଡେଇଁ ଫେରାର ହୋଇଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି।

# କମ୍ପାନୀର ଦୃଢ଼ତା ଓ ଭବିଷ୍ୟତ ଉପରେ ଆଲୋଚନା




**ରାଉରକେଲା, ୧୭।୯ (ସମିସ):** ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍‌ଫ) ପକ୍ଷରୁ ଜୁନ୍ ୧୬ ତାରିଖରେ ନୂଆଦିଲ୍ଲୀର ଚିନ୍ମୟ ମିଶନ୍ ଠାରେ ଏହାର ୫୩ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଆୟୋଜନ କରାଯାଇ ଥିଲା। ଏହି ବୈଠକରେ ସେଲ୍‌ଫର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ ଏକ ଆଭାସୀ ପ୍ଲାଟଫର୍ମ ମାଧ୍ୟମରେ ଅଂଶଧାରୀମାନଙ୍କୁ ସମ୍ବୋଧିତ କରି ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କମ୍ପାନୀର ସ୍ଥିରତା ପ୍ରଦର୍ଶନ ଏବଂ ଭବିଷ୍ୟତ ଅଭିବୃଦ୍ଧି ପାଇଁ ଏହାର ରଣନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ୨୦୪୭ ସୁଦ୍ଧା ସେଲ୍‌ଫ ବିକଶିତ ଭାରତର ବିକାଶ ଯାତ୍ରାରେ ସାକ୍ଷୀ ହେବା ସହିତ ପ୍ରମୁଖ ଅଂଶୀଦାର ଭାବେ ଦୃଢତାର ସହ ଠିଆ ହେବ ବୋଲି ସେ କହିଥିଲେ। ଶ୍ରୀ ପ୍ରକାଶ କମ୍ପାନୀର ସ୍ଥାୟୀତ୍ୱ ପ୍ରତି ଥିବା ପ୍ରତିବଦ୍ଧତା ଉପରେ ଆଲୋକପାତ କରି କହିଲେ ଜଳବାୟୁ ପରିବର୍ତ୍ତନ ଆମ ଶିଳ୍ପ ପାଇଁ ଏକ ନିର୍ଣ୍ଣାୟକ ଆହ୍ୱାନ। ସମଗ୍ର ବିଶ୍ୱ ଏକ ସବୁଜ ପରିବର୍ତ୍ତନ ମଧ୍ୟସ୍ଥାନରେ ଅବସ୍ଥିତ ଏବଂ ସେଲ୍‌ଫ ଏହି ପରିବର୍ତ୍ତନର ସର୍ବାଗ୍ରେ ରହିବାକୁ ପ୍ରତିଶ୍ରୁତିବଦ୍ଧ। ଭବିଷ୍ୟତ ପାଇଁ ପ୍ରସ୍ତୁତ ସଂଗଠନ ନିମନ୍ତେ ଦୁଇଟି ପରିବର୍ତ୍ତନକାରୀ କାର୍ଯ୍ୟକ୍ରମ - ଡିଜିଟାଲ୍ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତନମ୍ ଏବଂ ମାନବସମ୍ବଳ ପରିବର୍ତ୍ତନ ପାଇଁ ସେଲ୍‌ଫ ଦର୍ପଣ ଆରମ୍ଭ କରାଯାଇଛି, ଯାହାର ଲକ୍ଷ୍ୟ କମ୍ପାନୀର କାରଖାନା ଏବଂ ଖଣିଗୁଡ଼ିକରେ ଏକ ସ୍ଥିର ଏବଂ ଅଂନିରନ୍ତର ଇକୋସିଷ୍ଟମ୍ ସୃଷ୍ଟି କରିବା ରହିଛି ବୋଲି ଶ୍ରୀ ପ୍ରକାଶ କହିଥିଲେ।

# କରାଟେ ବ୍ଲାକବେଲ୍ଟ ପରୀକ୍ଷାରେ ଆର୍ଣ୍ଣଦିତ୍ୟା ଓ ଆର୍ଯ୍ୟା ବଂଶିକାଙ୍କ କୃତିତ୍ୱ

**ରାଉରକେଲା, ୧୭।୯ (ସମିସ):** ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ସୁକୋକାଇ କରାଟେ-ଡୋ ୟୁନିଅନ ଇଣ୍ଡିଆ ଶୈଳୀର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନତାରେ ବ୍ଲାକବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିବା ଆର୍ଣ୍ଣଦିତ୍ୟା ସ୍ୱାଇଁ ଓ ଆର୍ଯ୍ୟା ବଂଶୀକା ବ୍ଲାକବେଲ୍ଟ ପ୍ରଥମ ଡାନ ଓ ରଞ୍ଜନ ପାତ୍ର ଦ୍ୱିତୀୟ ଡାନ ବ୍ଲାକବେଲ୍ଟ ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତାର ସହ ଉତୀର୍ଣ୍ଣ ହୋଇ ହାଂଶୀ ଡ଼. ହରିପ୍ରସାଦ ପଟ୍ଟନାୟକଙ୍କୁ ଠାରୁ ବ୍ଲାକବେଲ୍ଟ ଓ ଡିପ୍ଲୋମା ସାର୍ଟିଫିକେଟ ଗ୍ରହଣ କରିଛନ୍ତି। ବାସନ୍ତୀକଲୋନୀ ସ୍ଥିତ ଡି.ଏ.ଭି ସ୍କୁଲରେ ପଢୁଥିବା ଆର୍ଣ୍ଣଦିତ୍ୟା ଓ ଆର୍ଯ୍ୟା ବଂଶୀକା ଦୀର୍ଘଦିନରୁ ରାଉରକେଲା ଉତ୍କଳ କରାଟେ ସ୍କୁଲରେ ରାଜୀବ କୁମାର ସିଂ, ୭ମ ଡାନ ବ୍ଲାକବେଲ୍ଟଙ୍କୁ ଠାରେ ପ୍ରଶିକ୍ଷଣ ନେଉଛନ୍ତି, ଦୁହେଁ ଅନେକ ଥର ରାଜ୍ୟ ଓ ଜାତୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ହାସଲ କରିଥିବାବେଳେ ରଞ୍ଜନ ପାତ୍ର ଆରଏସ୍‌ପିର ଟେନସା ଖଣି ବିଭାଗ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତା ପାଇଁ ରାଉରକେଲା କରାଟେ ଆସୋସିଏସନର ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ ଓ ବାସନ୍ତୀ ସାଂସ୍କୃତିକ ପରିଷଦ ଓ ରାଉରକେଲା ସହରାସେବା ସମିତିର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




# ଡାଲମିଆ ସିମେଣ୍ଟ ପକ୍ଷରୁ ତିରିଶ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ

**ରାଉରକେଲା, ୧୭।୯ (ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ପକ୍ଷରୁ ରାଜଗାଙ୍ଗପୁର ସ୍ଥିତ ଏହାର ୟୁନିଟ୍‌ରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଡିବିସିଏଲ ପରିସର, ଆବାସିକ କଲୋନୀ ଏବଂ ଖଣି ଅଞ୍ଚଳରେ ୩୦ ହଜାରରୁ ଉଜାର ବୃକ୍ଷ ଚାରାରୋପଣ କରାଯାଇଥିଲା। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ୍, ରାଜଗାଙ୍ଗପୁର ଚେତନ ଶ୍ରୀବାସ୍ତବ କହିଥିଲେ ଡାଲମିଆ ଭାରତରେ ଦୀର୍ଘସ୍ଥାୟିତା ଆମର ସମସ୍ତ ବ୍ୟବସାୟିକ କାର୍ଯ୍ୟ ପରିଚାଳନାର କେନ୍ଦ୍ର ସ୍ଥଳରେ ରହିଆସିଛି। ବିଶ୍ୱ ପରିବେଶ ଦିବସରେ ଶୁଭାରମ୍ଭ କରାଯାଇଥିବା 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଏକ ଅନନ୍ୟ ପ୍ରୟାସ ଯାହା ଧରିତ୍ରୀ ମାତା ପ୍ରତି ହାର୍ଦ୍ଦିକ ସମ୍ମାନ ପ୍ରଦର୍ଶନ ସହିତ ପରିବେଶଗତ ଦାୟିତ୍ୱ ସମ୍ପନ୍ନତାର ସମ୍ମିଶ୍ରଣ କରୁଛି। ଏହି ଚାରା ରୋପଣ ଉଦ୍ୟମ ପରିବେଶ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଏକ ସ୍ୱଚ୍ଛ, ସବୁଜ ଭାରତ ନିର୍ମାଣ ନିମନ୍ତେ ଗୋଷ୍ଠୀଗତ କଲ୍ୟାଣ ଦିଗରେ ଡାଲମିଆ ସିମେଣ୍ଟର ଲକ୍ଷ୍ୟକୁ ପୁନଃ ମଜଭୁତ କରୁଥିବା ଜଣାପଡ଼ିଛି।



# ଆରଏସ୍‌ପିର ବିଭିନ୍ନ ବିଭାଗରେ ବିଶ୍ୱକର୍ମା ପୂଜା




**ରାଉରକେଲା, ୧୭।୯ (ସମିସ):** ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ ଦେବ ବିନ୍ଧାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। କାରଖାନା ମଧ୍ୟରେ ଓ ଶିଳ୍ପ ସହରରେ ଉତ୍ସାହୀ କର୍ମଚାରୀମାନଙ୍କ ପ୍ରୟାସରେ ଶତାଧିକ ମଣ୍ଡପ ସ୍ଥାପିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ଓଜିଓଏମ ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ୍‌ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ କାରଖାନା ଓ ସହରାଞ୍ଚଳରେ ବିଭିନ୍ନ ପୂଜାମଣ୍ଡପ ବୁଲି ଦେଖିଥିଲେ। କର୍ମଚାରୀମାନଙ୍କ ସହ ଆଲୋଚନା ଅବସରରେ ଶ୍ରୀ ବର୍ମା ସାମୁଦାୟିକଙ୍କ ସୃଜନଶୀଳତା ତଥା ଉତ୍ସାହର ଉଚ୍ଚ ପ୍ରଶଂସା କରିଥିଲେ। ଏହାପରେ ଡିଆଇସି ଅନ୍ୟ ଅତିଥିଙ୍କ ଗହଣରେ ଆରଏସପି ଦ୍ୱାରା ସ୍ଥାପିତ ତଥା ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ, ଦୀପିକା ହସ୍ତ କର୍ଘାକୁ ଯାଇଥିଲେ। ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଏହି ଅବସରରେ ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ କାରଖାନା ପରି ଏକ ବୈଷୟିକ ଜ୍ଞାନ କୌଶଳ କୈନ୍ଦ୍ରିକ ଶିଳ୍ପରେ ଏହି ପାଳନର ବିଶେଷ ମହତ୍ୱ ରହିଛି। ଏଣୁ ଆରଏସ୍‌ପି ସାମୁଦାୟିକ କାରୁକାର୍ଯ୍ୟ ମଣ୍ଡିତ ତଥା ସୁଶୋଭିତ ମଣ୍ଡପମାନ ସ୍ଥାପନକରି ସୃଜନଶୀଳତାର ପ୍ରତୀକ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରିଥାନ୍ତି।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଧରାବତରଣ

# ସହରରେ ଆଧ୍ୟାତ୍ମିକ ପରିବେଶ

**ରାଉରକେଲା, ୧୭।୯ (ସମିସ)**

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଚଳଚଞ୍ଚଳ ହୋଇଛି ସ୍ମାର୍ଟ ସିଟି ରାଉରକେଲା। ଚଳିତବର୍ଷ ସମସ୍ତ ପୂଜା ପର୍ବାଣୀ ଧୁମଧାମରେ ପାଳନ କରାଯାଉ ଥିବା ବେଳେ ବୁଧବାର ଦେବଶିଳ୍ପୀ ବିଶ୍ୱକର୍ମା ପୂଜା ସ୍ମାର୍ଟ ସିଟି ରାଉରକେଲାରେପାଳିତ ହୋଇଯାଇଛି। ସହରର ସାରନଗରୀ, ଜଳଦା, ପାନପୋଷ, ସିଭିଲ ଟାଉନ୍‌ସିପ, ଆଇଟିଆଇ, ଏସଟିଆଇ, ଉଦିତନଗର, ଛେଣ୍ଡ, କଳିଙ୍ଗ ବିହାର, ବାସନ୍ତୀ କଲୋନୀ, ପାୱାର ହାଉସ ରୋଡ୍, ଡେଲି ମାର୍କେଟ, ଷ୍ଟେସନରୋଡ, ଗାନ୍ଧୀରୋଡ ଅଞ୍ଚଳରେ ଥିବା ଶିଳ୍ପ ପ୍ରତିଷ୍ଠାନ, ମରାମତି ଦୋକାନରେ ଛୋଟ ବଡ଼ ଆକର୍ଷଣୀୟ ସୁସଜ୍ଜିତ ତୋରଣ କରାଯାଇ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏପରିକି ସହରରେ ଥିବା ଛୋଟ ବଡ଼ ଗାଡି, ସାଇକଲ ମରାମତି ଦୋକାନ, ଅଟୋ ରିକ୍ସା ଷ୍ଟାଣ୍ଡ, ବସ ଷ୍ଟାଣ୍ଡ ସମେତ ବିଭିନ୍ନ






ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଏହାସହ ବିଭିନ୍ନ କଳକାରଖାନା, ବିଦ୍ୟୁତ୍ ବିଭାଗ, ପାଣି ବିଭାଗ, ଠିକା ସଂସ୍ଥା ସମେତ ଅନ୍ୟ ସ୍ଥାନ ମାନଙ୍କରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଯାଇଛି। "ଏତଦବ୍ୟତୀତ ମନ୍ଦିର ଗୁଡିକରେ ବାଇକ, କାର ସମେତ ଅନ୍ୟାନ୍ୟ ଗାଡି ପୂଜା କରିବା ପାଇଁ ଲୋକଙ୍କ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ ଯେ ସହରରେ ସୁସଜ୍ଜିତ ତୋରଣଗୁଡିକରେ ପୂଜା ପାଉଥିବା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ବେଶ୍ ସମାଗମ ହୋଇଥିଲା। ସହରରେ ଥିବା ଫଟାପାଇପ, ଉଦିତନଗର, ଜେଲ ରୋଡ ସମେତ ବିଭିନ୍ନ ସେକ୍ଟର ଅଞ୍ଚଳରେ ଥିବା ମୂର୍ତ୍ତି ଶିଳ୍ପୀମାନେ ବିଶ୍ୱକର୍ମାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଏପରିକି ଡିମାଣ୍ଡ ଅଧିକ ରହିଥିବାରୁ ରାଜ୍ୟ ବାହାର କାରିଗର ମାନଙ୍କୁ ଆଣି ମୂର୍ତ୍ତି ଗଢିବାରେ ନିୟୋଜିତ କରାଯାଇ ଥିଲା। ଚଳିତ ବର୍ଷ ଭଲ ବ୍ୟବସାୟ ହୋଇଥିବା ନେଇ ବ୍ୟବସାୟୀ ମହଲ ପକ୍ଷରୁ କୁହାଯାଇଛି।

# ରାଉରକେଲା ପୁଲିସ ପକ୍ଷରୁ ଚାରା ରୋପଣ



**ରାଉରକେଲା, ୧୭।୯ (ସମିସ):** ରାଉରକେଲା ଜିଲ୍ଲା ପୁଲିସ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ରାଉରକେଲା ରିଜର୍ଭ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ, ହରେକୃଷ୍ଣ ମାଝୀ, ରାଜକିଶୋର ମିଶ୍ର, ରମାକାନ୍ତ ସାହୁ, ରିଜର୍ଭ ଇନ୍ସପେକ୍ଟର ସମିତ୍ ସାମଲ ସମେତ ବିଭିନ୍ନ ଜୋନର ଡିଏସପି ଏବଂ ରିଟାୟାର୍ଡ ପୁଲିସ ଅଫିସର୍ସ ଆସୋସିଏସନର କର୍ମକର୍ତ୍ତାମାନେ ଚାରାରୋପଣ କରିଥିଲେ। ଏହି ଅବସରରେ ଡିଆଇଜି ଶ୍ରୀ ରାଏ କହିଥିଲେ ୧୦ ହଜାର ଚାରାରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ଅନୁଷ୍ଠାନ ସହିତ ପୁଲିସ ବିଭାଗ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ଥାନା, ବିଟ୍ ହାଉସ୍, ଆଉଟ୍ ପୋଷ୍ଟ, ରିଜର୍ଭ ଅଫିସ, ଏସ୍‌ପି ଅଫିସ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି।

# ସମ୍ପାଦକୀୟ



ରକ୍ଷଣଶୀଳତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ ।

-ଓସ୍କାର ୱାଇଲ୍ଡ

ସକାଳ
THE SAKALA

## ସମସ୍ୟା ଓ ସମାଧାନ

ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, ଅଥଚ ଚିକିତ୍ସକ କି ସ୍ୱାସ୍ଥ୍ୟ ସହାୟକ ନାହାନ୍ତି । ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ପରିଲକ୍ଷିତ ଏହି ବିଫଳତାର ଯେ ସମାଧାନ ସୂତ୍ର ନାହିଁ, ଏକଥା ନୁହେଁ । ସରକାରୀ ମଞ୍ଜୁରୀପ୍ରାପ୍ତ ମେଡିକାଲ ଅଫିସରଙ୍କ ସଂଖ୍ୟା ୭,୮୦୬ ହୋଇଥିବା ବେଳେ ନିଯୁକ୍ତି ପାଇଛନ୍ତି ୨,୭୯୨ ଜଣ । ଅବଶିଷ୍ଟ ୫୮୩୪ ଡାକ୍ତରୀ ପଦ ଖାଲିପଡ଼ିଛି । ତେବେ ଜିଲ୍ଲା ସଦର ମହକୁମା ସ୍ଥିତି ଅପେକ୍ଷାକୃତ ଭଲ । ୯୪୬ ବିଶେଷଜ୍ଞ ଡାକ୍ତରୀ ପଦବୀରୁ ୧୭୯ ଆସନ ଖାଲିପଡ଼ିଛି । ଏହି ପରିସଂଖ୍ୟାନ ଦର୍ଶାଇବା ବେଳେ ଆମକୁ କହିବାକୁ ପଡୁଛି ଯେ ଅତି ଦୂରଦୂରାନ୍ତ ଅନଗ୍ରସର ଅଞ୍ଚଳରେ ଡାକ୍ତରଙ୍କ ଆବାସସ୍ଥଳ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ଅଭାବ ଯୋଗୁଁ ନିଯୁକ୍ତି ପାଉଥିବା ଡାକ୍ତର ଯିବାକୁ ଅମଙ୍ଗ ହେଉଛନ୍ତି । ଏକ୍ଷେତ୍ରରେ ସେମାନେ ବିକଳ୍ପ ବ୍ୟବସ୍ଥାକୁ ଆଦରି ନେବାକୁ ବାଧ୍ୟବାଧକତା ସୃଷ୍ଟି ହୋଇଛି । ସେହିଭଳି ସେମାନଙ୍କୁ ନିର୍ଦ୍ଧାରିତ ୩ ବର୍ଷ ବ୍ୟବଧାନରେ ବଦଳି କରାନଯିବା ମଧ୍ୟ ଅନ୍ୟ ଏକ ଦିଗ । ଏକ୍ଷେତ୍ରରେ ମଧ୍ୟ ବାଛ ବିଚାର ଅନୁଭବ ହେଉଛି ।

ଏଠାରେ ଏହି ପ୍ରସଙ୍ଗ ଉଲ୍ଲେଖ କରାଯିବାର ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ନୂଆ ମେଡିକାଲ କଲେଜ ଖୋଲିଯିବା ପରେ ଡାକ୍ତର ଆଉ ଅଭାବ ନାହାନ୍ତି । ଏକ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଯୋଜନାବଦ୍ଧ ଉଦ୍ୟମ ନାହିଁ । ଆମକୁ ଏଠାରେ କହିବାକୁ ପଡୁଛି ଯେ ଡାକ୍ତର ନିଯୁକ୍ତି ପାଇଁ କେବଳ ଓପିଏସସି ପରୀକ୍ଷା ଓ ଉତ୍ତୀର୍ଣ୍ଣଙ୍କ ଉପରେ ନିର୍ଭର କଲେ ବ୍ୟବସ୍ଥା ସୁଧୁରିବ ନାହିଁ । ସମୟ ବଦଳିଛି । ରାଜ୍ୟରୁ ପ୍ରତିବର୍ଷ ହାରାହାରି ସରକାରୀ ମେଡିକାଲ କଲେଜରୁ ୨ ହଜାର ପର୍ଯ୍ୟନ୍ତ ଏମବିବିଏସ ଡିଗ୍ରୀଧାରୀ ବାହାରୁଛନ୍ତି । ସେମାନଙ୍କ ଶିକ୍ଷାଦାନ ପାଇଁ ସରକାରଙ୍କୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ତେଣୁ ଶିକ୍ଷାଦାନ ସହ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ସରକାରୀ ସର୍ତ୍ତ ସଂଯୁକ୍ତ କରାଯାଇପାରିବ । ଏହି ଡିଗ୍ରୀଧାରୀଙ୍କୁ ଅନ୍ତତଃ ଦୁଇବର୍ଷ ପାଇଁ ଗ୍ରାମାଞ୍ଚଳରେ ଚୁକ୍ତିଭିତ୍ତିକ ସେବା ଦେବାର ବାଧ୍ୟବାଧକତା ରଖାଯାଇପାରେ । ଏହି ବାଧ୍ୟବାଧକତା ସହ ସେମାନଙ୍କ ରେଜିଷ୍ଟ୍ରେସନକୁ ସଂଶ୍ଲିଷ୍ଟ ରଖାଯିବାରେ କୌଣସି ଅସୁବିଧା ନାହିଁ । ସରକାରଙ୍କ ବିପୁଳ ବ୍ୟୟ ବିନିମୟରେ ରାଜ୍ୟବାସୀଙ୍କୁ ସେମାନେ ଏହି ସୁବିଧା ଓ ସେବା ଦେବାର ଔଚିତ୍ୟ ନେଇ ବିଚାର ବିମର୍ଶ କରିବାର ସମୟ ଏବେ ଉପସ୍ଥିତ । ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନୁରୂପ ଭାବେ ଜିଲ୍ଲା ସଦର ମହକୁମାରେ କାମ କରିବାକୁ ପଡ଼ିବ । ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ଦୁଇବର୍ଷରେ ସୀମିତ ରଖିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସମୟକ୍ରମେ ଡାକ୍ତର ନିଅଣ୍ଟିଆ ସ୍ଥିତିରେ ସୁଧାର ଆସିପାରିବ ।

ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ଓ ୫୦୦୦ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯିବ ଘୋଷଣା କରିଛନ୍ତି । ଘୋଷଣା ଓ କାର୍ଯ୍ୟକାରିତାରେ ବ୍ୟବଧାନ ଯେତେ ସଂକୁଚିତ ହେବ ତୃଣମୂଳ ସ୍ତରରେ ତାହାର ସେତିକି ସକାରାତ୍ମକ ପ୍ରଭାବ ଅନୁଭୂତ ହେବ । ଆମକୁ ଏଠାରେ କହିବାକୁ ପଡୁଛି ଯେ କ୍ଷମତା ବଦଳିଲେ ବ୍ୟବସ୍ଥା ବଦଳେନି । ଏମିତି କିଛି ବ୍ୟବସ୍ଥା ଓ ଶୃଙ୍ଖଳାକୁ ବଦଳାଇବାକୁ ଯାଇ କ୍ଷମତା ଯେଉଁ ବିଭ୍ରାଟ ସୃଷ୍ଟି କରନ୍ତି ତାହାର ପ୍ରତିକୂଳ ସବୁସ୍ତରରେ ଅନୁଭୂତ ହୁଏ । ଅନ୍ତତଃ ସେଭଳି ମାନସିକତାରୁ କ୍ଷମତା ଦୂରେଇ ରହିବା ଭଲ । ●

## ଏସିଆ କପ ବିବାଦ

କ୍ରିକେଟ ଆମ ଦେଶର ଖେଳ ନ ହେଲେ ମଧ୍ୟ ତାହା ଏବେ ସବୁମହଲରେ ଆକର୍ଷଣର କେନ୍ଦ୍ରବିନ୍ଦୁ । ସଂପର୍କରେ ତିକ୍ତତା ଯୋଗୁଁ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସିରିଜ ଆୟୋଜନ ବନ୍ଦ ରହିଛି । ଏସବୁ ସତ୍ତ୍ୱେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସ୍ତରରେ ଟୁର୍ଣ୍ଣାମେଣ୍ଟ ହେଉଛି ଓ ଆଗକୁ ହେବ । ଦ୍ୱିପାକ୍ଷିକ ସଂପର୍କରେ ଯେତେ ତିକ୍ତତା ସୃଷ୍ଟି ହେଲେ ମଧ୍ୟ ଦୁଇ ଦଳ ସେଥିରେ ଅଂଶଗ୍ରହଣ କରିବେ ଓ ପରସ୍ପର ସହ ମ୍ୟାଚ ଖେଳିବେ । ତେବେ ଗତ ଅପ୍ରେଲ ଓ ମେ’ ରେ ପହଲଗାମ ନୃଶଂସ ଗଣହତ୍ୟା ଏବଂ ପରବର୍ତ୍ତୀ ‘ଅପରେସନ ସିନ୍ଦୂର’ ଘଟଣାକ୍ରମର ସ୍ଥିତିକୁ ବିଚାର କରି ପାକିସ୍ତାନ ସହ ମ୍ୟାଚ ନ ଖେଳିବା ସକାଶେ ଆମ ଦେଶରେ ଜନମତ ସୃଷ୍ଟି ହୋଇଥିଲା । ଏହି ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁବାଇରେ ଏସିଆ କପ ଆୟୋଜିତ କରାଯାଇଛି । ଏସବୁ ସତ୍ତ୍ୱେ ମ୍ୟାଚ ବିବାଦ ମୁକ୍ତ ହୋଇପାରିନାହିଁ । ଦୁଇଦଳର ଖେଳାଳି ପରସ୍ପର ସହ କରମର୍ଦ୍ଦନ କରି ନଥିବାର ପରିଲକ୍ଷିତ ହୋଇଛି । ଏକଥା ସତ ଯେ ଭାରତୀୟ ଦଳର ଅନାଗ୍ରହ ଯୋଗୁଁ ଏଭଳି ଏକ ଅଭାବନୀୟ ପରିସ୍ଥିତି ଉପୁଜି ଥିଲା ।

ଏସିଆ କପର ପ୍ରାୟୋଜକ ଭାରତ । ବିଭିନ୍ନ ମହଲର ବାଦ ଓ ପ୍ରତିବାଦ ସତ୍ତ୍ୱେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନକୁ ବାଦଦେବା ଯେମିତି ସମ୍ଭବ ନୁହେଁ ସେମିତି ପରସ୍ପର ମଧ୍ୟରେ ମ୍ୟାଚକୁ ଏଡ଼ାଇ ଯିବା ଏତେ ସହଜ ନଥିଲା । କିନ୍ତୁ ଏକଥା ସତ ଯେ ଦୁବାଇରେ ଏହି ମ୍ୟାଚ ପ୍ରତି ସେଭଳି ଆକର୍ଷଣ ଥିବାର ପରିଲକ୍ଷିତ ହୋଇନାହିଁ । ଅବଶ୍ୟ ଭାରତର ୭ ଉଇକେଟରେ ଏହି ସହଜ ବିଜୟ କ୍ରିକେଟପ୍ରେମୀଙ୍କୁ ସନ୍ତୁଷ୍ଟ କରିଛି । ଟସ ପଡ଼ିବା ଏବଂ ତାହାର ପରବର୍ତ୍ତୀ ଘଟଣାରୁ ବିବାଦର ସୂତ୍ରପାତ ହୋଇଛି । ମ୍ୟାଚ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କ ଭୂମିକା ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ କେବଳ ଆପତ୍ତି ଉଠାଇନି, ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାଦ ନ ଦେଲେ ଦଳ ପରବର୍ତ୍ତୀ ମ୍ୟାଚ ନଖେଳିବାକୁ ନିଷ୍ପତ୍ତି ନେଇଛି । ଟସ୍ ପରେ ଦୁଇଦଳର ଅଧିନାୟକ ପରସ୍ପରର କରମର୍ଦ୍ଦନ କରିଥା’ନ୍ତି । କିନ୍ତୁ କରମର୍ଦ୍ଦନ ନ କରିବାକୁ ପାକିସ୍ତାନ ଦଳ ଅଧିନାକୟ ସଲମାନ ଆଘାଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବରୁ ସେ ଭାରତୀୟ ଅଧିନାୟକଙ୍କ ସହ ଏସଂପର୍କରେ ଆଲୋଚନା କରିଥିଲେ, ଯାହାକି ଏମସିସି ନିୟମର ବିରୋଧାଚରଣ । ଏହି ଅଭିଯୋଗ କରିଛନ୍ତି ପିସିବି ମୁଖ୍ୟ ମହସିନ୍ ନକ୍‌ଭି । ମ୍ୟାଚ ପରେ ମଧ୍ୟ ଭାରତୀୟ ଖେଳାଳି କରମର୍ଦ୍ଦନ ନ କରି ଡ୍ରେସିଂରୁମକୁ ଫେରିଯିବା ସହ ଭିତରୁ କବାଟ ବନ୍ଦ କରିଥିଲେ । ପହଲଗାମରେ ଆତଙ୍କବାଦୀଙ୍କ ନୃଶଂସ ଆକ୍ରମଣରେ ୨୬ ନିରୀହ ଲୋକଙ୍କ ମୃତ୍ୟୁର ଏହା ଥିଲା ସେମାନଙ୍କ ପ୍ରତିବାଦ ଏବଂ ମ୍ୟାଚ ବିଜୟକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି । ଆସନ୍ତା ରବିବାର ସୁପର ଫୋର ମ୍ୟାଚରେ ଦୁଇ ଦଳ ପରସ୍ପରକୁ ପୁଣି ଭେଟିବେ ।

ପ୍ରୟୋଜନ ଓ ଅର୍ଥ ଉପାର୍ଜନ ବଡ଼ କଥା ନୁହେଁ । ତା’ଠାରୁ ଊର୍ଦ୍ଧ୍ୱରେ ଦେଶବାସୀଙ୍କ ଭାବାବେଗ ଓ ଆତ୍ମସମ୍ମାନ ତଥା ଦେଶର ମର୍ଯ୍ୟାଦା । କ୍ରିକେଟ ଖେଳ ସହ ସଂଶ୍ଲିଷ୍ଟ ଥିବା ଶିଷ୍ଟାଚାର ଓ ସଦଭାବନାର ମଧ୍ୟ ଗୁରୁତ୍ୱ ରହିଛି । ଭଦ୍ରଲୋକଙ୍କ ଖେଳ ରୂପେ ସ୍ୱତନ୍ତ୍ର ମର୍ଯ୍ୟାଦା ଥିବା କ୍ରିକେଟରେ କରମର୍ଦ୍ଦନର ସୌଜନ୍ୟ ରକ୍ଷା ନ କରିବା ଅପେକ୍ଷା ମ୍ୟାଚ ନ ଖେଳିଥିଲେ ଭଲ ହୋଇଥା’ନ୍ତା । ମ୍ୟାଚ ପରବର୍ତ୍ତୀ ପରିସ୍ଥିତି ନେଇ ଆନ୍ତର୍ଜାତିକ ସ୍ତରରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେଥିପ୍ରତି କର୍ତ୍ତୃପକ୍ଷ ସଚେତନ ହେବା ଉଚିତ । ଆଇସିସି ପାକିସ୍ତାନର ଦାବିକୁ ଅଗ୍ରାହ୍ୟ କରି ବିବାଦର ଅବସାନ ଘଟାଇଛି । ପାଇକ୍ରଫ୍ଟ ମଧ୍ୟ ପୂର୍ବଭଳି ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇବେ । ତେବେ ଏସିଆ କପରେ ସୃଷ୍ଟି ହୋଇଥିବା ଏହି ଖରାପ ପରମ୍ପରାକୁ କ୍ରିକେଟ ଇତିହାସରୁ ଲିଭାଇ ଦେଇ ହେବନି । ଉତ୍ତର ପିଢ଼ି ମଧ୍ୟ ଆମକୁ ଏନେଇ ପ୍ରଶ୍ନ କରିବ । ●

## ବିଶ୍ୱାସ-ସଙ୍କଟରେ ଚତୁର୍ଥସ୍ତମ୍ଭ

ଡ. ଏମ୍ ଜି ପ୍ରସାଦ

ନିକଟରେ ନେପାଳରେ ଶାସକ ବିରୋଧୀ ବିଦ୍ରୋହ ପଛରେ ସାମାଜିକ ଗଣମାଧ୍ୟମର ପ୍ରଚ୍ଛନ୍ନ ଭୂମିକା ପୃଷ୍ଠଭୂମିରେ ପଡ଼ୋଶୀ ଭାରତ ସରକାର ସଜାଗ ଓ ସତର୍କ ହୋଇଛନ୍ତି । ସାମାଜିକ ଗଣମାଧ୍ୟମ ସମେତ ମୁଖ୍ୟସ୍ରୋତ ଗଣମାଧ୍ୟମରେ ମିଛ ଓ ବିଭ୍ରାନ୍ତିକର ଖବରକୁ ତନଖି କରିବା ଲାଗି ପ୍ରଚଳିତ ଆଇନ୍‌ରେ ସଂଶୋଧନ ଆଣି କଡ଼ା କଟକଣା ଲାଗୁ କରିବାକୁ ବିଚାରବିମର୍ଶ ଆରମ୍ଭ ହୋଇଛି । ସରକାରଙ୍କ ଏହି ଉଦ୍ୟମ ପଛରେ ଗଣମାଧ୍ୟମରେ ମିଥ୍ୟାଖବରର ନିୟନ୍ତ୍ରଣ ଲକ୍ଷ୍ୟ ତୁଳନାରେ ସରକାର ବିରୋଧୀ ଖବର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଲକ୍ଷ୍ୟ ଅଧିକ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହାକୁ ସମ୍ପୂର୍ଣ୍ଣ ନିରାଧାର ବୋଲି କୁହାଯାଇପାରିବ ନାହିଁ । କାରଣ ନେପାଳ ଘଟଣାରେ ସାମାଜିକ ଗଣମାଧ୍ୟମର ମିଛ ଖବର ନୁହେଁ, ବରଂ ସରକାରୀ ସ୍ତରରେ ପ୍ରିୟାପ୍ରୀତିତୋଷଣ ଓ ଭ୍ରଷ୍ଟାଚାରର ଖବର ପ୍ରସାରଣ ହିଁ ଜନତା, ବିଶେଷକରି ଛାତ୍ରସମାଜକୁ ବିଦ୍ରୋହୀ କରିଥିଲା । ତେବେ ସାମାଜିକ ଗଣମାଧ୍ୟମ ମଧ୍ୟ ମିଛ ଓ ଅତିରଞ୍ଜିତ ଖବର ପ୍ରଚାରରୁ ଅଭିଯୋଗମୁକ୍ତ ହୋଇପାରୁ ନ ଥିବାର ଭାରତ ସରକାରଙ୍କ କଡ଼ା କଟକଣା ନିଷ୍ପତ୍ତି ଅନେକ ଦୃଷ୍ଟିରୁ ସ୍ୱାଗତଯୋଗ୍ୟ । ଏହି ସାମଗ୍ରିକ କସରତରେ ଏକ ‘କିନ୍ତୁ’ ରହିଯାଉଛି, ଯାହା କଟକଣାର କାର୍ଯ୍ୟକାରିତା ଉପରେ କେତେକ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ଏବଂ ସାମାଜିକ ଗଣମାଧ୍ୟମର ବିଶ୍ୱସନୀୟତା/ଅବିଶ୍ୱସନୀୟତାକୁ ଦ୍ୱନ୍ଦ୍ୱର କୁହେଳି ଭିତରକୁ ଠେଲି ଦେଉଛି ।

ଗଣମାଧ୍ୟମ ସହିତ ସ୍ୱାଧୀନ ମତ ପ୍ରକାଶର ଅଧିକାର ଓ ବ୍ୟକ୍ତି ସ୍ୱାଧୀନତା ପ୍ରସଙ୍ଗ ଅବିଚ୍ଛିନ୍ନ । ଆଜିର ପ୍ରଯୁକ୍ତି ବିଦ୍ୟା ବିକଶିତ ଯୁଗରେ ଗଣମାଧ୍ୟମର ପରିସର ଓ ଲକ୍ଷ୍ମଣରେଖା ନିର୍ଦ୍ଧାରଣ କରିବା କଷ୍ଟ । ଏହା ଅନସ୍ୱୀକାର୍ଯ୍ୟ ଯେ ଗଣମାଧ୍ୟମ ଆତ୍ମସଚେତନ ହେଲେ ଗଣତନ୍ତ୍ର ପ୍ରତି ଶୁଭଙ୍କର; ଉଚ୍ଛୃଙ୍ଖଳ ହେଲେ ସରକାର, ସମାଜ, ରାଷ୍ଟ୍ର ଓ ସର୍ବସାଧାରଣଙ୍କ ପାଇଁ ବିପଦ । ଡିଜିଟାଲ୍ ଗଣମାଧ୍ୟମ ନିମିଷକେ ବିଶ୍ୱର ପ୍ରତିଟି କୋଣରେ ଅବାଧରେ ପହଞ୍ଚିଯାଉଥିବାରୁ ବିଭ୍ରାନ୍ତିକର ତଥ୍ୟ, ସମ୍ବାଦ ଓ ମତ ପ୍ରସାରଣ ଜରିଆରେ ଜନମତକୁ ପ୍ରଭାବିତ କରି ରାଷ୍ଟ୍ରବିରୋଧୀ ବିକ୍ଷୋଭ, ଆନ୍ଦୋଳନ, ହିଂସା ସୃଷ୍ଟି କରିବା ସହଜ ହୋଇଯାଇଛି ଏବଂ ଏହାର ଅନେକ ଉଦାହରଣ ଏବେ ଭାରତ ସମେତ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ସାମ୍ନା କରି ଆସୁଛନ୍ତି । ତେଣୁ ସାମାଜିକ ଗଣମାଧ୍ୟମକୁ ଜନସ୍ୱାର୍ଥ ଓ ରାଷ୍ଟ୍ରହିତ ପ୍ରତି ବିପଦର ଦ୍ୱାହି ଦେଇ ବିଶ୍ୱର ଅନେକ ପ୍ରଗତିଶୀଳ ରାଷ୍ଟ୍ର ନିୟନ୍ତ୍ରଣ କରିବାର ଉଦ୍ୟମ ଜାରି ରଖିଛନ୍ତି । ଅପରପକ୍ଷରେ ସାମାଜିକ ଗଣମାଧ୍ୟମର ମୂଳ ସଂସ୍ଥାମାନ ଏହାକୁ ବାକ୍ ସ୍ୱାଧୀନତାର କଣ୍ଠରୋଧ ବୋଲି ଅଭିଯୋଗ କରୁଛନ୍ତି । ତେଣୁ ବ୍ୟକ୍ତି ସ୍ୱାଧୀନତା, ସ୍ୱାଧୀନ ମତ ପ୍ରକାଶର ଅଧିକାର, ବ୍ୟକ୍ତିଗତ ଗୋପନୀୟତା ଏବଂ ଅପରପକ୍ଷରେ ରାଷ୍ଟ୍ରର ସାର୍ବଭୌମତା, ଅଖଣ୍ଡତା, ଏକତା, ପ୍ରତିରକ୍ଷା ଆଦିର ବିରୋଧାଭାସ ଭିତରେ ଏକ ପ୍ରଭାବଶାଳୀ ଆଇନ୍ କାର୍ଯ୍ୟକାରୀ କରିବା ଦୁରୂହ ବ୍ୟାପାର ।

ଉଚ୍ଛୃଙ୍ଖଳ ସାମାଜିକ ଗଣମାଧ୍ୟମକୁ ତା’ର ଲକ୍ଷ୍ମଣରେଖା ମଧ୍ୟରେ ରଖିବା ପାଇଁ ଭାରତରେ ଭାରତୀୟ ସୂଚନା ପ୍ରଯୁକ୍ତି ଆଇନର ଧାରା ୭୯ ଉଦ୍ଦିଷ୍ଟ । ଏହାର ସଂଶୋଧିତ ନିୟମ ଅନୁସାରେ ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ବେଆଇନ ବିଷୟବସ୍ତୁ ଓ ବାର୍ତ୍ତାକୁ ପ୍ରତ୍ୟାହାର କରିବାର ଅଧିକାର ମିଡିଆ ପ୍ଲାଟ୍‌ଫର୍ମର ରହିଛି । ସେହିଭଳି ୨୦୨୧ରେ ପ୍ରଣୀତ ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି । କିନ୍ତୁ ଯେଉଁ ପ୍ରଶ୍ନଟି ପ୍ରଭାବଶାଳୀ ଆଇନ ଓ କଟକଣାକୁ ନପୁଂସକ କରିଦେଉଛି ତାହା ହେଉଛି ଗୋଟିଏ ଖବର ବା ଫଟୋ ବା ଭିଡିଓ ସତ କି ମିଛ ତାହା ଯାଞ୍ଚ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କ’ଣ? ଆଜିକାଲି ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ୍, ଯାହା ଇଣ୍ଟରନେଟ୍ ଦ୍ୱାରା ସଂଯୁକ୍ତ । ଯଦି କେହି କିଛି ସେଥିରେ ଲେଖିଦିଏ, ଫଟୋ କିମ୍ବା ଭିଡିଓ ଅପ୍‌ଲୋଡ୍ କରିଦିଏ ତେବେ ତାହାକୁ ତନଖି କରିବ କିଏ ଏବଂ କେତେବେଳେ? ପୁଣି ସାମ୍ପ୍ରତିକ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିଜିଟାଲ୍ ଗଣମାଧ୍ୟମରେ ପ୍ରଘଟ କୌଣସି ଘଟଣାକୁ ସତ କି ମିଛ ଜାଣିବା କ୍ଷମତା କେବଳ ଏଆଇ ବ୍ୟତିରେକ କାହାରି ନାହିଁ । ତେଣୁ ତଥ୍ୟର ସତ୍ୟାସତ୍ୟ ଯାଞ୍ଚ ହେବା ବେଳକୁ ତାହା ଅବିଳମ୍ବେ ବିଶ୍ୱର ଚତୁର୍ଦ୍ଦିଗରେ ପହଞ୍ଚିସାରିଥିବ ଏବଂ ଯାଦୁକରୀ ପ୍ରଭାବ ବିସ୍ତାର କରିସାରିଥିବ । ଡିଜିଟାଲ୍ ଗଣମାଧ୍ୟମରେ ଏବେ ନିମିଷକେ ଲକ୍ଷଲକ୍ଷ ଅପ୍‌ଲୋଡ୍ ହେଉଛି । ସେଥିମଧ୍ୟରୁ ଠିକ୍ ଭୁଲ୍ ବାଛିବା ଏକପ୍ରକାର ଅସମ୍ଭବ ବ୍ୟାପାର ଏବଂ ସମ୍ପୃକ୍ତ ସଂସ୍ଥା ମଧ୍ୟ ନାଚାର ।

ସାମ୍ପ୍ରତିକ ଡିଜିଟାଲ୍ ଯୁଗରେ ଅନ୍‌ଲାଇନ ସମ୍ବାଦ ସଂସ୍ଥାମାନଙ୍କୁ ବାଦ୍ ଦେଇ ଗଣମାଧ୍ୟମର ପରିକଳ୍ପନା କରାଯାଇପାରିବ ନାହିଁ । ଅଧିକନ୍ତୁ ପ୍ରସାରଣ ଓ ପ୍ରଭାବ ଦୃଷ୍ଟିରୁ ଡିଜିଟାଲ୍ ବା ସାମାଜିକ ଗଣମାଧ୍ୟମ ମୁଖ୍ୟସ୍ରୋତ ଗଣମାଧ୍ୟମ ପାଇଁ ଆହ୍ୱାନ ସୃଷ୍ଟି କରିଛି । ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ସାମାଜିକ ଗଣମାଧ୍ୟମ ମଧ୍ୟ ନିର୍ଭୀକ ଓ ମୁକ୍ତ ସାମ୍ବାଦିକତାର ଆଧାର ରୂପେ ଲୋକପ୍ରିୟ ଓ ଆଦୃତ ହେଉଛନ୍ତି । ଜଣେ ବ୍ୟକ୍ତି ମୁକ୍ତ ଭାବେ ନିଜର ବିଚାର ବ୍ୟକ୍ତ କରିପାରୁଛି । ତାହା ଠିକ୍ ହେଉ କି ଭୁଲ୍, ସକାରାତ୍ମକ ବା ନକାରାତ୍ମକ ତାହା ଭିନ୍ନ କଥା । ମୁକ୍ତ ମତ ପ୍ରକାଶର ଏହି ସୁଯୋଗ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ମଧ୍ୟ ବିପୁଳ କ୍ଷମତା ଓ ପ୍ରଭାବର ଅଧିକାରୀ । ଏହାର ସୁଯୋଗ ନେଇ ବିକଶିତ ଉତ୍ତର ଗୋଲାର୍ଦ୍ଧ ବିକାଶଶୀଳ ଦକ୍ଷିଣ ଗୋଲାର୍ଦ୍ଧ ଉପରେ କର୍ତ୍ତୃତ୍ୱ ଜାହିର କରୁ ଆସୁଛି । ଆବଶ୍ୟକ ପଡ଼ିଲେ ଦକ୍ଷିଣ ଗୋଲାର୍ଦ୍ଧରେ ଅରାଜକତା ସୃଷ୍ଟି କରୁଛି ଏବଂ ନିର୍ବାଚନକୁ ନିୟନ୍ତ୍ରଣ କରି ରାଜନୈତିକ ପଟ୍ଟ ପରିବର୍ତ୍ତନ ମଧ୍ୟ କରିପାରୁଛି । ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଜନତାଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି, ଯାହାର ଉଦାହରଣ ବହୁଳ । ଏଭଳି ଅନେକ ଘଟଣାକୁ ନେଇ ଭାରତ ସମେତ ବିଶ୍ୱର ସର୍ବୋଚ୍ଚ ନ୍ୟାୟାଳୟମାନେ ଉଦ୍‌ବେଗ ପ୍ରକାଶ କରି ସାମାଜିକ ଗଣମାଧ୍ୟମର ସ୍ୱାଧୀନତା ଉପରେ ନିୟନ୍ତ୍ରଣ ଆଣିବାକୁ ସମ୍ପୃକ୍ତ ରାଷ୍ଟ୍ରର ସରକାରମାନଙ୍କୁ ପରାମର୍ଶ ଦେଇଛନ୍ତି । କତିପୟ ଗଣମାଧ୍ୟମ ସଂସ୍ଥାର ଉଚ୍ଛୃଙ୍ଖଳତା ଦୃଷ୍ଟିରୁ ସ୍ୱାଭାବିକ ଭାବେ ସାମଗ୍ରିକ ଗଣମାଧ୍ୟମ ବିଶ୍ୱସନୀୟତାର ସଙ୍କଟରେ ପଡ଼ିଯାଇଛି ।

ଏବେ ଏହାର ଅପରପାର୍ଶ୍ୱକୁ ଦେଖିବା । ଶାସନ ଓ ପ୍ରଶାସନ ଅନେକ ସମୟରେ ନିଜର ଅପାରଗତା ଘୋଡ଼ାଇବାକୁ ଗଣମାଧ୍ୟମ ଉପରେ ଚାପ ପକାଏ ଏବଂ ସୂଚନା ପ୍ରକାଶ ନ କରିବାକୁ କଟକଣା ଲଗାଇଥାଏ । ଏ କ୍ଷେତ୍ରରେ ଶାସକର ପ୍ରଥମ ଭୟ ହେଲା ତ୍ରୁଟି-ବିଚ୍ୟୁତି ପ୍ରକାଶ ପାଇଲେ ଶାସନ ଦଳ ନୈତିକତା ହରାଇ ଜନତାଙ୍କ ଦୃଷ୍ଟିରେ ନିନ୍ଦିତ ହେବ, କ୍ଷମତାରୁ ଅପସରି ଯିବ । ଅପ୍ରିୟ ସତ୍ୟ ହେଲା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସକ ଓ ଶାସନ ନିର୍ଦ୍ଦିଷ୍ଟ ପରିସ୍ଥିତି ଓ ପରିବେଶରେ କିପରି କାମ କରୁଛି ତାହା ଜାଣିବାର ମୌଳିକ ଅଧିକାର ଲୋକଙ୍କର ରହିଛି । ଗଣମାଧ୍ୟମ ବ୍ୟତିରେକ ଜନତାଙ୍କ ଏହି ଆବଶ୍ୟକତା ଆଉ କେହି ପୂରଣ କରିପାରିବାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇନାହିଁ ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଦୁର୍ନୀତିମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ଅପରିହାର୍ଯ୍ୟ । ଅପରପକ୍ଷରେ ଅଭିବ୍ୟକ୍ତିର ସ୍ୱାଧୀନତା ଆଳରେ ଅନ୍ୟକୁ ଅପମାନିତ ଓ ଅପଦସ୍ତ କରିବା, ରାଷ୍ଟ୍ରବିରୋଧୀ ତତ୍ତ୍ୱକୁ ପ୍ରଶ୍ରୟ ଦେବା କିମ୍ବା ଉତ୍ସାହିତ କରିବା ଅଗ୍ରହଣୀୟ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ଦାୟିତ୍ୱହୀନ ଓ ସଂଯମହୀନ ହେଲେ ବିଶ୍ୱାସନୀୟତା ହରାଏ ଏବଂ ଏହାର ମହତ୍ ଲକ୍ଷ୍ୟ ସାଧିତ ହୁଏ ନାହିଁ । ଗଣମାଧ୍ୟମ, ବିଶେଷକରି ସାମାଜିକ ଗଣମାଧ୍ୟମରେ ସ୍ୱାଧୀନତା ନାମରେ ମାତ୍ରାଧିକ ଉଚ୍ଛୃଙ୍ଖଳତା ଓ ଦାୟିତ୍ୱହନୀତା ଶାସନ, ପ୍ରଶାସନ ଓ ବିଧିବ୍ୟବସ୍ଥାର ପରିପନ୍ଥୀ । ସଚେତନତା ନାମରେ ଏହା ଅରାଜକତା ଓ ସ୍ୱେଚ୍ଛାଚାରିତା ସୃଷ୍ଟି କରିପାରେ । ସେହିଭଳି ସରକାର ନିଜର ସୁରକ୍ଷା ଏବଂ ବିଫଳତା ଲୁଚାଇବା ପାଇଁ ପ୍ରତିଶୋଧ ପରାୟଣ ହୋଇ ଗଣମାଧ୍ୟମ ଉପରେ କଠୋର ଆଇନ୍ ଲାଗୁ କରିବାରୁ ଦୂରେଇ ରହିବା ଆବଶ୍ୟକ । ସେଥିପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ନିୟନ୍ତ୍ରଣ ମଧ୍ୟରେ ସନ୍ତୁଳନର ଆବଶ୍ୟକତା ରହିଛି । ଆଇନର ଶାସନ ଥିବା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣମାଧ୍ୟମକୁ ତାହାର ସତର୍କପ୍ରହରୀ ଦାୟିତ୍ୱ ଯଥାର୍ଥ ଭାବେ ନିର୍ବାହ କରିବା ଲାଗି ସ୍ୱାଧୀନତାର ଅଧିକାର ହାସଲ କରିବା ପ୍ରଥମ ଓ ମୌଳିକ ଆବଶ୍ୟକତା । ସହଯୋଗ, ସୁସଂହତ, ସଂଯମ ଓ ସୌହାର୍ଦ୍ଦ୍ୟର ଲକ୍ଷ୍ମଣରେଖା ମଧ୍ୟରେ ଆତ୍ମନିୟନ୍ତ୍ରଣ ଜରିଆରେ ଉଭୟ ପକ୍ଷ ଦାୟିତ୍ୱସମ୍ପନ୍ନ ଭାବେ କାମ କଲେ ଦେଶର କଲ୍ୟାଣ ସାଧିତ ହେବ । ଏଥିପାଇଁ କିନ୍ତୁ ସରକାର ଉଦାର ଓ ସମାଲୋଚନା-ସହିଷ୍ଣୁ ହେବା ବିଧେୟ । ●

(ପ୍ରାକ୍ତନ ପ୍ରାଧ୍ୟାପକ)

## ହାତମୁଠାରେ ଜଙ୍ଗଲ

ଡ.ପ୍ରସନ୍ନ କୁମାର ଗନ୍ତାୟତ

ସାମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର ମୁକାବିଲା ସହିତ ବ୍ୟାପକ ବନୀକରଣ ବା ସବୁଜ ବଳୟ ସୃଷ୍ଟି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ପୂରଣ ପାଇଁ ବିକାଶ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏଥିପାଇଁ ସବୁଜ ବଳୟ ବଳି ପଡୁଛି । ଅପରପକ୍ଷରେ ବନୀକରଣ ପାଇଁ ପର୍ଯ୍ୟାପ୍ତ ସ୍ଥାନର ଅଭାବ ଆଉ ଏକ ସମସ୍ୟା ସୃଷ୍ଟି କରିଛି । ଏହି ପୃଷ୍ଠଭୂମିରେ ଜାପାନ୍‌ରୁ ଜନ୍ମିତ ଏବଂ ସମ୍ପ୍ରତି ଅନ୍ୟାନ୍ୟ ଦେଶରେ ଆଦୃତ ‘ମିୟାୱାକି ବୃକ୍ଷରୋପଣ ପଦ୍ଧତି’ ଏକ ଅଭିନବ ଓ ଶ୍ରେଷ୍ଠ ବିକଳ୍ପ । ଜାପାନ୍‌ର ଉଦ୍ଭିଦ ବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମରେ ନାମିତ ଏକ ପଦ୍ଧତି ଜୈବ ବିବିଧତା, ସ୍ୱଦେଶୀ ବୃକ୍ଷର ସୁରକ୍ଷା, ବାସସ୍ଥାନର ସୃଷ୍ଟି, ପରିବେଶର ଉନ୍ନତି, ଜଙ୍ଗଲ ଆବରଣରେ ବୃଦ୍ଧି ଇତ୍ୟାଦି ପାଇଁ ସର୍ବାଦୌ ଉପଯୋଗୀ । ଏକ ଛୋଟ ପରିମିତ ଅଞ୍ଚଳରେ, ଏପରିକି ୫୦ ବର୍ଗଫୁଟ୍ ଜମିରେ ଚାରାରୋପଣ କରି ସବୁଜ ଆବରଣକୁ ଘନ କରିବା ମୀୟାୱାକି ବୃକ୍ଷରୋପଣର ମୌଳିକ କୌଶଳ ।

ଭାରତର ବିଭିନ୍ନ ଅଞ୍ଚଳରେ, ବିଶେଷକରି କେରଳରେ ମିୟାୱାକି ପଦ୍ଧତି ବେଶ୍ ସଫଳତାର ସହ କାର୍ଯ୍ୟକାରୀ ହୋଇଛି ଏବଂ ଲୋକପ୍ରିୟତା ମଧ୍ୟ ବୃଦ୍ଧି ପାଉଛି । କମ୍ ଖର୍ଚ୍ଚରେ ଦକ୍ଷ ଓ ପରିବେଶ ଅନୁକୂଳ ଏହି ପଦ୍ଧତି ଦ୍ୱାରା ପ୍ରକୃତିର ସନ୍ତୁଳନ ରକ୍ଷା, ଜୈବ ବିବିଧତାର ପୁନରୁଦ୍ଧାର ଏବଂ ସର୍ବୋପରି ପରିବେଶଗତ ଅବକ୍ଷୟରୁ ଅଞ୍ଚଳକୁ ସୁରକ୍ଷା ପ୍ରଦାନ କରାଯାଇପାରୁଛି । ଭାରତର ପ୍ରଥମ ମିୟାୱାକି ସହରାଞ୍ଚଳ ଜଙ୍ଗଲ କେରଳର ତିରୁବନନ୍ତପୁରମରେ ଆରମ୍ଭ କରାଯାଇଥିଲା । ସବୁଠାରୁ ବଡ଼ ମିୟାୱାକି ଜଙ୍ଗଲ ଏବଂ ପରିବେଶଗତ ପୁନରୁଦ୍ଧାର ପ୍ରୟାସ ଗୁଜରାଟର କଚ୍ଛରେ ଅବସ୍ଥିତ । ସ୍ଥାନ ଅଭାବୀ ମୁମ୍ବାଇ ମଧ୍ୟ ସବୁଜ ଆବରଣ ପୁନଃସ୍ଥାପନ କରିବା ପାଇଁ ବିଭିନ୍ନ ଛୋଟ ଛୋଟ ଖାଲି ଜମିରେ ମିୟାୱାକି ଜଙ୍ଗଲ ପଦ୍ଧତି କାର୍ଯ୍ୟକାରୀ କରୁଛି ।

କ୍ଷୟପ୍ରାପ୍ତ ଜମିରେ ଶୀଘ୍ର ଜଙ୍ଗଲ ଆଚ୍ଛାଦନ ସୃଷ୍ଟି କରିବା ପାଇଁ ସବୁଠାରୁ ପ୍ରଭାବଶାଳୀ ବୃକ୍ଷରୋପଣ ପଦ୍ଧତି ମଧ୍ୟରୁ ଏହା ସର୍ବୋତ୍ତମ ଭାବେ ଆଦୃତ ହେବାର ଅନେକ କାରଣ ପଛରେ ରହିଛି ଏହା ପ୍ରାକୃତିକ ପୁନଃବନୀକରଣ ନୀତି ଉପରେ ଆଧାରିତ । ଅର୍ଥାତ୍ ସ୍ଥାନୀୟ ଚାରାରୋପଣ ଓ କୃଷି ପଦ୍ଧତି ବ୍ୟବହାର କରି ପରିବେଶ ଅନୁକୂଳ ଜଙ୍ଗଲର ଘନତ୍ୱ ସୃଷ୍ଟି କରେ । ପ୍ରଦୂଷଣ, ବନ୍ୟା ଓ ଭୂସ୍ଖଳନକୁ ଯଥାସମ୍ଭବ ପ୍ରତିରୋଧ କରିପାରେ । ଯେକୌଣସି ସହରରେ ମିୟାୱାକି ବନ ପ୍ରକଳ୍ପଗୁଡ଼ିକ ପରିବେଶଗତ ସ୍ଥିରତା ଏବଂ ପୁନରୁଦ୍ଧାର ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ । ଏହି ଜାପାନୀୟ ପଦ୍ଧତିରେ ଉଦ୍ଭିଦଟି ୧୦ଗୁଣ ଦ୍ରୁତଗତିରେ ବୃଦ୍ଧି ପାଏ ଏବଂ ଘନତ୍ୱ ସାଧାରଣ ଅପେକ୍ଷା ୩୦ଗୁଣ ଅଧିକ ହୁଏ । ଚେନ୍ନାଇ, ପୁନେ, ବେଙ୍ଗାଲୁରୁ ଏବଂ ଓଡ଼ିଶାରେ ମଧ୍ୟ ଏହି ପଦ୍ଧତିକୁ କେତେକ ସ୍ଥାନରେ ଆପଣାଇବା ଦେଖାଦେଇଛି ।

ଏହି ପଦ୍ଧତିରେ ପ୍ରଥମେ ଜମିରୁ ଅନାବନା ଲତା, ଗୁଳ୍ମ,ଗଛ ଆଦି ସଫା କରାଯାଏ । ଏଥିପାଇଁ ହାତ ଉପକରଣ କିମ୍ବା ଷ୍ଟମ୍ପ୍ ଗ୍ରାଇଣ୍ଡର କିମ୍ବା ଏକ୍ସକାଭେଟର ଭଳି ଯାନ୍ତ୍ରିକ ଉପକରଣ ବ୍ୟବହାର କରାଯାଇପାରେ । ନିମ୍ବ, ତେନ୍ତୁଳି, ଆମ୍ବ, ସପେଟା, ଭାରତୀୟ କଳା ବେରି ଆଦି ଦେଶୀ କିସମର ଚାରାଗୁଡ଼ିକୁ ଗ୍ରୋବ୍ୟାଗ ସହ ସଂଗ୍ରହ କରାଯାଏ । ତା’ପରେ ଚାରାଗୁଡ଼ିକୁ ସୀମାବଦ୍ଧ ଜଙ୍ଗଲ ଜମିରେ ରୋପଣ କରାଯାଏ । ସେଗୁଡ଼ିକ ପ୍ରତିରୋପଣ ଯୋଗ୍ୟ ହେବା ବେଳେ ମାଟି ପ୍ରସ୍ତୁତ ପ୍ରକ୍ରିୟା ଆରମ୍ଭ ହୁଏ । ପ୍ରଥମେ ରୋପଣ ସ୍ଥାନ ଜମିକୁ ଏକ ମିଟର ଗଭୀର ପର୍ଯ୍ୟନ୍ତ ଖଳିବାକୁ ହୁଏ ଏବଂ ଅଧ ମିଟର ଗଭୀରତା ପର୍ଯ୍ୟନ୍ତ ମାଟି କାଢ଼ିବାକୁ ହୁଏ । ମୃତ୍ତିକାର ଉର୍ବରତା ବଢ଼ାଇବା ପାଇଁ ଶୁଖିଲା ଗୋବର, କୋକପିଟ୍, ବାଦାମ କୋଷ, ଲାଭ ଦାୟକ ସୂକ୍ଷ୍ମ ଜୀବ ଏବଂ କଟା ପତ୍ର ଆଦି ଭର୍ତ୍ତି କରାଯାଏ । ଏହା ଚାରାର ମୂଳକୁ ସହଜରେ ମାଟିର ଗଭୀରକୁ ଯିବାକୁ ଦିଏ । ଏହି ସମସ୍ତ ପୋଷଣ ସାମଗ୍ରୀ ଏବଂ ଜଳ ସଂରକ୍ଷଣକାରୀ ତତ୍ତ୍ୱ ସହିତ ମାଟି ମିଶିଗଲା ପରେ ଚାରାଗୁଡ଼ିକୁ ଗାତରେ ରଖାଯାଏ । ମାଟିର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ସୂର୍ଯ୍ୟ କିରଣରୁ ସୁରକ୍ଷା ଦିଆଯାଏ ଏବଂ ମାଟିର ଆର୍ଦ୍ରତା ହ୍ରାସ ନ ହେବା ପାଇଁ ପତ୍ରର କମ୍ବଳସ୍ତର ସୃଷ୍ଟି କରାଯାଏ । ଚାରାଗୁଡ଼ିକୁ କଠିନ କାଠ ବାଡ଼ି ପୋତି ସେଥିରେ ବନ୍ଧାଯାଏ, ଯ’ଦ୍ୱାରା ଚାରାଗୁଡ଼ିକ ସହାୟତା ପାଇ ସିଧା ବଢ଼ିଥାଏ । ଶେଷରେ ଚାରାଗୁଡ଼ିକୁ ନିୟମିତ ଯାଞ୍ଚ କରାଯାଇ ଜଳସେଚନ ପ୍ରଣାଳୀ ପ୍ରତି ଧ୍ୟାନ ଦିଆଯାଏ । ଯଦି ତୃଣକ ଥାଏ, ସେସବୁକୁ ଚିହ୍ନଟ କରି ଅପସାରଣ କରାଯାଏ ଏବଂ ଚାରା ମଧ୍ୟରେ କୌଣସି ସଂକ୍ରମଣକୁ ଚିହ୍ନଟ କରି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଏ । ଯଦ୍ୱାରା ସମସ୍ତ ଚାରା ବଞ୍ଚିବାର ସମ୍ଭାବନାକୁ ବୃଦ୍ଧି ପାଏ । ଜଙ୍ଗଲ ଶୀଘ୍ର ପ୍ରତିଷ୍ଠିତ ହୁଏ ଏବଂ ଆତ୍ମନିର୍ଭରଶୀଳ ହୋଇଥାଏ । ଯାହା ପ୍ରଥମ ତିନି ବର୍ଷ ପରେ ରକ୍ଷଣାବେକ୍ଷଣ ମୁକ୍ତ ହୋଇଥାଏ ।

ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ପୁନଃବନୀକରଣ ପ୍ରୟାସ ପାଇଁ ମିୟାୱାକି ପଦ୍ଧତି ଏକ ଉତ୍କୃଷ୍ଟ ପସନ୍ଦ । ଏଥିରେ ଏକ ଅନୁର୍ବର ଜମିକୁ ଅଧିକ ଜୈବିକ ବିବିଧ ଜଙ୍ଗଲରେ ପରିଣତ କରାଯାଇପାରେ । ଚାରାଗୁଡ଼ିକୁ ପରସ୍ପର ନିକଟରେ ଲଗାଯାଇଥାଏ, ଯାହାଦ୍ୱାରା ସେଗୁଡ଼ିକ ଉପରୁ ସୂର୍ଯ୍ୟକିରଣ ପାଇଥାଏ ଏବଂ ଆଉ ପାର୍ଶ୍ୱଆଡ଼କୁ ନ ବଢ଼ି କେବଳ ଉପରକୁ ବଢ଼ି ଘନ ଛାଇ ସ୍ତର ସୃଷ୍ଟି କରେ । ଏକ ସୀମିତ ଅଞ୍ଚଳରେ କମ୍ ସମୟ ମଧ୍ୟରେ ଅଧିକ ସବୁଜିମା ସୃଷ୍ଟି କରିବାରେ ମିୟାୱାକି ପଦ୍ଧତିକୁ ଏବେ ସ୍ଥାନୀୟ ଭାବେ ହାତମୁଠାରେ ଜଙ୍ଗଲ କୁହାଗଲାଣି ଏବଂ ଆଦୃତ ହେଲାଣି । ●

ଅଧ୍ୟକ୍ଷ(ସେବା ନିବୃତ)
ରାୟଗଡ଼ା, ମୋ: ୮୨୪୯୪୨୫୫୫୧

## କାରୁଣ୍ୟ ବିଗଳିତ କାଳିନ୍ଦୀ ଚରଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଓଡ଼ିଶା ଗଡ଼ଜାତର ନିବିଡ଼ ଅରଣ୍ୟାନୀ ମଧ୍ୟରେ ନିରୀହ ସରଳ ଅବୋଧ କୃଷ୍ଣସାର ମୃଗଶିଶୁଟିଏ ମାତୃସ୍ତନରୁ ଅମୃତପାନ କରୁଛି ନିଧଡ଼କ ଭାବରେ । ଏପରି ମମତାପ୍ଲୁତ ମୁହୂର୍ତ୍ତ କେଉଁ ବନ୍ଧୁକଧାରୀ ନିର୍ମମ ରାକ୍ଷସର ପ୍ରଚଣ୍ଡ ଗୁଳି ବିସ୍ଫୋରଣରେ ହୋଇଗଲା ବିପର୍ଯ୍ୟସ୍ତ, ନିସ୍ତବ୍ଧ? କ୍ଷୀରଦାନରେ ପରିତୃପ୍ତ ହରିଣୀର ଶରୀର ହୋଇଗଲା ରକ୍ତ ଜର୍ଜର? କ୍ଷଣିକ ମଧ୍ୟରେ ଟଳିପଡ଼ିଲା ନିସ୍ପନ୍ଦ ଶରୀରଟି ତା’ର । କି ଦୋଷ କରିଥିଲା ସ୍ନେହମୟୀ ମୃଗାବତାର ମାତୃ ପ୍ରତମାଟି? କ’ଣ ଯେ ଘଟିଗଲା, ତାହା ବୁଝିପାରିବାର ସାମାନ୍ୟ ଶକ୍ତି ସଂଚାର ହୋଇ ନଥିବା ତା’ର ଟିକି ଶିଶୁ କନ୍ୟାଟି କେଉଁ ଜନ୍ମରେ କି ଅପରାଧ କରିଥିଲା? ଏପରି ନିଷ୍ଠୁର ଭାବରେ ନିରୀହ ପ୍ରାଣୀ ଉପରେ ଗୁଳି ନିକ୍ଷେପ କରିବାର ଅଧିକାର କିଏ ବା କାହାକୁ ଦେଲା? ଏହି ଚିତ୍ର ଯେତେବେଳେ ପ୍ରାଣବନ୍ତ ହୋଇ ଉଠିଛି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ‘ମାଂସର ବିଳାପ’ ଗଳ୍ପରେ, ସେତେବେଳେ ଯତ୍‌ସାମାନ୍ୟ କୋମଳତାର ଅଧିକାରୀ ପାଠକର ଆପାଦମସ୍ତକ କାର୍ତ୍ତିକ ମାସର ଶୀତାର୍ତ୍ତ ରାତି ପରି ଥରି ଉଠେ ।

ଯେଉଁ ଜମିଦାରଙ୍କ ଦ୍ୱାରା ଧୂଳିସାତ ହୋଇଗଲା ନିଜର ନିଷ୍ପାପ ଶୈଶବ, ସେହି ଘାତକକୁ ଆକୁଳ ନୟନରେ ଚାହିଁଲା ମୃଗଶିଶୁଟି । ପାଠକ ଶୁଣିଲା ତାଙ୍କ ହୃଦୟରେ ଯେତେବେଳେ ଉଚ୍ଚାରିତ ହେଲା -‘ଆହାଃ ।’ କିନ୍ତୁ ଏଇଠି ଅଟକି ଯାଇନି କାରୁଣ୍ୟ-ବିଗଳିତ କାଳିନ୍ଦୀଚରଣଙ୍କ କଲମ । ମୃଗଶିଶୁଟିକୁ ପାଳିତା କନ୍ୟା ପରି ନିଜ ଉଆସରେ ଆଶ୍ରୟ ଦେଇଥିବା ଜମିଦାର ଯେ ପୁଣି ଘନିଷ୍ଠ ବନ୍ଧୁ ଇଂରେଜ ସାହେବଙ୍କ ପାଇଁ ନୃଶଂସ ହୋଇପାରନ୍ତି ତାହା ଭାବିବା ବେଳେ ଶରୀରରେ ଶିହରଣ ଖେଳିଯାଏ । ଆଉ ପାଠକର ମାନସିକତା କେଉଁ ସ୍ତରକୁ ଯାଇଥିବ ତାହା କଳ୍ପନାତୀତ । ‘ମାଂସର ବିଳାପ’ ଗଳ୍ପ ପାଠ କରିବା ପରେ କେତେ ପାଠକ, ଛାତ୍ରଛାତ୍ରୀ ହୋଇଯାଇଛନ୍ତି ଶାକାହାରୀ ଏହାର ହିସାବ ରଖିବା ହୁଏତ ସମ୍ଭବ ହେବ ନାହିଁ । କିନ୍ତୁ ଯାହା ଭିତରେ ସାମାନ୍ୟ ବି ରହିଛି ସ୍ନେହ, ମମତା ସେମାନେ ମୁକ୍ତ ହୋଇଛନ୍ତି ଏହି ଦୁଷ୍କର୍ମରୁ । ଆଜିର ମାତୃପ୍ରତିମ, ଭଗିନୀ ସଦୃଶା, କନ୍ୟା ପ୍ରତି. ଶିଶୁ କନ୍ୟା ଅର୍ଥାତ ମାତୃଜାତି ପ୍ରତି ଆସୁରିକ ଅତ୍ୟାଚାରର ଏକ ପ୍ରତୀକାତ୍ମକ ପ୍ରତିବାଦ ହେଉଛି ‘ମାଂସର ବିଳାପ’ ।

କାଳଜୟୀ ସାହିତ୍ୟ ସ୍ରଷ୍ଟା କାଳିନ୍ଦୀ ଚରଣଙ୍କ ରଚିତ ‘ପଙ୍ଗୁ’, ‘ବିଟଘର ଓ ରେଳଗାଡ଼ି’ ସେହିପରି ମାନବିକ ଆବେଦନରେ ମର୍ମଦାହୀ । ‘ମାଟିର ମଣିଷ’ ପରି ଗାନ୍ଧୀ ବିଚାରଧାରା ସମୃଦ୍ଧ ଉପନ୍ୟାସ ସେ ହିଁ ସୃଷ୍ଟି କରି ପାରନ୍ତି । ଉପନ୍ୟାସର ନାୟକ ବରଜୁ ସାନଭାଇ ଛକଡ଼ି ନିମନ୍ତେ ଯେଉଁ ତ୍ୟାଗ ସ୍ୱୀକାର କରିଛି ତାହା କି ବିରଳ! ଅହିଂସା ଆଜିର ଯୁଗରେ ଅଚଳ ବୋଲି କହିବା ଏକ ଫ୍ୟାସନ ହୋଇଗଲାଣି ବୋଲି ଗାନ୍ଧିଜୀ ତାଙ୍କ ସମୟରେ ଯାହା କହିଥିଲେ । ଆଜି ସେହି ଫ୍ୟାସନ ଅଧିକ ଉଗ୍ର ରୂପ ନେଲାଣି । ଯେଉଁ ଆଦର୍ଶ, ପାରିବାରିକ ଶାନ୍ତି ବଜାୟ ରଖିପାରେ ତାହା ସମାଜ କିମ୍ବା ଦେଶ ପାଇଁ କ’ଣ ଅନୁସରଣୀୟ ନୁହେଁ?

ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ କାଳିନ୍ଦୀ ଚରଣଙ୍କ ପ୍ରତିଭାର ଅଭ୍ୟୁଦୟ । ‘ସବୁଜ ଗୋଷ୍ଠୀ’ର ସାହିତ୍ୟିକ ପରିମଣ୍ଡଳ ଓଡ଼ିଆ ସାହିତ୍ୟର ଏକ ସ୍ମରଣୀୟ ଅଧ୍ୟାୟ । ଏହାପରେ କାଳିନ୍ଦୀ ଚରଣ କବିତା ସହିତ ଉପନ୍ୟାସ, ଗଳ୍ପ, ନାଟକ, ଜୀବନୀ, ପ୍ରବନ୍ଧ ଲେଖିଛନ୍ତି । ‘ଅଙ୍ଗେ ଯାହା ନିଭାଇଛି’ପରି ଉଚ୍ଚକୋଟୀର ଆତ୍ମଜୀବନୀର ସ୍ରଷ୍ଟା ସେ । ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା, ମନେନାହିଁ ମହାଦୀପ, ସାଗରିକା ଆଦି କେତେ ପୁସ୍ତକ ତାଙ୍କର ଓଡ଼ିଆ ସାହିତ୍ୟକୁ କରିଛି ସମୃଦ୍ଧିଶାଳୀ । ରବୀନ୍ଦ୍ରନାଥଙ୍କ ଶ୍ରେଷ୍ଠ ଗଳ୍ପମାଳା ବି ଅନୁବାଦ କରିଛନ୍ତି ସେ । କେଉଁ ଦିଗରେ ବା ତାଙ୍କ ପ୍ରତିଭା ରଶ୍ମି ବିକିରିତ ହୋଇନାହିଁ! ତେବେ ପ୍ରତିଭା-ପାତ୍ର ଯାହା ଘେନି ପରିପୂର୍ଣ୍ଣତା ଲାଭକରେ ସେହି ମାନବୀୟ ବେଦନା ଓ ସମ୍ବେଦନା ହେଉଛି କାଳିନ୍ଦୀ ଚରଣଙ୍କ ସାହିତ୍ୟର ସର୍ବୋତ୍ତମ ଐଶ୍ୱର୍ଯ୍ୟ । ଯେଉଁଠି କାରୁଣ୍ୟର ହୃଦୟସ୍ପର୍ଶୀ ବ୍ୟଞ୍ଜନା, ତାହା ହିଁ ହୋଇପାରେ କାଳଜୟୀ । କାଳିନ୍ଦୀ ଚରଣ ସବୁଜ ଧାରାର ସ୍ରଷ୍ଟା । ପୁଣି ପ୍ରଗତିବାଦୀ ସାହିତ୍ୟର ଶିଳ୍ପୀ ଭାବରେ ‘ଆଗାମୀ’ପୃଥିବୀର ସ୍ୱପ୍ନ ସେ ଦେଖିପାରନ୍ତି, ଯେଉଁଠି ପ୍ରତିଟି ମଣିଷର ବଞ୍ଚି ରହିବାର ଅଧିକାର ହେଉଛି ଶ୍ରେଷ୍ଠ ଆହ୍ୱାନ । ‘ପୁରୀ ମନ୍ଦିର’କବିତା ଯାହାଙ୍କ ମାନବବାଦୀ ଚେତନାର ପରିଚାୟକ ସେ ଭାରତୀୟ ସାହିତ୍ୟ ଜଗତର ଯେ ଏକ ସ୍ୱର୍ଣ୍ଣିମ କିରଣ - ଏହା କିଏ ଅବା ଅନୁଭବ କରିବା ରହିଯାଇଛି ବାକି? ଯେଉଁମାନଙ୍କ ସକାଶେ ଅଛି ବାକି, ସେମାନଙ୍କ ପାଇଁ ରହିଛି କାଳିନ୍ଦୀ ଚରଣ ଗ୍ରନ୍ଥାବଳୀ ଜୀବନ୍ତ ସାକ୍ଷୀ । ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ସରକାରଙ୍କୁ ଘେରିବାକୁ କଂଗ୍ରେସ ପ୍ରସ୍ତୁତ

# ଅନାସ୍ଥା ଅସ୍ତ୍ର ଧରି ଗୃହ ପ୍ରବେଶ କରିବ ଦଳ

ଭୁବନେଶ୍ୱର,୧୭।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ବଡ଼ ରଣନୀତି ପ୍ରସ୍ତୁତ କରିଛି। ହାତରେ ଲମ୍ବାତାଲିକା ସହ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଭଳି ବଡ଼ ଅସ୍ତ୍ର ପ୍ରୟୋଗ କରିବାକୁ ମଧ୍ୟ ଦଳ ନିଷ୍ପତ୍ତି ନେଇଛି। ଅଧିବେଶନ ଆରମ୍ଭ ପୂର୍ବରୁ ବୁଧବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିଥିବା ବେଳେ ଏଥିରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଉପସ୍ଥିତ ରହି ଏହି ରଣନୀତି ପ୍ରସ୍ତୁତ କରିଛନ୍ତି। ବୈଠକ ପରେ ବିଧାୟକ ଦଳ ନେତା କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମହିଳା ହିଂସାଠାରୁ ଆରମ୍ଭ କରି ଚାଷୀମାନେ ସାର ଅଭାବରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ରାଜ୍ୟରେ ଏ ସରକାରର ରହିବାର ନୈତିକ ଅଧିକାର ନାହିଁ। ତେଣୁ କଂଗ୍ରେସ ଦଳ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ନେଇଛି। ଏହାସହିତ ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଦଳ ପାଖରେ ରହିଛି। ବର୍ତ୍ତମାନ ରାଜ୍ୟରେ ଦାଦନ ସମସ୍ୟା ଉତ୍କଟ ହୋଇଛି। ନିଯୁକ୍ତି ଓ ରୋଜଗାର ପାଇଁ ଯୁବକମାନେ ବାହାର ରାଜ୍ୟକୁ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ଏହାସହିତ ରାଜ୍ୟରେ ସରକାରକୁ ଆସିଲେ ଛାତ୍ର ନିର୍ବାଚନ ହେବ ବୋଲି ସରକାର କହିଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଆରମ୍ଭ କରି ନାହାନ୍ତି। କେଉଁଥିପାଇଁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇ ରହିଛି ବୋଲି ସରକାରଙ୍କ ଦଳ ଜବାବ ମାଗିବ ବୋଲି ଶ୍ରୀ କାଡାମ୍ କହିଛନ୍ତି।

- ■ ସାର ପ୍ରସଙ୍ଗରେ ଦଳ କରିବ ଶାଣିତ ଆକ୍ରମଣ
- ■ ମହିଳା ହିଂସା, ଛାତ୍ର ନିର୍ବାଚନ ଭଳି ପ୍ରସଙ୍ଗ ବି ଉଠାଇବ

ଏହା ବ୍ୟତୀତ ନିକଟରେ ରାଜ୍ୟରେ ଏସ୍‌ସି-ଏସ୍‌ଟି ମାମଲାରେ ଏସ୍‌ଆଇ ମାନଙ୍କୁ ତଦନ୍ତ ଭାର ଦିଆଯିବା ନିଷ୍ପତ୍ତି ବିରୋଧରେ ମଧ୍ୟ ଦଳ ସ୍ୱର ଶାଣିତ କରିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଏସ୍‌ସି-ଏସ୍‌ଟି ମାନଙ୍କ ଉପରେ ଅତ୍ୟାଚର ବଢ଼ିବ ବୋଲି ସେ କହିଛନ୍ତି। ସେହିପରି ମହିଳା ସୁରକ୍ଷା ମଧ୍ୟ ନିମ୍ନଗାମୀ ହେଉଛି। ରାଜଧାନୀ ଛାତି ଉପରୁ ମହିଳା କନଷ୍ଟେବଲଙ୍କୁ ନେଇ ହତ୍ୟା କରାଯାଉଛି, ସରକାର କିପରି ଚେଇଁ ଶୋଇଛନ୍ତି ତାହାର ଜବାବ ମଗାଯିବ ବୋଲି ସେ କହିଛନ୍ତି। ସାର ଅଭାବରେ ରାଜ୍ୟର ଚାଷୀମାନେ କ୍ଷେତ ବଦଳରେ ରାଜରାସ୍ତାରେ ଲଢ଼େଇ କରୁଛନ୍ତି, କାହିଁକି ରାଜ୍ୟର ଚାଷୀଙ୍କୁ ସାର ଉପଲବ୍ଧ କରାଯାଇ ପାରୁନାହିଁ ତାହାର ମଧ୍ୟ ସରକାର ଜବାବ ଦେବେ ବୋଲି ଶ୍ରୀ କାଡାମ୍ କହିଛନ୍ତି। ଏଭଳି ପ୍ରସଙ୍ଗକୁ ନେଇ କଂଗ୍ରେସର ସମସ୍ତ ବିଧାୟକ ସରକାରଙ୍କୁ ଶାଣିତ ଆକ୍ରମଣ କରିବା ସହ ଦଳ ଉତ୍ତର ଦାବି କରିବ ବୋଲି ଶ୍ରୀ କାଡାମ କହିଛନ୍ତି। ଆଜିର ଏହି ବୈଠକରେ କଂଗ୍ରେସର ସମସ୍ତ ବିଧାୟକ ଉପସ୍ଥିତ ରହି ଏକ ହୋଇ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।



## ବସ୍‌ରେ ମାଗଣା ଯିବେ ଛାତ୍ରଛାତ୍ରୀ

**ଆଇକାର୍ଡ ଓ ୟୁନିଫର୍ମ ବାଧ୍ୟତାମୂଳକ**

ଭୁବନେଶ୍ୱର, ୧୭।୯(ସମିସ): ସ୍କୁଲ୍ ପିଲାଙ୍କ ପାଇଁ ବସ୍ ସେବା ମାଗଣା ହେବ। ବିଦ୍ୟାଳୟକୁ ସରକାରୀ ବସ୍‌ରେ ମାଗଣା ଯିବାଆସିବା କରିପାରିବେ। ବିଦ୍ୟାଳୟର ଆଇ-କାର୍ଡ ସହିତ ୟୁନିଫର୍ମରେ ଥିଲେ ଆଉ ଭଡ଼ା ଦେବାକୁ ପଡ଼ିବ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନା ଆରମ୍ଭ କରି ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ପ୍ରଦାନ କରାଯିବ। ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ସ୍କୁଲ୍ ଠାରୁ ବିଦ୍ୟାଳୟର ଦୂରତା ପାଇଁ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀମାନେ ପଢ଼ା ଜାରି ରଖିପାରିବେ।

## ବାର୍ କାଉନ୍‌ସିଲ୍‌ର ନିଷ୍ପତ୍ତି

# ଆଇନଜୀବୀ ପେସାରୁ ଅର୍ଚ୍ଚନା ନାଗ ନିଲମ୍ବିତ

କଟକ, ୧୭।୯(ସମିସ): ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ) ପକ୍ଷରୁ ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗଙ୍କ ଓକିଲାତି ଲାଇସେନ୍ସ ସସପେଣ୍ଡ କରାଯାଇଛି। ଫଳରେ ଅର୍ଚ୍ଚନା ବିଧିବଦ୍ଧ ଭାବେ ଆଇନଜୀବୀ ପେସାରୁ ନିଲମ୍ବିତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ବାର କାଉନସିଲ)ର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଜଣାଇଛନ୍ତି। ବିବରଣୀରୁ ପ୍ରକାଶ ଯେ ଅର୍ଚ୍ଚନା ନାଗ ତାଙ୍କ ବିରୋଧରେ ଥିବା ଫୌଜଦାରୀ ମାମଲା ସମ୍ପର୍କିତ ତଥ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଗୋପନ ରଖି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିଥିଲେ। ସେହି ଆଧାରରେ ନିଜକୁ ଆଇନଜୀବୀ ହିସାବରେ ପଞ୍ଜୀକରଣ କରାଇଥିଲେ। ତାଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ନାହିଁ କିମ୍ବା ସେ କୌଣସି ବ୍ୟବସାୟ ବୃତ୍ତିରେ ସଂପୃକ୍ତ ନାହାନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ବାସ୍ତବରେ ତାଙ୍କ ନାମରେ ବିଭିନ୍ନ ଦଫା ସମ୍ବଳିତ ଫୌଜଦାରୀ ମାମଲା ରୁଜୁ ହୋଇ ବିଚାରାଧୀନ ଥିବା ଜଣାପଡିଥିଲା। ସେ ଦୁଇଟି କମ୍ପାନୀର ନିର୍ଦ୍ଦେଶକ ମଧ୍ୟ ଅଛନ୍ତି। ମିଥ୍ୟା ତଥ୍ୟ ପ୍ରଦାନ କରିଥିବାରୁ ଭାରତୀୟ ଅଧିବକ୍ତା ନିୟମ ୧୯୬୧ର ଏହା ବିରୁଦ୍ଧାଚରଣ କରିଛି। ସମସ୍ତ ବିଷୟକୁ ଗୁରୁତର ସହିତ ଗ୍ରହଣ କରି ଅର୍ଚ୍ଚନା ନାଗଙ୍କୁ ଆଇନଜୀବୀ ପେସାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଫଇସଲା ପର୍ଯ୍ୟନ୍ତ ନିଲମ୍ବନ କରାଯିବା ପାଇଁ ବାର କାଉନସିଲ ସାଧାରଣ ବୈଠକରେ ନିଷ୍ପତ୍ତି ଗୃହୀତ ହୋଇଛି।

## ଅବଶିଷ୍ଟାଂଶ

### ନାରୀ-ସାର...

କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନରେ ଗୃହର ଦିବଙ୍ଗତ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିବେ । ଗତ ଅଧିବେଶନ ଶେଷ ଓ ଚଳିତ ଅଧିବେଶନ ମଧ୍ୟରେ ବିଧାନସଭାର ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ସମେତ ୫ ଜଣ ପୂର୍ବତନ ସଦସ୍ୟ ଓ ନୂଆପଡାର ଆସୀନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ଦେହାନ୍ତ ହୋଇଛି। ଏହି ଦିବଙ୍ଗତଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହେବା ପରେ ଗୃହରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ଏହାପରେ ବାଚସ୍ପତି ଗୃହକୁ ଶୁକ୍ରବାର ଯାଏଁ ମୁଲତବୀ ରଖିବେ ବୋଲି ସ୍ଥିରୀକୃତ ହୋଇଛି।

### କଠୋର ଆଭିମୁଖ୍ୟ...

ସୁରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାରର ଅପାରଗତା ଓ ଉଦାସୀନତା ଜଳଜଳ ହୋଇ ଦିଶୁଛି। ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର ଜନିତ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପ୍ରତିଦିନ ବଢି ଚାଲିଛି। ଏ ରାଜ୍ୟରେ ଏବେ କେହି ନିରାପଦ ନୁହନ୍ତି ବୋଲି ନବୀନ କହିଥିଲେ। ସେହିପରି ସାର ଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ମାନବକୃତ ସଙ୍କଟ ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି । ପଞ୍ଚାୟତି ରାଜ ବ୍ୟବସ୍ଥାରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ସମ୍ପୂର୍ଣ୍ଣ ନଷ୍ଟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅପ୍ରାସଙ୍ଗିକ କରିବା ପାଇଁ ରାଜ୍ୟ ସରକାର ଅଫିସରମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାକୁ ଦୃଢ଼ ବିରୋଧ କରାଯିବ। ଏତଦ୍ ବ୍ୟତୀତ ଓଡ଼ିଆ ଅସ୍ମିତାର ପ୍ରତୀକ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ହୋଇଥିବା ବିଶୃଙ୍ଖଳା ଓ ଦଳାଚକଟା ଘଟଣାରେ ମଧ୍ୟ ସରକାରଙ୍କୁ ଜବାବ ଦାବୀ କରାଯିବ ବୋଲି ସେ କହିଥିଲେ। ବିଧାୟକ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବିରୋଧୀ ଦଳ ନେତାଙ୍କ ପରାମର୍ଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବାପା-ମା'ଙ୍କ ଜନ୍ମ...

ତେବେ ୧୯୮୭ ପରେ ଜନ୍ମ ଗ୍ରହଣ କରିଥିବା ଭୋଟରମାନଙ୍କୁ ସେମାନଙ୍କ ପିତାମାତାଙ୍କର ଜନ୍ମ/ସ୍ଥାନ ପ୍ରମାଣପତ୍ର ଦେବାକୁ ପଡ଼ିବ। କମିସନଙ୍କର ଜେଣ ଅଧିକାରୀ କହିଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ଗତଥର ଅଲଗା ଅଲଗା ସମୟରେ ଏସ୍‌ଆଇଆର ହୋଇଥିଲା। ଅଧିକାଂଶ ରାଜ୍ୟରେ ଏହି ପ୍ରକ୍ରିୟା ୨୦୦୨ରୁ ୨୦୦୪ ଭିତରେ ହୋଇଥିଲା। ଯେଉଁ ଲୋକଙ୍କ ନାମ ସେ ସମୟରେ ଭୋଟର ତାଲିକାରେ ଥିଲା, ସେମାନଙ୍କୁ କୌଣସି ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବନାହିଁ। ଉଦାହରଣ ସ୍ୱରୂପ ବିହାରରେ ୨୦୦୩ରେ ଏସଆଇଆର ହୋଇଥିଲା। ଏଠାକାର ପ୍ରାୟ ୫ କୋଟି ଭୋଟର ପୂର୍ବରୁ ଏହି ତାଲିକାରେ ଅଛନ୍ତି। ତେଣୁ ଏମାନଙ୍କୁ କୌଣସି ଅତିରିକ୍ତ ପ୍ରମାଣପତ୍ର ଦେବାକୁ ପଡ଼ିବନାହିଁ। ଆଉ ୩ କୋଟି ନୂଆ ଭୋଟରଙ୍କୁ ନିର୍ଦ୍ଧାରିତ ୧୧ ପ୍ରମାଣପତ୍ର ମଧ୍ୟରୁ ଗୋଟିଏ ଦେବାକୁ ହେବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଧାର କାର୍ଡକୁ ମଧ୍ୟ ପ୍ରମାଣପତ୍ର ଭାବେ ଧରାଯାଇଛି। ନୂଆ ବ୍ୟବସ୍ଥାରେ ଯେଉଁ ଲୋକ ନୂଆ ଭୋଟର ହେବାକୁ ଚାହୁଁଛନ୍ତି କିମ୍ବା ଅନ୍ୟ ରାଜ୍ୟରୁ ଆସିଛନ୍ତି ତାଙ୍କୁ ଘୋଷଣାପତ୍ର ଦେବାକୁ ହେବ। ଭାରତରେ କେବେ ଜନ୍ମ ହୋଇଥିଲେ ବୋଲି ପ୍ରମାଣ ଦେବାକୁ ହେବ।

୧୯୮୭ ଜୁଲାଇ ୧ ପୂର୍ବରୁ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ନିଜର ପ୍ରମାଣପତ୍ର ଏବଂ ୧୯୮୭ ଜୁଲାଇ ୧ରୁ ୨୦୦୪ ଡିସେମ୍ବର ୨ ମଧ୍ୟରେ ଜନ୍ମିତ ବ୍ୟକ୍ତିଙ୍କୁ ମାତାପିତାଙ୍କ ଜନ୍ମତାରିଖ କିମ୍ବା ଜନ୍ମସ୍ଥାନ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ୨୦୦୪ ଡିସେମ୍ବର ୨ ପରେ ଜନ୍ମିତ ବ୍ୟକ୍ତିଙ୍କ ଲାଗି ଏହି ସର୍ତ୍ତ କଡ଼ାକଡ଼ି କରିଦିଆଯାଇଛି। ମାତାପିତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ବୋଲି ତାଙ୍କୁ ପ୍ରମାଣିତ କରିବାକୁ ପଡ଼ିବ। ବେଆଇନ ପ୍ରବାସୀ ହୋଇ ନ ଥିବା ମଧ୍ୟ ସ୍ପଷ୍ଟ କରିବେ।

### ଇଭିଏମ୍‌ରେ ରହିବ...

୪୯ବି ଅଧୀନରେ ଇଭିଏମ ବାଲାଟ ପେପରର ଡିଜାଇନ ଏବଂ ପ୍ରିଣ୍ଟିଂ ସମ୍ବନ୍ଧିତ ଥିବା ମାର୍ଗଦର୍ଶିକାରେ ସଂଶୋଧନ କରାଯାଇଛି। ସ୍ୱଚ୍ଛତା ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। କମିସନ ଏଥିରେ ଚାରୋଟି ବଡ଼ ପରିବର୍ତ୍ତନ କରିଛନ୍ତି। ପ୍ରାର୍ଥୀଙ୍କ ମୁହଁ ଫଟୋର ତିନି ଚତୁର୍ଥାଂଶରେ ରହିବ। ପ୍ରାର୍ଥୀ/ ନୋଟାର କ୍ରମିକ ସଂଖ୍ୟାର ଫଣ୍ଟ ଅନର୍ଜାତୀୟ ଶୈଳୀରେ ରହିବ। ଫଣ୍ଟର ଆକାର ୩୦ ହେବ ଏବଂ ଏହା ବୋଲ୍ଡ ତଥା ଗାଢ଼ ରଖାଯିବ। ଇସିଙ୍କ ସୂଚନା ଅନୁଯାୟୀ ଇଭିଏମର ବାଲଟ ପେପର ୭୦ ଜିଏସଏମ ପେପରରେ ଛପାଯିବ। ବିଧାନସଭା ନିର୍ବାଚନ ପାଇଁ ସ୍ୱତନ୍ତ୍ର ଆରଜିବି ଥିବା ଗୋଲାପୀ ରଙ୍ଗରେ କାଗଜ ବ୍ୟବହାର କରାଯିବ।

### ରିହାତି ଜରିମାନାରେ...

ସମାଧାନ ଯୋଜନା' ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡୁଛି ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ 'ଏକକାଳୀନ ସମାଧାନ ଯୋଜନା' ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ ଏବେ ସୁଦ୍ଧା ୩୧ ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବର ପ୍ଲେଟ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂ ଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

ଏ ଅଭିଯୋଗଗୁଡ଼ିକର ସଂଖ୍ୟାକୁ ଦେଖି ରାଜ୍ୟ ସରକାର ଏକକାଳୀନ ସମାଧାନ ବାଟ ବାହାର କରିଛନ୍ତି। ଯାହାକୁ କେନ୍ଦ୍ର କରି ରାଜ୍ୟ ବାଣିଜ୍ୟ ବିଭାଗ ଆଜି ଏହି ଓଟିଏସ୍ ବିଜ୍ଞପ୍ତି ଜାରି କରିଛି। ଏଥିରେ ୧୭ ପ୍ରକାରର ନିୟମ ଉଲ୍ଲଂଘନ ପାଇଁ ରିହାତି ଘୋଷଣା କରାଯାଇଛି। ସାଧାରଣ ଉଲ୍ଲଂଘନ, ଡ୍ରାଇଭିଂ ନିୟମ ଭଙ୍ଗ, ବିନା ଟକଟରେ ଯାତ୍ରା, ଅଧିକାରୀଙ୍କ ଆଦେଶକୁ ପାଳନ ନକରିବା ସୂଚନା ଦେବାକୁ ମନା କରିବା ଆଦି ଉଲ୍ଲଂଘନ ପାଇଁ ୫୦୦ରୁ ୨୦୦୦ ଟଙ୍କା ଯାଏ ଜରିମାନା ବ୍ୟବସ୍ଥା ଥିଲା ସେଥିରେ ୫୦ ପ୍ରତିଶତ ହ୍ରାସ କରାଯାଇଛି। ସେହିପରି ମାନସିକ ଓ ଶାରିରୀକ ସୁସ୍ଥତା ନଥାଇ ଗାଡ଼ି ଚଳାଇବା ଏବଂ ଶବ୍ଦ ଓ ବାୟୁ ପ୍ରଦୂଷଣ କରୁଥିବା ଗାଡ଼ି ଗୁଡ଼ିକ ପାଇଁ ଏକକାଳୀନ ଦେୟ ପଇଠରେ ୫୦ ପ୍ରତିଶତ ହ୍ରାସ ଘୋଷଣା କରାଯାଇଛି। ବିନା ପଞ୍ଜିକରଣରେ ଗାଡ଼ି ଚଳାଇବା ଆଦି ନିୟମ ଉଲ୍ଲଂଘନ ଲାଗି ୨୦୦୦ରୁ ୫୦୦୦ ଟଙ୍କା ଜରିମାନା ଥିଲା। ଏବେ ଏହାକୁ ୨୦୦୦ ଟଙ୍କା ଦେଇ ମାମଲା ବନ୍ଦ କରିହେବ ବୋଲି କୁହାଯାଇଛି। ସେହିପରି ଓଭରସାଇଜ ଗାଡି ପାଇଁ ୫ ହଜାର ଟଙ୍କା ସର୍ବାଧିକ ଜରିମାନା ସ୍ଥିର କରାଯାଇଥିବା ବେଳେ ଅନ୍ୟ ସବୁ ମାମଲାରେ ୧୦୦ ଟଙ୍କା ଜରିମାନା ନିର୍ଦ୍ଧାରଣ କରାଯାଇଛି।

### ପ୍ରତ୍ୟାହାର ହେବ...

ବିରୋଧରେ ଇ-ଚାଲାଣ ହୋଇଛି। ଏହାକୁ ଆରଟିଓ ଓ ପୁଲିସ କର୍ତ୍ତୃପକ୍ଷଙ୍କଠାରେ ସମାଧାନ କରାଯାଇ ନ ପାରିବାରୁ ମାମଲା କୋର୍ଟକୁ ଯାଇଛି। ହେଲେ ବର୍ଷ ବର୍ଷ ଧରି ଏଭଳି ମାମଲାର ବିଚାର ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଅଦାଲତ ଉପରୁ ଚାପ ହ୍ରାସ କରିବା ସହିତ କିଭଳି ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀଙ୍କ ଠାରୁ ଜୋରିମାନା ବାବଦ ଅର୍ଥ ଆଦାୟ କରାଯାଇ ପାରିବ ସେନେଇ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏଥିରେ ୨୦୨୫ ଜୁଲାଇ ଶେଷ ସୁଦ୍ଧା ଯେତେସବୁ ମାମଲା ରହିଛି ସେଗୁଡିକୁ ପ୍ରତ୍ୟାହାର କରାଯିବ ଓ ସେ ସଂକ୍ରାନ୍ତରେ ଆଇନଗତ ଦିଗ ଉପରେ ଆଲୋଚନା କରି ଏହି କମିଟି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବାକୁ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ପୁଲିସ ପଞ୍ଝାରେ...

ବନ୍ଧୁକ ଆଣି ଓଡ଼ିଶା ଆସିଥିଲା। ଏଠାରେ ଡିଲ୍ ଚାଲିଥିବା ବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ହାବୁଡ଼ରେ ପଡ଼ିଥିଲେ। ଟିପୁ କେବଳ ବୁଲୁ ଓ ସକାବତକୁ ବନ୍ଧୁକ ଦେବାକୁ ଆସି ନ ଥିଲା; ବରଂ ଆହୁରି ଅନେକ ଅପରାଧୀ ମଧ୍ୟ ବନ୍ଧୁକ ପାଇଁ ବଇନା ଦେଇଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ହ୍ୱାଟ୍ସଆପ ଚାଟ୍ ଓ କଲ୍ ଡିଟେଲ ରିପୋର୍ଟ (ସିଡିଆର) ଯାଞ୍ଚରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁଲିସ ହାତରେ ଲାଗିଛି। ସେମାନଙ୍କୁ ମଧ୍ୟ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସେପଟେ ଝାଡ଼ଖଣ୍ଡୀ ମହେଶ ୯ଟି ବିବାହ କରିଥିବା ପୁଲିସ ଜାଣିବାକୁ ପାଇଛି। ଏକାଧିକ ବିବାହ ପଛରେ ବନ୍ଧୁକ ବେପାର ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି। ବିଭିନ୍ନ ସ୍ଥାନରେ ବନ୍ଧୁକ ବେପାରକୁ ବଢ଼ାଇବା ପାଇଁ ସେ ଗୋଟିଏ ପରେ ଗୋଟିଏ ବିବାହ କରିଥିବା ଜଣାପଡ଼ିଛି। ଏନେଇ ସ୍ୱତନ୍ତ୍ର ଅପରାଧିକ ଶାଖା ଏକ ମାମଲା ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ରାଜଧାନୀରେ ମାରିଲା...

ପୁଲିସ କହୁଥିବାବେଳେ ଶୁଭମିତ୍ରାଙ୍କୁ ହତ୍ୟା କରି ୧ କୋଟି ବୀମା ହାସଲ ପାଇଁ ଦୀପକ ଷଡ଼ଯନ୍ତ୍ର କରିଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ଖୋର୍ଦ୍ଧା ଜିଲ୍ଲା ପିତୁକୁଳିର ଶୁଭମିତ୍ରା ପୁଲିସ କମିସନର (ସିପି) ଅଫିସରେ ଥିବା ଟ୍ରାଫିକ ଡିସିପିଙ୍କ କାର୍ଯ୍ୟାଳୟରେ କନଷ୍ଟେବଳ ଭାବରେ କାମ କରୁଥିଲେ। ସେହିପରି କନେଷ୍ଟବଳ ଦୀପକ ରାଉତ କମିଶନରେଟ ପୁଲିସରେ ଆକାଉଣ୍ଟ ସେକ୍ସନରେ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ। ଦୀପକଙ୍କ ପ୍ରଥମ ପତ୍ନୀଙ୍କ ମୃତ୍ୟୁପରେ ଶୁଭମିତ୍ରାଙ୍କ ସହ ତାଙ୍କର ସମ୍ପର୍କ ବଢ଼ିଥିଲା ଓ ଗତବର୍ଷ ଜୁଲାଇ ମାସରେ ଉଭୟ ଖଣ୍ଡଗିରି ସବରେଜିଷ୍ଟ୍ରାରଙ୍କ ନିକଟରେ କୋର୍ଟ ମ୍ୟାରେଜ୍ କରିଥିଲେ। ସୂର୍ଯ୍ୟନଗରରେ ରହୁଥିବା ଶୁଭମିତ୍ରା ଗତ ୬ ତାରିଖ ଦିନ ଡ୍ୟୁଟିକୁ ଯାଇ ସନ୍ଧ୍ୟା ଘରକୁ ଫେରିନଥିଲେ। ତା' ପରଠାରୁ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ଶୁଭମିତ୍ରାଙ୍କ ସହିତ ଯୋଗାଯୋଗ ହୋଇନପାରିବାରୁ ତାଙ୍କ ମାଆ ସୁକାନ୍ତି ସାହୁ ୭ ତାରିଖ ଦିନ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଶୁଭମିତ୍ରାଙ୍କ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ଦୀପକ ଉପରେ ସନ୍ଦେହ ହୋଇଥିଲା। ଗତ ଶୁକ୍ରବାର ଦୀପକକୁ ଜେରା କରାଯାଇଥିଲା । ରବିବାର ପୁଲିସ ଦୀପକକୁ ପଚରାଉଚରା କରିବା ପରେ ସୋମବାର ତା'ର ମିଛଧରା ପରୀକ୍ଷା କରାଯାଇଥିଲା। ସେ ଶୁଭମିତ୍ରାଙ୍କୁ ୟୁନିଟ୍ ୬ ଅଞ୍ଚଳରେ ହତ୍ୟାକରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିବା ସ୍ୱୀକାର କରିଥିଲା। ବୁଧବାର କମିସନରେଟ ପୁଲିସର ଏକ ଟିମ୍ ଦୀପକକୁ ଧରି ୟୁନିଟ୍ ୬ ସ୍ଥିତ ହତ୍ୟାକାଣ୍ଡ ସ୍ଥଳ ଓ ସେଠାରୁ ଅଭିଯୁକ୍ତକୁ ନେଇ ଘଟଗାଁ ଅଭିମୁଖେ ଯାଇଥିଲା। ଘଟଗାଁ ଥାନା ପୁଲିସ ସହାୟତାରେ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ଶୁଭମିତ୍ରାଙ୍କ ମୃତଦେହ ଜବତ କରିଥିଲା।

ପୁଲିସ କମିଶନର ଦେବଦତ୍ତ ସିଂହଙ୍କ ସୂଚନା ଅନୁସାରେ ଦୀପକ କିଛିମାସ ପୂର୍ବରୁ ଶୁଭମିତ୍ରାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ନେଇଥିଲା। ଏହି ଟଙ୍କା ନେଣଦେଣକୁ ନେଇ ହୋଇଥିବା ବଚସାରୁ ହିଁ ଦୀପକ ତାଙ୍କୁ ହତ୍ୟା କରିଥିବା ପୁଲିସ କମିସନର ଶ୍ରୀ ସିଂ କହିଛନ୍ତି। ଅନ୍ୟପକ୍ଷରେ ଶୁଭମିତ୍ରାଙ୍କୁ ହତ୍ୟା କରି ତାଙ୍କ ମୃତ୍ୟୁ ପରେ ବୀମା କମ୍ପାନୀରୁ ମିଳିବାକୁଥିବା କୋଟିଏ ଟଙ୍କା ହାତେଇବାକୁ ଦୀପକ ଏହି ଯୋଜନା କରିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି। ଦୀପକ ପୂର୍ବରୁ ମଧ୍ୟ ବିବାହ କରିଥିଲେ ଓ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଥିଲା। ପତ୍ନୀ ସରକାରୀ କର୍ମଚାରୀ ଥିବାରୁ ବ୍ୟବସ୍ଥାନୁସାରେ ଦୀପକଙ୍କୁ କୋଟିଏ ଟଙ୍କା ବୀମାରାଶି ମିଳିଥିଲା। ପୁଲିସ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ କୋଟିଏ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ଶୁଭମିତ୍ରାଙ୍କୁ ହତ୍ୟା କରାଯାଇଥିବା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହା ସହ ପ୍ରଥମ ପତ୍ନୀଙ୍କ ମୃତ୍ୟୁକୁ ନେଇ ନାନା ପ୍ରଶ୍ନ ଉଠିଛି। ବୀମା ଟଙ୍କା ପାଇଁ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

### ଗୃହ ବିଭାଗର...

ତାରିଖ ଦିନ ପୁଲିସରେ ବିଧିବଦ୍ଧ ଅଭିଯୋଗ କରିଥିଲେ। ହେଲେ ଆଜି ଘଟଗାଁରେ ତାଙ୍କର ଶବ ମାଟିତଳୁ ମିଳିଛି । ଏହି ଘଟଣା ଗୃହ ବିଭାଗ ଓ ରାଜ୍ୟ ପୁଲିସର କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ପୁଲିସ ବିଭାଗ ତାଙ୍କ ନିଜର ଜଣେ ମହିଳା କର୍ମଚାରୀଙ୍କୁ ୧୦ ଦିନ ଧରି ଖୋଜି ପାଉନାହିଁ ତେବେ ସାଧାରଣ ନାଗରିକଙ୍କ ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ। ଶୁଭମିତ୍ରାଙ୍କ ବାପା ଅଭିଯୁକ୍ତଙ୍କ ବିଷୟରେ ପୂର୍ବରୁ ପୁଲିସକୁ ଅବଗତ କରାଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ହୋଇଛି। ଏହା ସତ୍ତ୍ୱେ ତଦନ୍ତ ବାଟବଣା ହେଲା। ଶେଷରେ ମହିଳା କନେଷ୍ଟବଳ ଆଖି ବୁଜିଲେ। ମହିଳାଙ୍କ ସୁରକ୍ଷା ନେଇ ଗୃହ ବିଭାଗ ଓ ପୁଲିସ ଯଦି ତାଙ୍କ କାର୍ଯ୍ୟଶୈଳୀରେ ତୁରନ୍ତ କୌଣସି ପରିବର୍ତ୍ତନ ନ ଆଣନ୍ତି ତେବେ ଆଗକୁ ଆହୁରି ଅନେକ ଶୁଭମିତ୍ରାଙ୍କୁ ପରିବାର ଲୋକେ ହରାଇବେ ବୋଲି ନବୀନ କହିଛନ୍ତି। ପୂର୍ବରୁ ଗୋପାଳପୁର ଓ ବାଲିହରଚଣ୍ଡୀ ଭଳି ପର୍ଯ୍ୟଟନ ସ୍ଥଳୀରେ ଗଣଦୁଷ୍କର୍ମ ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଛି। ଏବେ ପୁଲିସ ବିଭାଗର ଜଣେ ମହିଳା କନେଷ୍ଟବଳ ନିଖୋଜ ହେବାର ୧୦ ଦିନ ପରେ ତାଙ୍କ ମୃତ ଦେହ ମିଳିଛି। ତେଣୁ ଗୃହ ବିଭାଗ ତୁରନ୍ତ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ନିତ୍ୟାନ୍ତ ଆବଶ୍ୟକ ବୋଲି ନବୀନ କହିଛନ୍ତି।

**AFFIDAVIT**

I, Ashok Modi S/o Sagarmal Modi, Resident of Modi's Dental Care, Shankar Cinema Road, PO/PS/Dist-Angul, Odisha, PIN-759122, declare by this affidavit No.4377,dtd 09.12.2024 that now onwards I shall be known as **ASHOK KUMAR MODI** for all future purposes.

**AFFIDAVIT**

I, Voona Venkta Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VANKATA RAMANA** for all Future purposes.

**AFFIDAVIT (For Minor)**

By virtue of an affidavit before the Executive Magistrate, Badasahi, Mayurbhanj. I Satyaranjan kalia , At/Po-Singhtia, Ps-Badasahi, Dist-Mayurbhanj, Pin- 757026, Odisha. declare by this affidavit no 293/ 07.08.2025. I have changed my daughter's name from Jasnarani Kalia to Jyotsnarani Kalia. Henceforth, She shall be known as Jyotsnarani Kalia for all future purposes.

Sd/- Satyaranjan kalia

**AFFIDAVIT**

By virtue of an affidavit Sl. No. 2405, dtd. 17-09-2025 in the Court of the Executive Magistrate, Phulbani, Dist.-Kandhamal, I, Tiphan Digal, have changed my name from Tofan Digal to Tiphan Digal. Henceforth I shall be known as Tiphan Digal for all purposes.

Sd/- Tiphan Digal

**AFFIDAVIT**

By virtue of an affidavit Sl. No. 1263, dtd. 29.04.2023 in the court of the Executive Magistrate (K), Phulbani, I, Sumitra Bishoi, have changed my minor daughter's name from Paree Mahalik to Archita Mahalik. Henceforth she will be known as Archita Mahalik for all purposes.

Sd/- Sumitra Bishoi

**NOTICE (For Minor)**

By virtue of an affidavit sworn before Executive Magistrate, Mohana Dated 03.09.2025, I Suchitra Behera, address : Upar Sahi, Kattama, PO- Kattama, VTC- Kattama, Sub- Dist- Adva, Dist- Gajapati, Odisha- 761217, declare that I have changed the name of my Daughter old name is Apsani Batra to New Name Sweety Batra. Henceforth, She shall be known as New Name Sweety Batra for all purposes.

Sd/- Suchitra Behera

**NOTICE**

By virtue of an affidavit sworn before Notary Public, Bhubaneswar dated 16.9.2025 I, Anupama Pradhan, W/o-Lokanath Pradhan resident of Village- Kusuma, Po.-Barttana, Ps.- Khaira, Dist.-Balasore- 756115 declare that, I have changed the name of my daughter from **PARINITA PRADHAN** to **PARNITA PRADHAN**. Henceforth, she will be known as **PARNITA PRADHAN** for all purposes.

Anupama Pradhan

**AFFIDAVIT**

I, Bhagyashree Sahoo, aged about 25 years, W/o-Parsuram Sahu, resident of At- Sulia, PO- Kalan, Ps-Kuakhia, Dist- Jajpur, PIN-755008, Odisha declared by this affidavit,sworn before Executive Magistrate, Bhubaneswar, vide CF No. 2, dtd- 16/09/2025, that now onwards I shall be known as **BHAGYASHREE SAHOO** instead of Bhagyashree Sahu for all future purposes.

**AFFIDAVIT**

I, Bana Sahu, S/o- Pallaru Sahu resident of Village-Turcha, Po.- Kathaumal, Ps.- Gaisilet, Dist.- Bargarh, Odisha- 768037, declare by this affidavit dtd. 15.09.2025 that, I have changed my minor daughter's name from **Rasgola Sahu** to **Purnima Sahu**. now onwards she shall be known as **Purnima Sahu** for all future purposes.

**AFFIDAVIT**

I, Sabita Behera, aged about 50 years, W/o-Pramod Kumar Behera, resident of At-HIG S/25, Maitree Vihar, Phase-ii, Near Tech Mahindra, Lemon Tree Hotel, Chandrasekharpur, Bhubaneswar, Pin-751023, Odisha declare by this affidavit No. 1928, dtd-17.09.2025, that now onwards I shall be known as **SABITA PRADHAN** for all future purposes.

**ହଜିଛି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ସମୂହଭାବେ ଅବଗତ କରାଇ ଦିଆଯାଉଛି କି, **ମୁଁ, ସୁଧା ଅଗ୍ରୱାଲ,** ବୟସ-୪୬ ବର୍ଷ, ସ୍ୱାମୀ: ରାଜେଶ କୁମାର ଅଗ୍ରୱାଲ, ଫ୍ଲାଟ୍ ନଂ.: ୪୦୫, କ୍ରିଏଟିଭ୍ ଏନକ୍ଲେଭ୍, ଶାସ୍ତ୍ରୀନଗର, ଭୁବନେଶ୍ୱର - ୭୫୧୦୦୧ କ୍ରୟ କରିଥିବା ଜମି ଯାହାର ପ୍ଲଟ୍ ନଂ.: ୧୧୧୭/୩୦୪୬, ଖାତା ନଂ.: ୫୪୪/ ୭୫୮, ମୌଜା: ଭୀମପୁର, ୟୁନିଟ୍-୨୨, ଭୁବନେଶ୍ୱରର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୧୦୯୨୦/୨୦୦୬ କେଉଁଠାରେ ହଜିଯାଇଛି। ମୋର ସର୍ବୋତ୍ତମ ଚେଷ୍ଟା ସତ୍ତ୍ୱେ ମଧ୍ୟ ଏହା ମିଳିପାରୁ ନାହିଁ

ଯୋଗାଯୋଗ ନଂ.: ୮୬୩୭୨୯୨୦୪୭

**AFFIDAVIT**

By virtue of an Affidavit No-6210 before the Executive Magistrate, Chandbali dtd: 16-09-2025, **Laxmi Priya Nayak,** 54 yrs, W/o- Ex-Army, Saroja Kanta Nayak, resident of At/Po- Gopalpur, PS- Chandbali, Dist-Bhadrak, Odisha, declare that **Laxmi Priya Nayak** (Actual Name as per Aadhaar No. 4636 8912 4508) and **Laxmi Priya Devi** as per the Army Document (ECHS), W/o- Ex-Army **Saroja Kanta Nayak,** is one and same person. Henceforth, I will be known as **Laxmi Priya Nayak** for all purposes.

**WALK-IN INTERVIEW**

**NAVODITYA HIGHER SECONDARY SCHOOL, KHARIAR ROAD**
**NAVODITYA PUBLIC SCHOOL, NUAPADA**

REQUIRES:- TGT's in English, SST, COMPSC, SCIENCE, MATHEMATICS, Odia, Hindi, PGT's in English, MATH, IT, HISTORY, GEOGRAPHY, COMMERCE, Phy. Education
QUALIFICATION:- M.A/M.Sc/M.Tech/B.Tech/B.A/ B.Sc with B.Ed having 60% Aggregate
EXPERIENCE:- 3-5 YEARS, PROFICIENCY IN ENGLISH
PLACE OF POSTING: - KHARIAR ROAD, NUAPADA
SALARY: - TGT:-20000/- PGT: - 30000/-
Interested candidates may attend a walk-in interview with their application CV and certificates on the date and time mentioned below.

| DATE | PLACE | TIME |
|---|---|---|
| 22/09/2025 | Bhubaneswar – Hotel Seetal,Vani Vihar Square | 10:00 AM – 4:00 PM |
| 24/09/2025 | Khariar Road – Naveditya Campus - A | 10:00 AM – 4:00 PM |

They may send their updated resume to WhatsApp @ 7327977582 in advance. No. TA / DA will be given for attending the interview.

Contact : Mr. Abhisek Singh – 9556309956

**AFFIDAVIT**

I RADHASHYAM AGARWAL S/O PREMCHAND AGARWAL FLAT NO- 308, BHAGABAN TOWER, PO- BUDHESWARI COLONY, PS- LAXMI SAGAR, BHUBANESWAR - 751006, ODISHA DECLARE BY THIS AFFIDAVIT NO- 31698, DATE-15.09.2025, THAT NOW ONWORDS, I SHALL BE KNOWN AS **RADHESHYAM AGARWAL** FORALL FUTURE PURPOSES.

**AFFIDAVIT**

ତାରିଖ- ୦୮/୦୯/୨୦୨୫ରେ ଭୁବନେଶ୍ୱରର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସିଏଫ୍ ନଂ.୧୯) ଆଧାରରେ। ମୁଁ, ମହମ୍ମଦ ନିଜାମୁଦ୍ଦିନ୍ ଅହମଦ, ବୟସ ପ୍ରାୟ ୫୩ ବର୍ଷ, ପୁଅ ସ୍ୱର୍ଗତ ଅବଦୁସତାର ଖାନ, ପ୍ଲଟ୍ ନମ୍ବର ୪୬୮୯/୫୨୭୫,ଆଦିମାତା କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ- ୭୫୧୦୧୭, ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟେ। ମୁଁ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ନାମ ଏମ୍‌ଡ଼ି ନିଜାମୁଦ୍ଦିନ୍ ଅହମଦରୁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦକୁ ପରିବର୍ତ୍ତନ କରିଛି। ଏଣିକି, ମୁଁ ମହମ୍ମଦ ନିଜାମୁଦ୍ଦିନ୍ ଅହମଦ ଭାବରେ ପରିଚିତ ହେବି। ମହମ୍ମଦ ନିଜାମୁଦ୍ଦିନ୍ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ଗ୍ରହଣୀୟ ହେବ।

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/09**

Bids are invited from eligible bidders for the following tenders:

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000005943 | SITC of DC Switches under TPCODL |
| 2 | TPCODL/CCG/2025-26/1000005945 | SITC of 2 Socket CPU Servers for TPSODL & TPNODL |
| 3 | TPCODL/P&S/2025-26/1000005988 | Management of Customer Care at TPCODL for 2 Years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details.

**AFFIDAVIT**

I, Ranju Kumari Modi W/o Ashok Kumar Modi, Resident of Modi's Dental Care, Shankar Cinema Road, PO/ PS/Dist-Angul, Odisha, PIN-759122, declare by this affidavit No.4378,dtd 09.12.2024 that now onwards I shall be known as **RANJU MODI** for all future purposes.

ନାରୀ ସୁରକ୍ଷା ଦାବି

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ବିଜେଡିର ବିକ୍ଷୋଭ, ଡିଜିଙ୍କୁ ଦାବିପତ୍ର




ଝାରସୁଗୁଡ଼ା,୧୭।୯ (ସମିସ)

ଝାରସୁଗୁଡ଼ା ସହର ବେହେରାମାଲରେ ଥିବା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶାରେ ମହିଳା ମାନଙ୍କ ଉପରେ ଘଟୁଥିବା ଆପରାଧିକ ମାମଲା, ଅପମାନ ଜନକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଡିଜିଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଏସପିଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟରେ ମହିଳାଙ୍କ ପ୍ରତି ହେଉଥିବା ଆକ୍ରମଣ, ଅତ୍ୟାଚାର, ବଳାତ୍କାର, ଯୌନ ଉତ୍ପୀଡନ ଏବଂ ହିଂସା ପ୍ରତିଦିନ ଘଟୁଥିବା ବେଳେ ନ୍ୟାୟ ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି। ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ଆତ୍ମଦାହ ଘଟଣାରେ ସରକାରଙ୍କ ବିଫଳତା ପ୍ରମାଣିତ ହୋଇ ସାରିଛି। ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣବଳାତ୍କାର ଘଟଣା ସାରା ଦେଶରେ ଓଡ଼ିଶାକୁ ବଦନାମ କରିଛି। ରାଜ୍ୟରେ ମହିଳା ବିରୋଧୀ ଅପରାଧର ସ୍ଥିତି ଉଦ୍‌ବେଗଜନକ ଥିବା ବେଳେ ସରକାରଙ୍କ ସ୍ଥାଣୁତା ଜନଅସନ୍ତୋଷ ବୃଦ୍ଧି କରିଛି। ଏହି ସବୁ ଘଟଣା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ତତ୍ପରତା ପ୍ରକାଶ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ବିଜେଡି ମହିଳା ମୋର୍ଚ୍ଚା ତରଫରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହପରେ ରାଜ୍ୟ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେ‡ୀ ରାଘବେନ୍ଦ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ଦେବା ସମୟରେ ମହିଳା ବିଜେଡି ଜିଲ୍ଲା ସଭାପତି ରୋଜାଲିନ ପଟେଲ, ଝାରସୁଗୁଡ଼ା ପୌରଧକ୍ଷା ରାନୀ ହାତୀ, ଜିଲ୍ଲା ପରିଷଦ ଅଧକ୍ଷ ତୁଳାବତୀ ମିଞ୍ଜ, ଝାରସୁଗୁଡ଼ା ବ୍ଲକ୍ ଚେୟାରମ୍ୟାନ ଚିତ୍ରାଣୀ ପଟେଲ, ରିତା ବାଗ, ନବନୀତ କୌର, ତାପସରାୟ ଚୌଧୁରୀ, ରଘୁମଣୀ ପଟେଲ, ପିଣ୍ଟୁ ପାଢ଼ୀ, ଆଲୋକ ପ୍ରଧାନ, କୁଳମଣି ଦାସଙ୍କ ସମେତ ବହୁ ବିଜେଡି ସଦସ୍ୟା ଯୋଗ ଦେଇଥିଲେ।

## ଦେବଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଦେବଗଡ଼: ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦାବିରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବୁଧବାର ଦେବଗଡ଼ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଦିନକୁ ଦିନ ମହିଳାଙ୍କ ଉପରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଏବଂ ନିର୍ଯ୍ୟାତନା ଭଳି ଅପରାଧ ବଢ଼ି ବଢ଼ି ଚାଲିଛି। ମହିଳା ଏବଂ ଛାତ୍ରୀ ରାଜ୍ୟରେ ଅସୁରକ୍ଷିତ ହୋଇ ପଡିଛନ୍ତି। ମହିଳାଙ୍କୁ ସୁରକ୍ଷା ପାଇଁ ବିଜେଡି ବାରମ୍ବାର ଦାବି କରୁଥିବା ବେଳେ ଶାସନରେ ଥିବା ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବା ଦିନ ଠାରୁ ରାଜ୍ୟରେ ଅରାଜକତା ବଢ଼ି ଚାଲିଛି। ସୁରକ୍ଷା ଦେବା ବଦଳରେ ପୁଲିସ ଏବେ ଗୁଣ୍ଡା ସାଜିଥିବା ବିଜେଡି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ଜିଲ୍ଲା ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ ଅରୁଣି ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କାର୍ଯ୍ୟାଳୟ ସମ୍ମୁଖରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ମହିଳାଙ୍କୁ ସୁରକ୍ଷା ପ୍ରଦାନ ଦାବି କରି ଡିଜିପିଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ଅନିତା ପାତ୍ର, ପାର୍ବତୀ ସାହୁଙ୍କ ସମେତ ବହୁ ଦଳୀୟ ନେତ୍ରୀ ଉପସ୍ଥିତ ଥିଲେ।

## ରୋଜଗାରକ୍ଷମ କରିଛି ସମନ୍ୱିତ କୃଷି ପ୍ରଣାଳୀ

କୋଲାବିରା,୧୭।୯ (ସମିସ): କେବଳ ଧାନ କି ଗହମ ଚାଷରେ ନୁହେଁ ସମନ୍ୱିତ ଚାଷ ପ୍ରଣାଳୀ ଅନୁସରଣ କରି ଝାରସୁଗୁଡା ଜିଲ୍ଲାର କୋଲାବିରା ବ୍ଲକ୍ ଅଧୀନ ଗୁଡିଗାଁର ଚାଷୀ ମିତ୍ରଭାନୁ ପଟେଲ ସଫଳତା ପାଇଛନ୍ତି। ମାଟିର ଜୈବିକ ଉର୍ବରତା ବଢ଼ାଇବା, ପ୍ରାକୃତିକ ଉତ୍ପାଦନର ସଦ୍‌ବ୍ୟବହାର ଏବଂ ମୂଲ୍ୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଥିବା ଶ୍ରୀ ପଟେଲ ନିଜର ଉଦ୍ୟମ ବଳରେ ଆଦର୍ଶ ଚାଷୀ ଭାବେ ଆଖପାଖ ୭ଟି ଗାଁର କୃଷକଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୧୬ ଏକର ଜମି ମଧ୍ୟରୁ ୫ ଏକର ଜମିରେ ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ କୃଷି ଉତ୍ପାଦନ (ଧାନ, ମକା, ସୋରିଷ), ଅଦା, ଟମାଟୋ, ବାଇଗଣ, ଲଙ୍କା, ପଶୁପାଳନ, ବାୟୋ-ଫ୍ଲକ୍ ମାଛ ଚାଷ କରୁଛନ୍ତି। ବାକି ଜମିରେ ସେ ଧାନ ଚାଷ ମଧ୍ୟ କରୁଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡା ଦ୍ୱାରା ପ୍ରଦର୍ଶିତ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଆୟୋଜିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇ ସେ ନିଜ ଆୟକୁ ଦ୍ୱିଗୁଣିତ କରିପାରିଛନ୍ତି। ଲାଇନ୍ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଝରସୁଗୁଡା ବୈଜ୍ଞାନିକମାନଙ୍କ ଉଚିତ ମାର୍ଗଦର୍ଶନ ଏବଂ ସମର୍ଥନ ଦ୍ୱାରା ଏହି ପ୍ରଣାଳୀର ସଫଳ ରୂପାୟନ ସମ୍ଭବ ହୋଇପାରିଛି।



ଏହି ପ୍ରଣାଳୀ ଅଧୀନରେ ଥିବା ସମସ୍ତ ଉତ୍ପାଦନରୁ ସେ ବର୍ଷକୁ ପ୍ରାୟ ୭ ଲକ୍ଷ ୧୮ ହଜାର ଟଙ୍କା ଆୟ କରୁଥିବା ବେଳେ ୪ ଲକ୍ଷ ୨୦ ହଜାର ଟଙ୍କା ଲାଭ କରୁଛନ୍ତି। ଏହି ପ୍ରଣାଳୀକୁ ବିକଶିତ କରିବାରେ ସେ ବିଭିନ୍ନ ଉଦ୍ୟୋଗର ପରିଚାଳନା ପାଇଁ ଦିନକୁ ଦୁଇ ଜଣଙ୍କୁ ନିଯୁକ୍ତ କରୁଛନ୍ତି। ଫସଲ ଉତ୍ପାଦନ ସମୟରେ ସେ ପ୍ରତିବର୍ଷ ଶ୍ରମ ଦିବସରେ ୨୭୦-୨୮୦ ଜଣଙ୍କୁ ନିୟୋଜିତ କରି ଆର୍ଥିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## ପାର୍ବଣ ଋତୁ ପାଇଁ ଗାଁରେ ଶାନ୍ତି କମିଟି ବୈଠକ



ବରଗଡ଼,୧୭।୯ (ସମିସ): ବରଗଡ଼ ଟାଉନ ଥାନା ପକ୍ଷରୁ ବରଡୋଲ ଗାଁରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଟାଉନ ଥାନା ଅଧିକାରୀ ଇନ୍ସପେକ୍ଟର ସୁରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ସବ୍‌ଇନ୍ସପେକ୍ଟର ଆଲୋକ ମଲ୍ଲିକ, ଏଏସଆଇ ପୀତବାସ ଲେଟି, ଏସଆଇ ଆଶିଷ ନାଗ, ହାବିଲଦାର ଉରକୁଲୁ ଭୋଇ, କନେଷ୍ଟବଳ ନିତ୍ୟାନନ୍ଦ ସେଠ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କିପରି ଭାବେ ଗାଁରେ ଶାନ୍ତି ଶୃଙ୍ଖଳା ବଜାୟ ରହିବା ସହିତ ଏକ ସୁସ୍ଥ ବାତାବରଣ ସୃଷ୍ଟି ହେବ ସେଦିଗରେ ବରଡୋଲ ଗାଁର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ପୁଲିସ ସହିତ ଆଲୋଚନା କରିଥିଲେ। ପୁଲିସ ପକ୍ଷରୁ ନିଶା ସେବନରୁ ଦୂରେଇ ରହିବା ପାଇଁ ଯୁବପିଢ଼ି ମାନଙ୍କୁ ଅନୁରୋଧ କରାଯିବ ସହିତ ଆଇନ ହାତକୁ ନନେଇ କୌଣସି ଅପ୍ରିତୀକର ପରିସ୍ଥିତି ଉପୁଜିଲେ ପୁଲିସକୁ ଖବର ଦେବା ପାଇଁ ଥାନା ଅଧିକାରୀ ଶ୍ରୀ ଛତ୍ରିଆ କହିଥିଲେ। ସେହିପରି ଅନ୍ଧାର ସମୟରେ ଚୋରି ତଥା ଲୁଟପାଟ ହେଉଥିବାରୁ ବରଡୋଲରୁ କଟାପାଲି ରାସ୍ତାରେ ପେଟ୍ରୋଲିଂ କରିବା ପାଇଁ ଟାଉନ ଥାନା ଅଧିକାରୀଙ୍କୁ ଗାଁବାସୀ ଅନୁରୋଧ କରିଥିଲେ। ଆଜିର ବୈଠକରେ ଟାଉନ ପୁଲିସଙ୍କ ସହିତ ବରଡୋଲ ଗାଁର ବିଜୟଅଦାବର, କୀର୍ତ୍ତନ ପ୍ରଧାନ, ନୀଳମଣି ନାୟକ, ସାରଦୁଳ ପ୍ରଧାନ, ଭାଗ୍ୟବାନ ବାରିକ, ଭରତ ମାଝୀ, ଅଧିକାରୀ ପଧାନ, ଅଶୋକ ପଧାନ, ଅରୁଣ ସେଠ, ଈଶ୍ୱର ବାରିକ, ଯଦୁମଣି ନାଏକ, ମହେନ୍ଦ୍ର ଖମାରି, ସତ୍ୟବାନ ବାରିକଙ୍କ ସହିତ ଶତାଧିକ ଗାଁବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗୋଡ଼ଭଗା ନୂଆଁଖାଇ ଭେଟ୍‌ଘାଟ୍ ନିରାଡ଼ମ୍ବର ଭାବେ ପାଳିତ

ଅତାବିରା,୧୭।୯ (ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମାଁ ସମଲେଶ୍ୱରୀଙ୍କ ସଭାକକ୍ଷରେ ଗୋଡଭଗା ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ମହାସମାରୋହରେ ପାଳିତ ନହୋଇ ନିରାଡମ୍ବର ଭାବେ ପାଳିତ ହୋଇଛି। ଗୋଡଭଗା ନାଗରିକ କମିଟି ପକ୍ଷରୁ ଆୟୋଜିତ ନୂଆଁଖାଇ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିଥିମାନେ ମାଁ ସମଲେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରି ଅଞ୍ଚଳର ସାମଗ୍ରୀକ ବିକାଶ କାମନା କରିଥିଲେ। ପରେ ପରେ ନାଗରିକ କମିଟିର ପୂର୍ବତନ ସଭାପତି ହାରାଧନ ବାରିକଙ୍କ ଆକସ୍ମିକ ପରଲୋକ ଘଟିଥିବାରୁ ତାଙ୍କ ସମ୍ମାନାର୍ଥେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନବନିର୍ବାଚିତ ସଭାପତି ସମାଜସେବୀ ତଥା ସାମ୍ବାଦିକ ସୁରେଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ସୁଶୀଲ ସିଂ, ଉପଦେଷ୍ଟା ମଧୁସୂଦନ ଶର୍ମା, ଉପସଭାପତି ବିଭୁରଞ୍ଜନ ମହାନ୍ତି, ସଂପାଦକ ଅନିରୁଦ୍ଧ ଖମାରୀ ଏବଂ ସହସଂପାଦକ କୁନୁ ବାବୁ ଗଡତିଆ ମଞ୍ଚାସୀନ ଥିଲେ। ସଭାରେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ କୈଳାସ ମହାରଣା, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପଣ୍ଡା ବାବୁ, ସମାଜସେବୀ କୃଷ୍ଣଚନ୍ଦ୍ର ନନ୍ଦ, ହାଡୁ କର୍ଣ୍ଣ ଏବଂ ଗୋପାଳ ପ୍ରଧାନ ସ୍ୱର୍ଗତ ବାରିକଙ୍କ ସ୍ମୃତିଚାରଣ କରିଥିଲେ। କମିଟିର ଉପଦେଷ୍ଟା ସୁଶୀଲ ସିଂ ନୂଆଁଖାଇ ପାଳନର ଉଦ୍ଦେଶ୍ୟ ଓ ମହନୀୟତା ବିଷୟରେ କହିଥିଲେ। ଅନ୍ୟତମ ଯୁବନେତା ତଥା ଉପଦେଷ୍ଟା ମଧୁସୂଦନ ଶର୍ମା ଗୋଡଭଗା ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ ନବଗଠିତ ନାଗରିକ କମିଟିକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼େଇବାକୁ ସଭାରେ ଉପସ୍ଥିତ ସମସ୍ତଙ୍କୁ ନିବେଦନ କରିଥିଲେ। ଶେଷରେ ଉପସଭାପତି ବିଭୁରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ ଏବଂ ପ୍ରସାଦ ସେବନ ହୋଇଥିଲା।

## ଦାଦାଗିରି ଅଭିଯୋଗରେ ୩ ଗିରଫ, ଦେଶୀ ବନ୍ଧୁକ ସହ ୩ଟି ଗୁଳି ଜବତ



ଝାରସୁଗୁଡ଼ା,୧୭।୯ (ସମିସ): ରାତି ହେଲେ ବିଜୁ ଏକ୍ସପ୍ରେସ ୱେ ସମେତ ଝାରସୁଗୁଡ଼ା ସହରରେ ଦାଦାଗିରି କରିବା କିଛି ଯୁବକଙ୍କୁ ମହଙ୍ଗା ପଡ଼ିଛି। ଗିରଫ ଅଭିଯୁକ୍ତ ମାନେ ମନୁ ପାଣ୍ଡେ, ଅଭିନନ୍ଦନ ପାଣ୍ଡେ ଏବଂ କମଲେଶ ସା ବୋଲି ବୁଧବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଏସପି ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ପ୍ରଦାନ କରିଛନ୍ତି। ବନ୍ଧୁକ ଦେଖାଇ ଟ୍ରକ ଡ୍ରାଇଭରଙ୍କ ସହ ଅନ୍ୟାନ୍ୟ ଜନସାଧାରଣଙ୍କୁ ଭୟଭୀତ କରାଇ ଦାଦାବଟି ଅସୁଲ କରିବା ନେଇ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଜୁ ଏକ୍ସପ୍ରେସ ୱେ, ପଞ୍ଚପଡା ସ୍ଥିତ ଭାଇ ଭାଇ ଢ଼ାବା ନିକଟରେ ଏମିତି ନିତିଦିନିଆ ଘଟଣା ହେଉଥିବା ନେଇ ସୂଚନା ପାଇବା ପରେ ଝାରସୁଗୁଡ଼ା ପୁଲିସ ଏକ ପୁଲିସ ଟିମ ଗଠନ କରି ଚଢ଼ଉ କରିଥିଲା। ଚଢ଼ଉ ବେଳେ ତିନି ଜଣ ଅଭିଯୁକ୍ତଙ୍କୁ ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ନମ୍ବର ପ୍ଲେଟ ବିହୀନ ଗୋଟିଏ ବାଇକ ଏବଂ ନଗଦ ୪,୬୮୦ ଟଙ୍କା ପୁଲିସ ଜବତ କରିଥିଲା। ଆର୍ମସ ଆକ୍ଟ, ଦାଦାବଟି ମାଗିବା ଆଦି ଦଫାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି।

### ରେଲୱେ କଲୋନୀ ଗୁଳିକାଣ୍ଡ ଘଟଣାରେ ଜଣେ ଅଭିଯୁକ୍ତ ଗିରଫ

ଗତ ୬ ତାରିଖ ଦିନ ଗଣେଶ ପୂଜା ଭସାଣି ବେଳେ ଝାରସୁଗୁଡ଼ା ରେଲୱେ କଲୋନୀ ଠାରେ ହୋଇଥିବା ଗୁଳି ମାଡ ଘଟଣାରେ ମଧ୍ୟ ଗିରଫ ମନୁ ପାଣ୍ଡେ ସମ୍ପୃକ୍ତ ଥିବା ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି। ଗତ ୬ ତାରିଖ ଦିନ ଜିଆରପି ଥାନା ଅଧୀନ ଦଶରଥ ସୁନାଙ୍କ ଘରକୁ ୬ରାଉଣ୍ଡ ଗୁଳି କରି ୩ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ତେବେ ସେହି ମାମଲାଟି ଜିଆରପି ଥାନାରେ ଥିବା ହେତୁ ଜିଆରପି ପୁଲିସ ସହିତ ଆଲୋଚନା କରି ଗୁଳି ମାଡ ମାମଲାର ତଦନ୍ତ କରାଯିବ ବୋଲି ଝାରସୁଗୁଡ଼ା ଏସ୍‌ପି ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଅସହାୟ ବୃଦ୍ଧାଙ୍କୁ ଥଇଥାନ କଲେ ସେବା ପରିବାର



ଭେଡେନ,୧୭।୯ (ସମିସ): ଭେଡେନ ବ୍ଲକ୍‌ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପରିବାର ତରଫରୁ ବରପାଲି ବ୍ଲକ୍ ସତଲମା ଗାଁର ଅସହାୟ ଅବସ୍ଥାରେ ପଡି ରହିଥିବା ଜଣେ ବୃଦ୍ଧା ପାର୍ବତୀ ବରିହାଙ୍କୁ ଉଦ୍ଧାର କରିଛନ୍ତି। ବୃଦ୍ଧାଙ୍କୁ ସେବା ପରିବାରର ସଭାପତି ନରେନ୍ଦ୍ର ଭୋଇ, କେଶବ ଭୋଇ ଏବଂ ଚିତ୍ତରଞ୍ଜନ ସାହୁ ନେଇ ଭେଡେନ ବ୍ଲକ୍ ଅଧୀନ ପପଙ୍ଗା ସ୍ଥିତ ଆନନ୍ଦ ସେବା ଆଶ୍ରମକୁ ଆଣି ଥଇଥାନ କରିଛନ୍ତି। ସେବା ପରିବାରର ଏହି କାର୍ଯ୍ୟ ପାଇଁ ସବୁ ମହଲରେ ପ୍ରଶଂସା କରିଛନ୍ତି।

## ବିକାଶ ଲ'ସ୍କୁଲ୍‌ରେ ଫ୍ରେସର୍ସ ଡେ



ବରଗଡ଼,୧୭।୯ (ସମିସ): ବିକାଶ ଲ'ସ୍କୁଲରେ ଫ୍ରେସର୍ସ ଡେ 'ଲେକ୍ସ ନୋଭିଟି - ୨୦୨୫' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସ୍କୁଲର ଅଧ୍ୟକ୍ଷ ପ୍ରଫେସର୍ ଡ.ବିକ୍ରମ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନବାଗତ ବିଏଏଲ୍ଏଲ୍‌ବି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ ଡି.ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପାଠ ସହିତ ଶୃଙ୍ଖଳା, ବିନୟ, ଗୁରୁ ଭକ୍ତି, ଶିଷ୍ଟାଚାର, ସେବା ମନୋଭାବ ଓ ଦେଶପ୍ରେମ ଭାବ ରଖିବାକୁ ନୂତନ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ର ନୂତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିନିୟର ଆଡ୍‌ଭାଇଜର୍ ପିକେ ଦାଶ ଆଇନ୍ ପାଠ୍ୟକ୍ରମର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଏହି ମଞ୍ଚରେ ବିକାଶ ହାୟର ଏଜୁକେସ୍ନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଡିନ୍, ଲ' ସ୍କୁଲର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରଥମ ବର୍ଷର ଛାତ୍ର ପ୍ରିୟାଂଶୁ ପ୍ରିନ୍ସ ଜଗତ୍ ଓ ଛାତ୍ରୀ ଶିଲ୍‌କି ପ୍ରଧୂଆ ମିଷ୍ଟର ଫ୍ରେସର୍ସ ଓ ମିସ୍ ଫ୍ରେସର୍ସ ଓ ଛାତ୍ରୀ ଅର୍ପିତା ଅନିଷା ଖୁରା ବେଷ୍ଟ ଆଉଟ୍ ଫିଟ୍ ଭାବେ ସମ୍ମାନିତ ହୋଇଥିଲେ।। ଶେଷରେ ଲ' ସ୍କୁଲର ପ୍ରଫେସର ଜୈମିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତାରେ ଗାଈଗୋରୁ, ଟ୍ରାଫିକ ସମସ୍ୟା ଗୁରୁତର



ପଦ୍ମପୁର,୧୭।୯ (ସମିସ): ପଦ୍ମପୁର ସହରର ବିଭିନ୍ନ ରାସ୍ତାରେ ବୁଲା ଗାଈଗୋରୁ ଶୋଇ ରହୁଥିବା ଦେଖିବାକୁ ମିଳୁଛି। ସହରର ପ୍ରମୁଖ ରାସ୍ତାରେ ଗାଈ ଗୋଠ ଯୋଗୁଁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କେବଳ ଟ୍ରାଫିକ ସମସ୍ୟା କାହିଁକି ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି। ସହରର ପ୍ରମୁଖ ରାସ୍ତାରେ ଦଳଦଳ ଗାଈଗୋରୁ ବୁଲୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ସହରର ପୁରୁଣା ବସ୍ତି ରାସ୍ତା, ପ୍ରାଇଭେଟ ବସଷ୍ଟାଣ୍ଡ, ଶାସ୍ତ୍ରୀ ଛକ, ମୁଖ୍ୟରାସ୍ତାର ନେହେରୁ ଗଳି ଛକ, ଦୁର୍ଗା ମନ୍ଦିର ରାସ୍ତା ଆଦି ବିଭିନ୍ନ ସ୍ଥାନରେ ଗାଈଗୋରୁ ଦଳଦଳ ହୋଇ ବୁଲିବା ସହ ରାସ୍ତା ଉପରେ ଶୋଇ ରହିଥାନ୍ତି। ଅନେକ ଅଞ୍ଚଳରେ ରାସ୍ତାକଡ ବିଦ୍ୟୁତ ଆଲୋକ ନ ଥିବା ବେଳେ ଗାଈଗୋରୁ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରିଦେଉଛି। କ୍ଷୀର ଦୁହିଁଲା ପରେ ରାସ୍ତାରେ ଗାଈଗୋରୁ ଛାଡ଼ ବୋଲି ଲୋକେ ତାଚ୍ଛଲ୍ୟ କରି କହୁଛନ୍ତି। ତେଣୁ ପ୍ରଶାସନ ଓ ଗାଈଗୋରୁ ମାଲିକ ଦୃଷ୍ଟି ଦେଇ ଏ ବିଷୟରେ ବିହିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୁଏ।

# ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ

ଝାରସୁଗୁଡ଼ା,୧୭।୯ (ସମିସ)



ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ସହରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବାବା ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବେଲପାହାଡର ଜୁବୁଲି ହଲ୍, ମାଜିକ୍ ଷ୍ଟାଣ୍ଡ ଏବଂ ଟ୍ୟାକ୍ସି ଷ୍ଟାଣ୍ଡରେ ସୁଉଚ୍ଚ ମଣ୍ଡପରେ ପୂଜା ପାଉଛନ୍ତି ବାବା ବିଶ୍ୱକର୍ମା। ବୁଧବାର ପୂଜାରେ ଘଣ୍ଟ, ଶଙ୍ଖ ଏବଂ ମନ୍ତ୍ର ଧ୍ୱନିରେ ପୂଜା ମଣ୍ଡପଗୁଡିକ ଉତ୍ସବମୁଖର ହୋଇଉଠିଥିଲା। ଏହି ତିନୋଟି ସ୍ଥାନରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପୂଜାପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଦିନ ବିଶ୍ୱକର୍ମାଙ୍କୁ ପୂଜା କଲେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପୂଜା ଉପଲକ୍ଷେ ମାଜିକ୍ ଷ୍ଟାଣ୍ଡ ଓ ଟ୍ୟାକ୍ସି ଷ୍ଟାଣ୍ଡର ଡ୍ରାଇଭର ଓ ମାଲିକମାନେ ନିଜ ନିଜ ଗାଡିକୁ ସଫାସୁତରା କରି ରଙ୍ଗବେରଙ୍ଗର ଫୁଲରେ ସଜାଇଥିଲେ। କାର୍ଯ୍ୟକ୍ଷେତ୍ରକୁ ସୁରକ୍ଷିତ ରଖିବା ଓ କର୍ମରେ ସଫଳତା ପାଇଁ ସେମାନେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସେହିପରି ନିଜ ନିଜ କାର୍ଯ୍ୟକ୍ଷେତ୍ର ଓ ଯନ୍ତ୍ରପାତିକୁ ସଫାସୁତରା କରି କାରିଗରମାନେ ବାବା ବିଶ୍ୱକର୍ମାଙ୍କୁ ଆବାହନ କରି ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି।

## ରିଆମାଳ ଗ୍ରୀଡ୍



ରିଆମାଳ: ରିଆମାଳ ଗ୍ରୀଡ୍‌ରେ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଛି। ଲାଇନମେନ୍ ପୁଷ୍ପକ ମିଶ୍ର ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇ ଥିବା ବେଳେ ଧୁବେଇ ନନ୍ଦ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସମସ୍ତ କର୍ମଚାରୀ କଳସ ଯାତ୍ରାରେ ବାଉଁଶ ଯୋରା ନାଳରୁ ଜଳ ଭର୍ତ୍ତି କଳସଆଣିବା ପରେ ପୂଜା ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଏସଡି ଓ ଦିବ୍ୟ ଲୋଚନ ନାୟକ, କନିଷ୍ଠ ଯନ୍ତ୍ରୀ ଦେବାଶିଷ ବିଶ୍ୱାଳ ଓ ଯନ୍ତ୍ରୀ ଆଶୁତୋଷ ବେହେରା, ନିତ୍ୟାନନ୍ଦ ବାଘ୍, ସୁଧାଂଶୁ ଶେଖର ପ୍ରଧାନ, ସାରଙ୍ଗ ଧଳ, ଶଶାଙ୍କ ଶେଖର ପ୍ରଧାନ, ଗୋପବନ୍ଧୁ ବନିଚୁଲ, ବୀରେନ ବିଶ୍ୱାଳ, ସଚିନ ବିଶ୍ୱାଳ, ସୁଶାନ୍ତ ବେହେରା, ଅଜିତ ବେହେରା, ମନୋଜ ବେହେରା, ପ୍ରଦୀପ କୁମୁରା, ଅମିତ୍ ଜ୍ୟୋତିଷ, ପ୍ରଶାନ୍ତ ସାହୁ, ବିଭୂତି ଭୂଷଣ ପ୍ରଧାନ, ଆନନ୍ଦ ମୁଣ୍ଡାରୀ, ଚିନ୍ମୟ ପ୍ରଧାନ, ସନ୍ତୋଷ ସାହୁ, ଟିକାୟତ ଭୂତିଆ, ଜିତେନ୍ଦ୍ର ସାହୁ, ରାଜୁ ପୁଲେଇ, ରହିତ ବେହେରା, ଆଦିତ୍ୟ ସାହୁ, ଜିତେନ୍ଦ୍ର ବେହେରା, ସୁମନ ମେହେର, ରାଜ କିଶୋର ସାହୁ ପ୍ରମୁଖ କର୍ମଚାରୀ ମାନେ ପୂଜାରେ ଉପସ୍ଥିତ ଥିଲେ। ଆସନ୍ତା ଶୁକ୍ରବାର ବିସର୍ଜନ ହେବ ବୋଲି ପୁଷ୍ପକ ମିଶ୍ର ପ୍ରକାଶ କରିଛନ୍ତି।

## ■ ରାସ୍ତା ପାଇଁ ରାସ୍ତାରୋକ ଚେତାବନୀ

# ଏସ୍‌ପିଙ୍କ ଦ୍ୱାରସ୍ଥ ପୋଖରୀବନ୍ଧ ପଞ୍ଚାୟତବାସୀ



**ଲାଞ୍ଜିଗଡ଼, ୧୭।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ୧୭ଟି ଗାଁର ଲୋକେ ରାସ୍ତା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଳୁ ଉପର ଯାଏଁ ସମସ୍ତଙ୍କୁ ଗୁହାରି କରି ଥକିଗଲେଣି। କେହି ଶୁଣୁନାହାନ୍ତି। ଶେଷରେ ଅନ୍ୟ ଉପାୟ ନପାଇଁ ନେଇଛନ୍ତି ଚରମ ନିଷ୍ପତ୍ତି। ରାସ୍ତା ପାଇଁ ଆସନ୍ତା ୨୨ ତାରିଖ ଦିନ କରିବେ ରାସ୍ତାରୋକ। ଏଥିପାଇଁ ଗାଁ ଗାଁରେ ଚାଲିଛି ଜୋରଦାର ପ୍ରସ୍ତୁତି। ଏନେଇ ଲାଞ୍ଜିଗଡ଼ ତହସିଲଦାରଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିବା ବେଳେ ଲାଞ୍ଜିଗଡ଼ ବିଡିଓ, ବିଶ୍ୱନାଥପୁର ଥାନାଧିକାରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ଏପରିକି ମଙ୍ଗଳବାର ସନ୍ଧ୍ୟାରେ ଏହିସବୁ ଅଞ୍ଚଳବାସୀ ଏସପିଙ୍କ କାର୍ଯ୍ୟାଳୟକୁ ଯିବା ସହିତ ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆନଗଲେ ୬ ନମ୍ବର ରାଜ୍ୟ ରାଜପଥ ପୋଖରୀବନ୍ଧରେ ରାସ୍ତାରୋକ ଅନିବାର୍ଯ୍ୟ ବୋଲି ଚେତାବନୀ ଦେଇଛନ୍ତି।

# ନାରୀ ନିର୍ଯାତନା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ମାରକପତ୍ର

**ରାଉରକେଲା, ୧୭।୯ (ସମିସ)**



ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ପ୍ରତିବାଦରେ ଆଜି ରାଉରକେଲା ବିଜେଡି ସାଂଗଠନିକ ଜିଲ୍ଲାର ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲା ସାଙ୍ଗଠନିକ ଜିଲ୍ଲା ବିଜୁ ମହିଳା ଜନତା ଦଳ ନେତ୍ରୀ ଏମ୍ମା ଏକ୍କାଙ୍କ ନେତୃତ୍ୱରେ ଆଜି ଶତାଧିକ ସଂଖ୍ୟାରେ ବିଜୁ ଜନତା ଦଳର ମହିଳା ରାଉରକେଲା ଏସ୍‌ପି ଅଫିସ ସମ୍ମୁଖରେ ରୁଣ୍ଡହୋଇ ରାଜ୍ୟରେ ହେଉଥିବା ନାରୀ ନିର୍ଯାତନାକୁ ତୀବ୍ର ବିରୋଧ କରିଥିଲେ। ମୋହନ ସରକାର କ୍ଷମତାକୁ ଆସିବା ପରେ ବିଗତ ଦେଢ଼ ବର୍ଷ ମଧ୍ୟରେ ମହିଳାମାନଙ୍କ ପ୍ରତି ଶାରୀରିକ, ମାନସିକ ନିର୍ଯାତନା ସମେତ ଦୁଷ୍କର୍ମ ବହୁ ମାତ୍ରାରେ ବୃଦ୍ଧି ପାଇଛି। ତେବେ ଏହି କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯାତନାକୁ ରୋକିବାରେ ରାଜ୍ୟର ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ରାଜ୍ୟରେ ୫୦ରୁ ଅଧିକ ଭାଗ ମହିଳା ରହିଥିବାବେଳେ, କିପରି ନିର୍ଯାତନାରୁ ସମ୍ପୂର୍ଣ୍ଣ ଉଦ୍ଧାର ପାଇବେ ଓ ସୁରକ୍ଷିତ ଭାବେ ଜୀବନ ଯାପନ କରିବେ, ସରକାର ଅଧିକରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ସର୍ବୋଚ୍ଚ ଆଇନ ଶୃଙ୍ଖଳା ରକ୍ଷା କରୁଥିବା ଡିଜିପିଙ୍କ ନିକଟକୁ ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ସ୍ମାରକପତ୍ର ରାଉରକେଲା ଏସ୍‌ପିଙ୍କ ଜରିଆରେ ପ୍ରଦାନ କରାଯାଇଛି। ପୂର୍ବତନ ରାଉରକେଲା ନାରୀନେତ୍ରୀ ସନ୍ଧ୍ୟା ଲାକ୍ରା, ଜୋସ୍ନା ନାୟକ, ଗଗନ ପଣ୍ଡା, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ସଞ୍ଜିତ ଛୋଟରାୟ, ଜୟଶ୍ରୀ ପାଣିଗ୍ରାହୀ, ଲକ୍ଷ୍ମୀ କିଷାନ, ଦ୍ରୌପଦୀ କିଷାନ, ଇନ୍ଦିରା ନାୟକ, ସୁନନ୍ଦା ସେନାପତି, ସ୍ମିତା ମହାନ୍ତି, ଗୌରୀ କୁମ୍ଭାର, ତାରିଣୀ ସେଠୀ, ସୁଭଦ୍ରା ପ୍ରଧାନ, ତୃପ୍ତିମୟୀ ସ୍ୱାଇଁ, ବିଚିତ୍ରା ବାରିକ, ସଙ୍ଗୀତା ମିଶ୍ର, ଲକ୍ଷ୍ମୀ ସିଂ, ପ୍ରିୟଙ୍କା ପ୍ରଧାନ, ଜୟନ୍ତୀ ଦାସ, ପ୍ରତିମା ରାଉତ ସମେତ ନାରୀ ନେତ୍ରୀମାନେ ଉପସ୍ଥିତ ଥିଲେ।

## ଘରୁ ବାଣ ଜବତ

# ୨ ବ୍ୟବସାୟୀ ଗିରଫ





**ରାଉରକେଲା, ୧୭।୯ (ସମିସ):** ଘରେ ବେଆଇନ ବାଣ ଗଚ୍ଛିତ ରଖିବା ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ବେଦବ୍ୟାସ ବୁରୁଟୋଲା ଅଞ୍ଚଳର ଚନ୍ଦନ ସ (୨୬) ଓ ଅମରଜିତ୍ ମାଲାକାର (୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୧୯ ପ୍ରକାରର ବିପୁଳ ବାଣ ଜବତ କରାଯାଇଛି। ଦୁହେଁ ଛତିଶଗଡ଼ ରାଏପୁରରୁ ବାଣ ଆଣିଥିବାବେଳେ ଉପଯୁକ୍ତ କାଗଜପତ୍ର ଦେଖାଇ ପାରି ନଥିଲେ। ଆଗାମୀ ବିଭିନ୍ନ ପର୍ବ ଉପଲକ୍ଷେ ବିକ୍ରି କରିବାକୁ ଯୋଜନା କରିଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ରାଜ୍ୟ ବାହାରୁ ବିନା କାଗଜପତ୍ରରେ ବାଣ ସହରକୁ କିପରି ଆସୁଛି ସେ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି।

## ସ୍କ୍ରାପ୍ ବୋଝେଇ ପିକ୍‌ଅପ୍ ଜବତ, ଚାଳକ ଗିରଫ

**ରାଉରକେଲା, ୧୭।୯ (ସମିସ):** ଚୋରା ସ୍କ୍ରାପ ନେଇ ଯାଉଥିବାବେଳେ ରଘୁନାଥପାଲି ଥାନା ପୁଲିସ ଧରିବାରେ ସକ୍ଷମ ହୋଇଛି। ପ୍ଲାଣ୍ଟସାଇଟ୍ ରହମତ ନଗର ଅଞ୍ଚଳର ଅଭିଯୁକ୍ତ ଚାଳକ ମେହେବୁବ ଶା (୨୧)କୁ ଗିରଫ କରାଯାଇଥିବା ବେଳେ ଗୋଟିଏ ବୋଲେରୋ ପିକଅପ୍ ଭ୍ୟାନ ଓ ୨୦୬୦ କେଜି ଓଜନର ସ୍କ୍ରାପ ଜବତ କରାଯାଇଛି। ମଙ୍ଗଳବାର ଥାନାଞ୍ଚଳରେ ଗାଡ଼ି ଯାଞ୍ଚ କରାଯାଇ ଥିଲା। ଜବତ ଗାଡ଼ିକୁ ଅଟକାଇ ଯାଞ୍ଚ ବେଳେ ଚାଳକ କୌଣସି କାଗଜପତ୍ର ଦେଖାଇ ନପାରିବାରୁ ପୁଲିସ ତାକୁ ଗିରଫ କରିଥିବା ଜଣାପଡ଼ିଛି।

## କଳାହାଣ୍ଡି ଜିଲ୍ଲା ଭାରତୀୟ ମଜଦୁର ସଂଘ

# ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ




**ଭବାନୀପାଟଣା, ୧୭।୯ (ସମିସ)** ଭାରତୀୟ ମଜଦୁର ସଂଘ ବିଶ୍ୱକର୍ମା ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମିକ ଦିବସ ରୂପେ ସାରା ଦେଶରେ ପାଳନ କରି ଆସୁଛି। ଏହି ଅବସରରେ କଳାହାଣ୍ଡି ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ଅମଳା ଭବନ ନିକଟରୁ ବିରାଟ ପଟୁଆରରେ ପଦଯାତ୍ରାରେ ବାହାରି ସହର ପରିକ୍ରମା କରି ଅମଳା ଭବନ ଠାରେ ପହଞ୍ଚି ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶ୍ୱକର୍ମା, ଭାରତ ମାତା, ସଂଘର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡ଼ୀ ଜିଙ୍କ ଫଟୋ ଚିତ୍ରରେ ପୁଷ୍ପଦାନ ଓ ଦୀପ ପ୍ରଜ୍ୱଳନ କରି, ଶ୍ରମିକ ଗୀତ ଗାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ଭାରତୀୟ ମଜଦୂର ସଂଘର ରାଜ୍ୟ ସମ୍ପାଦକ ଶ୍ରୀ ବିଶ୍ୱ ରଞ୍ଜନ ସାହା, ବଲାଙ୍ଗୀର ଏବଂ ସୋନପୁର ପ୍ରଭାରୀ ଶ୍ରୀ ବିରଞ୍ଚି ନାରାୟଣ ପଣ୍ଡା, ଅଖିଳ ଭାରତୀୟ ମଧ୍ୟାହ୍ନ ଭୋଜନ କର୍ମଚାରୀ ମହାସଂଘର ରାଷ୍ଟ୍ରୀୟ ସମ୍ପାଦିକା ଶ୍ରୀମତୀ ତପସ୍ୱିନୀ ମହାରଣା ଯୋଗ ଦେଇ ଭାରତୀୟ ବିଚାରରେ ଭାରତ ଗଠନରେ ଏକ ଅଣ ରାଜନୈତିକ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହୋଇ ଶ୍ରମିକଙ୍କ ସମସ୍ତ ସମସ୍ୟାର ସମାଧାନ କରିବା ସହ ଭାରତୀୟ ବିଚାରରେ ସମର୍ପିତ। ଜିଲ୍ଲା ସଭାପତି ମହୋନ ଡୋଲାମଣୀ ସାହୁ ଏବଂ ଜିଲ୍ଲା ସମ୍ପାଦକ ଲୋଚନ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ମଜଦୂର ସଂଘ ସଂଲଗ୍ନ ବିଭିନ୍ନ ସଂଗଠନ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଭବାନୀଶଙ୍କର ରାଉତ, ରାଧାକାନ୍ତ ବେହେରା, ବିମଳା ଗୌଡ଼, ଆନସୁମାନ ଜେନା, ପଙ୍କଜ ମଙ୍ଗରାଜ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ପାଇଁ କରଞ୍ଜିଗୁଡା ଠାରେ ରାସ୍ତା ଅବରୋଧ

**ଜୟପାଟଣା, ୧୭।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଜୟପାଟଣା ମୁଖୀଗୁଡା ମୁଖ୍ୟ ରାସ୍ତା କରଞ୍ଜିଗୁଡା ଗାଁରେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ସୂଚନା ଅନୁଯାୟୀ କରଞ୍ଜିଗୁଡା ଗାଁର ସଞ୍ଜୟ ନାଏକ (୩୫) ଗତ ଶନିବାର ଦିନ ସନ୍ଧ୍ୟା ୭ଟା ସମୟରେ ମୁଖିଗୁଡା ଠାରୁ ଔଷଧ କିଣି ଫେରୁଥିବା ସମୟରେ ମୁଖୀଗୁଡା ଫାଣ୍ଡି ନିକଟରେ ଦୁଇ ବାଇକ୍ ମୁହାମୁହିଁ ହେବା ଫଳରେ ସଞ୍ଜୟ ନାଏକ ଛିଟିକି ପଡ଼ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଜୟପାଟଣା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ମଧ୍ୟ ବୁର୍ଲାରୁ ସ୍ଥାନାନ୍ତର ହୋଇ ରାୟପୁର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସାଧିନ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ବୁଧବାର ଗାଁକୁ ଶବ ଫେରିଥିବା ବେଳେ ପରିବାର ଓ ଗାଁ ଲୋକେ କ୍ଷତିପୂରଣ ଦାବି ରେ ଶବ ରଖି କରଞ୍ଜିଗୁଡ଼ା ପାଖରେ ରାସ୍ତା ଅବରୋଧ କରିଛନ୍ତି। ପ୍ରାୟ ଚାରି ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ଏ ନେଇ ପରିବାର ପକ୍ଷରୁ ମୁଖୀଗୁଡା ଫାଣ୍ଡିରେ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି। ଘଟଣାସ୍ଥଳରେ ଉଚ୍ଚ ଅଧିକାରୀ ଆସି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା

# ଭେଷଜ ରୋଗ ସମ୍ବନ୍ଧୀୟ ସଚେତନତା ଶିବିର

**କେସିଙ୍ଗା, ୧୭।୯ (ସମିସ):** ଏସବିଆଇ ଓ ରାମକି ଫାଉଣ୍ଡେସନ ଏବଂ କିକିଆ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ କେସିଙ୍ଗା ବ୍ଲକ କିକିଆସ୍ଥିତ କିକିଆ ଉଚ୍ଚ ବିଦ୍ୟାଳୟରେ ବିଶେଷ ଭେଷଜ ରୋଗର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଇଯାଇଛି। ବିଦ୍ୟଳୟ ପରିଚାଳନା କମିଟି ଅଧ୍ୟକ୍ଷ କେଶବ ଚନ୍ଦ୍ର ବାରିକ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ୍ ନୃସିଂହ ପ୍ରସାଦ ଯୋଶୀ, ସହକାରୀ ଶିକ୍ଷକ ସନାତନ ସାହୁଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭେଷଜ ରୋଗ ଡାକ୍ତର ରବୀନ୍ଦ୍ରନାଥ ଖଟୁଆଙ୍କ ତତ୍ତ୍ୱାଧାନରେ ଶିବିର ଆୟୋଜିତ ହେଇଯାଇଛି। ସ୍ୱତନ୍ତ୍ର ଶିବିରରେ ପ୍ରାୟ ୩୦୨ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଭେଷଜ ରେଗ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ରୋଗ ଉପରେ ମଧ୍ୟ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରାମକି ଫାଉଣ୍ଡେସନର ଚିକିତ୍ସକ ଡାକ୍ତର ବିମଳ ଚରଣ ଷଡଙ୍ଗୀ ଏବଂ ବିଦ୍ୟାଳୟର ସହଯୋଗୀ ଶିକ୍ଷକ ଟିକେଶ୍ୱର ସାହୁ, ଉମାକାନ୍ତ ମାଝୀ ସହଯୋଗ କରିଥିଲେ। ରାମକି ସଂସ୍ଥାର କଳାହାଣ୍ଡି ର ପିସି, ଭେଷଜ ବିତରକ ଜ୍ୟୋସ୍ନା ରାଣୀ ବେହେରା, ନର୍ସ ପଙ୍କଜିନି ରଣା, ଏଲଟି ନିତୁ ନାୟକ, ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିନୋଦ ସିଂ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




# ହାଇସ୍କୁଲସ୍ତରୀୟ ଶିକ୍ଷକ ସଂଘ ଗଠିତ



**ଲାଞ୍ଜିଗଡ଼, ୧୭।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଠାରେ ବୁଧବାର ନୂତନ ଭାବେ ଗଠନ ହୋଇଛି ବ୍ଲକ ହାଇସ୍କୁଲ ସ୍ତରୀୟ ଶିକ୍ଷକ ସଂଘ। ଏହି ଅବସରରେ ବୁଧବାର ବ୍ଲକର ୨୬ଟି ପଞ୍ଚାୟତରେ ଥିବା ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ସହମତିକ୍ରମେ ସଂଘ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ହାଇସ୍କୁଲ ସ୍ତରୀୟ ଶିକ୍ଷକ ସଂଘର ସଭାପତି ଭାବେ ଶିକ୍ଷକ ପ୍ରମୋଦ କୁମାର ଦାସ, ଉପସଭାପତି ଶିକ୍ଷକ ବିନୋଦ ବାତ୍ରା, ସମ୍ପାଦକ ଶିକ୍ଷକ ଦିଗାମ୍ବର କାତ୍ରାକା, ସହସମ୍ପାଦକ ଶିକ୍ଷକ ସୁଶୀଲ କୁମାର ସାହୁ, କୋଷାଦକ୍ଷ ଶିକ୍ଷକ ସନ୍ତୋଷ କୁମାର ଆଚାର୍ଯ୍ୟ, ଆବାହକ ଶିକ୍ଷକ ଅଭିଷେକ ମିଶ୍ର, ଉପଦେଷ୍ଟା ଶିକ୍ଷକ ଶେଖ ହମିଦ ରେଜାଙ୍କୁ ଚୟନ କରାଯାଇଥିଲା। ଲାଞ୍ଜିଗଡ଼ ବ୍ଲକର ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ମହତ ପୂର୍ଣ୍ଣ କାର୍ଯ୍ୟକଳାପଙ୍କୁ ନେଇ ଜିଲ୍ଲା ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ଏହି ସଂଗଠନ ସଦାସର୍ବଦା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆପଦ ବିପଦରେ ସହଯୋଗ କରିବ ବୋଲି ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଂଘ ସଭାପତି ଶିକ୍ଷକ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରର ଉକ୍ତ ବୈଠକକୁ ଶିକ୍ଷକ ସୁଶୀଲ କୁମାର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ତୁଳସୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଲାଞ୍ଜିଗଡ଼ ବ୍ଲକ ୨୬ଟି ପଞ୍ଚାୟତଥିବା ବିଭିନ୍ନ ହାଇସ୍କୁଲରୁ ଆସିଥିବା ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# କୃଷି ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ଭବାନୀପାଟଣା, ୧୭।୯ (ସମିସ):** କୃଷି ମହାବିଦ୍ୟାଳୟ ଭବାନୀପାଟଣାର କନଫରେନ୍ସ ହଲରେ ମହାବିଦ୍ୟାଳୟରେ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ' ପ୍ରବେଶ ଉତ୍ସବ -୨୦୨୫-୨୬' ପାଳିତ ହୋଇଯାଇଅଛି। ଅଭାସୀ ମାଧ୍ୟମରେ ରାଜ୍ୟରେ ଥିବା ଅନ୍ୟାନ୍ୟ କୃଷିମହାବିଦ୍ୟାଳୟର ନବଗତ ଛାତ୍ରଛାତ୍ରୀଙ୍କୁ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ସ୍ୱାଗତ ଜଣାଇଥିଲେ। ଏହି ଉପଲକ୍ଷେ ଭବାନୀପାଟଣା କୃଷି ମହାବିଦ୍ୟାଳୟ ଅଡିଟୋରିୟମରେ ଚଳିତ ବର୍ଷର ନବାଗତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅବିଭାବକମାନେ ଉପସ୍ଥିତ ଓୟୁଏଟି କୁଳପତି ଏବଂ ଅତିଥିମାନଙ୍କ ବକ୍ତବ୍ୟକୁ ଶୁଣିଥିଲେ। କୁଳପତି ପ୍ରଫେସର ଡ.ରାଉଳ ଛାତ୍ରଛାତ୍ରୀଙ୍କୁ କୃଷି ମହାବିଦ୍ୟାଳୟକୁ ସ୍ୱାଗତ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପରେ ଭବାନୀପାଟଣା କୃଷିମହାବିଦ୍ୟାଳୟର ସଭାଗୃହରେ ଉପସ୍ଥିତ ନବାଗତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ମହାବିଦ୍ୟାଳୟର ଡିନ ପ୍ରଫେସର ସନ୍ଦୀପ୍ତ କୁମାର ନାୟକ ଓ ସ୍ଥାନୀୟ ଓୟୁଏଟି, ଆରଆରଟିଟିଏସର ଏଡିଆର ଡ. ଭବାନୀ ଶଙ୍କର ନାୟକ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ମହାବିଦ୍ୟାଳୟ ଛାତ୍ରସଂସଦର ଉପଦେଷ୍ଟା ତଥା ପ୍ରାଧ୍ୟାପକ ଡ. ଦେବାଶିଷ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଅଧ୍ୟାପକ ଡ. ସିମଲି ଦାସ। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ସହକାରୀ ଅଧ୍ୟାପକ ଏବଂ ସହକର୍ମୀ ମାନେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ନବାଗତଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ହଷ୍ଟେଲକୁ ନେଇ ଯାଉଥିବା ଦୃଶ୍ୟ ଅବିଭାବକଙ୍କୁ ଅଭିଭୂତ ଥିଲା।



# 'ଆସ ଆମେ ସ୍କୁଲ ଯିବା' ଅଭିଯାନ

**ଲାଞ୍ଜିଗଡ଼, ୧୭।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତସ୍ଥିତ କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅଧିନରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ କାଉଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର, ଖେଳ ଶିକ୍ଷକ ଲମ୍ବୋଦର ସାହୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମାନେ ସାମିଲ ହୋଇ ବ୍ୟାନର ଓ ପ୍ଲାକାର୍ଡ ଧରି ବିଦ୍ୟାଳୟରୁ ପଦଯାତ୍ରାରେ ବାହାରି ନିକଟସ୍ଥ ଗାଁ କାଉଗୁଡ଼ା ଓ କିଡିଙ୍ଗକୁ ଯାଇ ଘରଘର ବୁଲି ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସଚେତନତା କରାଇଥିଲେ।




# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ପରିଷଦର ବୈଠକ

**ଭବାନୀପାଟଣା, ୧୭।୯ (ସମିସ):** ମା 'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ଚତୁର୍ଥ କ୍ରୀଡା ପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ୩୫ଟି ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏବଂ ଅଫିସର ଯୋଗ ଦେଇଥିଲେ। ବୈଠକରେ କ୍ରୀଡା ପରିଷଦର ନିର୍ଦ୍ଦେଶକ ଡ଼.ଘନଶ୍ୟାମ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ। କ୍ରୀଡା ପରିଷଦର ଉନ୍ନତି ପାଇଁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। କୁଳସଚିବ ଡ଼. ଗୁଣନିଧି ନାଏକ ସମସ୍ତ କ୍ରୀଡା ଶିକ୍ଷକଙ୍କୁ କ୍ରୀଡା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା କରାଯାଉ ବୋଲି କହିଥିଲେ। ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ ବିଶ୍ୱବିଦ୍ୟାଳୟ ତରଫରୁ କ୍ରୀଡାର ଉନ୍ନତି ପାଇଁ ସମସ୍ତ ପ୍ରକାରର ସହଯୋଗ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଏହି ବର୍ଷଠାରୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନଙ୍କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସରେରେ ସମ୍ମାନିତ କରିବା ପାଇଁ ସ୍ୱୀକୃତି ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପକୁଳସଚିବ ମେଜର ଡ଼.ଜୟଦେବ ସାହୁ ଏବଂ ବିତ୍ତ ନିୟନ୍ତ୍ରକ ସୁରେଶ ପିଡ଼ିସିକା କ୍ରୀଡା କ୍ଷେତ୍ରରେ ବିକାଶ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ବୈଠକକୁ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଡକ୍ଟର ସରୋଜ କୁମାର ପଣ୍ଡା ପରିଚାଳନା କରିଥିଲେ ଏବଂ ବିଭିନ୍ନ ପ୍ରସ୍ତାବ ମାଧ୍ୟମରେ ବିଶ୍?ବିଦ୍ୟାଳୟର ଭାରପ୍ରାପ୍ତ କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ କ୍ରୀଡା ପରିଷଦର ଅନ୍ୟ ସଦସ୍ୟମାନେ ଯଥା ସୁବ୍ରତ କୁମାର ପ୍ରଧାନ, ଜୟନ୍ତ କୁମାର ଦଣ୍ଡସେନା, ଡ଼.ପ୍ରିୟରଞ୍ଜନ ବେହେରା, ଗଣନାଥ ବାଗ, ସୁଶ୍ରୀ ରୋଜମେରୀ ରଶ୍ମିତା ଏକ୍କା ଏବଂ ସୁଶ୍ରୀ ଶ୍ରାବଣୀ ଦାଶ ଉପସ୍ଥିତ ଥିଲେ। ଶେଷରେ କ୍ରୀଡା ପରିଷଦର ସଦସ୍ୟ ସୁବାଶିଷ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଫୁଟବଲ ଟୁର୍ଣ୍ଣାମେଣ୍ଟ, ବୋଡେନ ଦଳ ଚାମ୍ପିଅନ




**ନୂଆପଡ଼ା / କୋମନା, ୧୭।୯ (ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗନିଆରୀ ରୋୟାଲ କ୍ଲବ୍ ଫୁଟବଲ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ନୂଆପଡ଼ା ଜିଲ୍ଲାର ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କୋମନା ଓ ବୋଡେନ ମଧ୍ୟରେ ହୋଇଥିଲା। ବୋଡେନ ଦଳ ୧-୦ଗୋଲରେ ବିଜୟ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, କୋମନା ସରପଞ୍ଚ ମଣ୍ଟୁ ପାଣିଗ୍ରାହୀ, ଭେଲା ପଞ୍ଚାୟତ ସରପଞ୍ଚ ବିମଳ ଯୋଶୀ, ମାନସ ରଥ ବିଜେପି ଯୁବ ମୋର୍ଚ୍ଚର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ, ସୁବ୍ରତ ନାଏକ, ଜଗଦୀଶ ହଂସ, ରାମସିଙ୍ଗ ମାଝୀ, ପିତାମ୍ବର ଅଦା, ପରମେଶ୍ୱର ହଂସ, ଯଶୋବନ୍ତ ହଂସ, କେଶବ ହଂସ, ଲୋକନାଥ ମିଶ୍ର, ତେଜରାଜ ହଂସ, କୁନା ହୋତା, ରୁଦ୍ର ହଂସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଖେଳ ପରିଚାଳନାରେ ଦିନେଶ ନାଏକ, ଶ୍ୟାମ ଓ ଦିନେଶ ଖେଳ ପରିଚାଳନା କରିଥିଲେ. ରୋୟାଲ କ୍ଲବ ସଦସ୍ୟ ଥୟରାମ ହଂସ, ଟିକେଶ୍ୱର ହଂସ, ଲିଙ୍ଗରାଜ ଅଦା, ସହଦେ? ଥପା, କୈଳାସ ଧରୁଆ, କୈଶପ ସଗରିଆ, ଦୀପକ ବାଗ, ଧ୍ରୁବ ହଂସ, ଝମକ ନାଗ, ଫକୀର ନାଗ, ବୁଡା ହଂସ, ବୁଲାରାମ ବାଗ, ନିକୁ ବାଗ, କୁନାଲ ବାଗ, ରମେଶ ନାଗ, ପ୍ରତାପ ହଂସ, ପିଙ୍କୁ ନିଆରୀ ସାବନ ହୋତା, ରିଙ୍କୁ ନିଆରୀ, ଗାନ୍ଧୀ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ନ୍ୟାସନାଲ କଲେଜରେ ହିନ୍ଦୀ ଦିବସ

**ନୂଆପଡ଼ା, ୧୭।୯ (ସମିସ):** ସ୍ଥାନୀୟ ନ୍ୟାସନାଲ କଲେଜରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ହିନ୍ଦୀ ଦିବସ ଅବସରରେ ହିନ୍ଦୀ ପାକ୍ଷିକ ଆୟୋଜନ କରାଯାଇଥିଲା। ଯେଉଁଥିରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କବି ରାକେଶ ଜୈନ ଯୋଗ ଦେଇ ବିଭିନ୍ନ କବିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷା ପ୍ରତି ଆକର୍ଷିତ କରିବାକୁ ଚେଷ୍ଟା କରିଥିଲେ। ଭବିଷ୍ୟତରେ ହିନ୍ଦୀର ଭାଷାର ଦିଗ ସମ୍ପର୍କରେ ସମାଲୋଚନା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ହିତେଶ ସାହୁ, ପ୍ରଫେସର ବିଧାନ ମିଶ୍ର, ପ୍ରକାଶ ସାହୁ, କୋମଲ ଲାଲ ଚନ୍ଦ୍ରକର, ବିଭାଗ ମୁଖ୍ୟ ଜଗନ୍ନାଥ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିଶ୍ୱଜିତ କାଲତା ଜୀ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନମ୍ରତା ତ୍ରିପାଠି ବୈଠକର ଉଦ୍ଦେଶ୍ୟ କହିଥିଲେ। ବିଭାଗ ମୁଖ୍ୟ ଜଗନ୍ନାଥ ମେହେର ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଶିକ୍ଷକ ଶୁକଦେବ ଭିଲ, ହେମଲ ସା, ରଞ୍ଜିତ ନାୟକ, ଲିଙ୍ଗରାଜ ବିଶି, ଯଶୋବନ୍ତ ଭୋଇ, ଶିକ୍ଷୟିତ୍ରୀ ଆଶା ମେହେର, ମେରୀ ଆଶା ଟୋପୋ ପ୍ରମୁଖ ଯୋଗ ଦେଇଥିଲେ।



# କେରଳରେ ୧୯ ଜୀବନ ନେଲାଣି ମସ୍ତିଷ୍କ ଖିଆ ଆମିବା

ତିରୁଅନନ୍ତପୁରମ, ୧୭।୯ (ଏଜେନ୍ସି): କେରଳରେ ମସ୍ତିଷ୍କ ସଂକ୍ରମଣ ଜନିତ ରୋଗ ପ୍ରାଇମେରି ଆମିଓବିକ ମେନିଙ୍ଗୋଏନ୍‌ସେଫାଲାଇଟ୍ସ (ପିଏମଏ) ଆତଙ୍କ ସୃଷ୍ଟି କରିଛି। ଏହା ସାଧାରଣତଃ 'ନାଇଗ୍ଲେରିଆ ଫାଓଲେରି ତଥା ମସ୍ତିଷ୍କ ଖିଆ ଆମିବା' ଭାବେ ପରିଚିତ। ରାଜ୍ୟରେ ଏହି ବିପଜ୍ଜନକ ରୋଗ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହି ସଂକ୍ରମଣରେ ମୃତ୍ୟୁହାର ଅଧିକ । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଏଥିରେ ସଂକ୍ରମିତ ହୋଇଥିବା ୬୧ ରୋଗୀଙ୍କୁ ଚିହ୍ନଟ କରାଗଲାଣି। ଏମାନଙ୍କୁ ମଧ୍ୟରୁ ୧୯ ଜଣ ପ୍ରାଣ ହରାଇଲେଣି। ଗତ କିଛି ସପ୍ତାହ ମଧ୍ୟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି ଯେ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ କୋଝିକୋଡ ଏବଂ ମାଲାପୁରମରୁ ଏହି ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା। ଏବେ ଏହା ସାରା ରାଜ୍ୟକୁ ବ୍ୟାପିଗଲାଣି। ଏହି ରୋଗରେ ତିନି ମାସର ଶିଶୁଠାରୁ ନେଇ ୯୧ ବର୍ଷୀୟ ବୃଦ୍ଧ ବି ସଂକ୍ରମିତ ହେଉଛନ୍ତି। ଚଳିତ ବର୍ଷ କୌଣସି ଜଳଉତ୍ସରୁ ଏହି ସଂକ୍ରମଣ ଆରମ୍ଭ ହୋଇଥିବା ଜଣାପଡ଼ି ନାହିଁ। ଏହା ଏକ ଅଲଗା ମାମଲା। ଏହା ମହାମାରୀ ବିଜ୍ଞାନ ସମ୍ବନ୍ଧିତ ଯାଞ୍ଚକୁ ଅଧିକ ଜଟିଳ କରିଦେଇଛି।

# ନାଗପୁରରେ ବାଲ୍‌କୋନୀ ଦେଇ ଯାଇଛି ଫ୍ଲାଏଓଭର

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ୯୯୮ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଫ୍ଲାଏଓଭର ଏବେ ବିବାଦରେ। ଗ୍ରେଟ୍ ନାଗ୍ ରୋଡ ସ୍ଥିତ ଆଶୋକ ସର୍କଲ ନିକଟରେ ନିର୍ମିତ ଏହି ଫ୍ଲାଏ ଓଭରର ବିମ୍ ଏକ ଘରର ବାଲ୍‌କୋନୀ ଉପର ଦେଇ ଯାଇଛି। ଏହାର ଭିଡିଓ ସାମ୍ନାକୁ ଆସିବା ପରେ ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ନଗର ନିଗମର କାର୍ଯ୍ୟ ପ୍ରଣାଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଫ୍ଲାଏଓଭର ନାଗପୁରର ଇନ୍ଦୋରା ଓ ଦୋଧୋରୀ ଅଞ୍ଚଳକୁ ଯୋଡୁଛି। କିନ୍ତୁ ଫ୍ଲାଏ ଓଭର ଠିକ୍ ଭାବେ ନିର୍ମାଣ କରାଯାଇଛି ଓ ଏଥିରେ କୌଣସି ସମସ୍ୟା ନାହିଁ ବୋଲି ଏନ୍‌ଏଚ୍‌ଏଆଇ ତରଫରୁ କୁହାଯାଇଛି। ନିର୍ମାଣ ବେଳେ ଘର ଓ ଫ୍ଲାଏଓଭର ମଧ୍ୟରେ ଦେଢ଼ ମିଟରର ବ୍ୟବଧାନ ଥିଲା। କିନ୍ତୁ ଏହି ବାଲ୍‌କୋନୀକୁ ପରେ ତିଆରି କରାଯାଇଛି ବୋଲି ଏନ୍‌ଏଚ୍‌ଏଆଇ କହିଛି। ଅନ୍ୟପଟେ ପ୍ରୋଜେକ୍ଟ ରିପୋର୍ଟ ତିଆରି କଲା ବେଳେ ଆମଠାରୁ ପରାମର୍ଶ ନିଆଯାଇ ନଥିଲା ବୋଲି ନଗର ନିଗମ କହିଛି। ଏପର୍ଯ୍ୟନ୍ତ ଏହି ଘର ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା ଘୋଷଣା କରାଯାଇନାହିଁ। ତେଣୁ ଏହି ଘରକୁ ତୁରନ୍ତ ଭାଙ୍ଗିବା ମଧ୍ୟ ସମ୍ଭବ ନୁହେଁ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

# ଇଞ୍ଜେକସନ୍ ନେଇ ସୁନ୍ଦରୀ ହେଉଛନ୍ତି ଆଫଗାନ ମହିଳା

କାବୁଲ, ୧୭।୯(ଏଜେନ୍ସି): ଆଫଗାନିସ୍ତାନରେ ତାଲିବାନ ମହିଳାଙ୍କୁ ଉପରେ କଠୋର କଟକଣା ଲଗାଇଛି। ଏହା ସତ୍ତ୍ୱେ ସୁନ୍ଦରୀ ହେବାର ନିଶାକୁ ମହିଳା ଛାଡି ପାରୁନାହାନ୍ତି। ମହିଳାମାନଙ୍କ ମଧ୍ୟରେ କସ୍‌ମେଟିକ ସର୍ଜରୀ ଲୋକପ୍ରିୟ ହେବାରେ ଲାଗିଛି। ଏଥିପାଇଁ ଏହି ଦେଶରେ ବିଭିନ୍ନ ପ୍ରକାରର ସୁବିଧା ଉପଲବ୍ଧ ହେଉଛି। ଏଗୁଡିକ ମଧ୍ୟରେ ବୋଟୋକ୍ସ (ଇଞ୍ଜେକ୍‌ସନ ମାଧ୍ୟମରେ ଚର୍ମର ଲୋଚାପଣ), ଫେସ୍‌ଲିଫ୍ଟ (ଢିଲା ଚର୍ମକୁ ଟାଇଟ୍ କରିବା) ଓ ହେଆର ଟ୍ରାନ୍ସପ୍ଲାଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସେବା ସାମିଲ ରହିଛି। ମହିଳାମାନେ ସାଧାରଣତଃ ବୁର୍ଖାରେ ରହୁଥିଲେ ମଧ୍ୟ ଫେସ୍‌ଲିଫ୍ଟ ଓ ଅନ୍ୟ ଅସ୍ତ୍ରୋପଚାର କରାଉଛନ୍ତି। ରାଜଧାନୀ କାବୁଲରେ ପ୍ରତିବନ୍ଧ ସତ୍ତ୍ୱେ ପାଖାପାଖି ୨୦ଟି କସ୍‌ମେଟିକ ସର୍ଜରୀ କ୍ଲିନିକ୍ ଚାଲୁ ରହିଛି। ଆଫଗାନିସ୍ତାନର ମହିଳାଙ୍କ ମଧ୍ୟରେ ବୋଟାକ୍ସର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ସାମାଜିକ ଗଣମାଧ୍ୟମରେ 'ବୋଟାକ୍ସ ଅଣ୍ଡର ବୁର୍ଖା' ଟ୍ରେଣ୍ଡ କରୁଛି। ୨୦୨୩ରେ ତାଲିବାନ ବିୟୁଟି ପାର୍ଲର ଉପରେ କଟକଣା ଲଗାଇ ଥିଲା। ଏବେ ମେଡିକାଲ ଚିକିତ୍ସା ଶୈଳୀରେ ଏହି ଅସ୍ତ୍ରୋପଚାର କରାଯାଉଛି। ଏଥିପାଇଁ ତୁର୍କୀରୁ ଡାକ୍ତର କାବୁଲକୁ ଆସି ଟ୍ରେନିଂ ଦେଉଛନ୍ତି।

# ଜର୍ଜିଆ ସୀମାରେ ୫୬ ଭାରତୀୟଙ୍କୁ ଅମାନବୀୟ ବ୍ୟବହାର

## ଖାଦ୍ୟ ନାହିଁ କି ଟଏଲଟ୍ ବି ନାହିଁ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ୟୁରୋପୀୟ ଦେଶ ଜର୍ଜିଆରେ ୫୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଅମାନବୀୟ ବ୍ୟବହାର କରାଯାଉଛି। ଏ ନେଇ ଜଣେ ଭାରତୀୟ ମହିଳା ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହା ଭାଇରାଲ ହୋଇଛି। ପଡୋଶୀ ଆର୍ମେନିଆରୁ ଯିବା ବେଳେ ଜର୍ଜିଆ କର୍ତ୍ତୃପକ୍ଷ ଏହି ଭାରତୀୟ ନାଗରିକଙ୍କୁ ଅମାନବୀୟ ବ୍ୟବହାର କରୁଛନ୍ତି ବୋଲି ମହିଳା ପର୍ଯ୍ୟଟକ ଧ୍ରୁବି ପଟେଲ ତାଙ୍କ ପୋଷ୍ଟରେ



କହିଛନ୍ତି। ଭାରତୀୟଙ୍କ ପାଖରେ ଉପଯୁକ୍ତ ଇ- ଭିସା, କାଗଜପତ୍ର ଥିବା ସତ୍ତ୍ୱେ ସେମାନଙ୍କୁ ଅକଥନୀୟ ଅତ୍ୟାଚାର କରାଯାଉଛି। ଆର୍ମେନିଆରୁ ସଦଖଲୋ ସୀମା ଦେଇ ଭାରତୀୟମାନେ ଜର୍ଜିଆ ଯିବା ବେଳେ ଏହି ଘଟଣା ଘଟିଛି। ବରଫ ଭଳି ଭୀଷଣ ଥଣ୍ଡାରେ ଖାଦ୍ୟ ଖାଇବା ଓ ଟଏଲେଟ ଯିବାର କୌଣସି ସୁଯୋଗ ଦିଆଯାଇନଥିଲା। ଏଭଳି ଅବସ୍ଥାରେ ୫ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ପଶୁଙ୍କ ଭଳି ଫୁଟପାଥିରେ ବସିବାକୁ ବାଧ କରାଯାଇଥିଲା। ଅପରାଧୀଙ୍କ ଭଳି ବ୍ୟବହାର କରାଯାଇଥିଲା। କାଗଜପତ୍ରକୁ ଯାଞ୍ଚ ନ କରି ଏହି ଭିସା ଭୁଲ୍ ବୋଲି ଜର୍ଜିଆ କର୍ତ୍ତୃପକ୍ଷ କହିଥିଲେ। ଏ ଭଳି ବ୍ୟବହାର ଗ୍ରହଣ ଯୋଗ୍ୟ ନୁହଁ। ଏହା ନିହାତି ଲଜ୍ଜାଜନକ ବୋଲି ଧ୍ରୁବି ପ୍ରଧାନମନ୍ତ୍ରୀ ମୋଦୀ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଟ୍ୟାଗ କରି କହିଛନ୍ତି। ଏହା ବିରୋଧରେ ଭାରତ କଡ଼ା ପଦକ୍ଷେପ ନେବା ଉଚିତ ବୋଲି ସେ କହିଛନ୍ତି।

# ଦିଲ୍ଲୀ-ଏନ୍‌ସିଆର୍ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ପାଳ ପୋଡୁଥିବା ଚାଷୀଙ୍କୁ ଗିରଫ କରୁନ କାହିଁକି

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ବାୟୁ ପ୍ରଦୂଷଣ ଏବଂ ପାଳ ଜଳାଇବା ସମ୍ବନ୍ଧିତ ମାମଲାକୁ ସୁପ୍ରିମକୋର୍ଟ ଗମ୍ଭୀରତାର ସହ ନେଇଛନ୍ତି। ବୁଧବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ପାଳ ଜଳାଉ ଥିବା ଚାଷୀଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ପଞ୍ଜାବ, ହରିୟାଣା ଭଳି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଚାଷୀ ଆମର ଅନ୍ନଦାତା, କିନ୍ତୁ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି। ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। ପାଳ ଜଳାଉଥିବା ଲୋକଙ୍କ ବିରୋଧରେ ପଞ୍ଜାବ ସରକାର କାହିଁକି କଡ଼ା କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି? ପାଳ ଜଳାଇ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଥିବା ଚାଷୀଙ୍କୁ କାହିଁକି ଗିରଫ କରାଯାଉ ନାହିଁ? ଖାଲି ଜୋରିମାନା ଲଗାଇବା ଯଥେଷ୍ଟ ନୁହେଁ। ଏଥିପାଇଁ ଚାଷୀଙ୍କୁ ଦାୟୀ କରାଯିବା ମଧ୍ୟ ଆବଶ୍ୟକ। ଯଦି ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେବେନି ତେବେ କୋର୍ଟ ନିର୍ଦ୍ଦେଶ ଦେବେ। ପାଳ ଜଳାଇବା ବନ୍ଦ କରିବା ନିମନ୍ତେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି। ଏହାକୁ ନେଇ ପଞ୍ଜାବ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପୂର୍ବରୁ ମଧ୍ୟ ଚାଷୀଙ୍କୁ ଗିରଫ କରାଯାଇଥିଲା। ଅଧିକାଂଶ କ୍ଷୁଦ୍ର ଚାଷୀ ଥିବାରୁ ଜେଲ୍ ପଠାଇଲେ ତାଙ୍କ ପରିବାର ଉପରେ ଖରାପ ପ୍ରଭାବ ପଡୁଛି। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ କିଛି ଲୋକଙ୍କୁ ଜେଲ୍ ପଠାଇଲେ ପାଳ ଜଳାଇବା ବନ୍ଦ ହୋଇପାରେ। ଏହି ବାର୍ତ୍ତା ଅନ୍ୟମାନଙ୍କୁ ଦେବାର ଆବଶ୍ୟକତା ରହିଛି।

**ଚାଷୀ ଅନ୍ନଦାତା; ପରିବେଶର ସୁରକ୍ଷା ବି ଜରୁରି**

**ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ସରକାରଙ୍କୁ ଭର୍ତ୍ସନା**

ଏହା ସହିତ ପ୍ରଦୂଷଣର ମୁକାବିଲା ଶୀତ ଦିନ ଆରମ୍ଭ ହେବାର ତିନି ସପ୍ତାହ ମଧ୍ୟରେ ପୂର୍ବରୁ ବିଭିନ୍ନ ଉପାୟ ବିଷୟରେ ସୂଚନା ଦେବା ପାଇଁ ଦେଶର ପ୍ରଦୂଷଣ ନିୟନ୍ତ୍ରଣ ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ), ସେଣ୍ଟ୍ରାଲ



ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ସୁପ୍ରିମକୋର୍ଟ କହିଛନ୍ତି ଯେ ପ୍ରତ୍ୟେକ ବର୍ଷ ଶୀତଦିନେ ପ୍ରଦୂଷଣ ବିପଜ୍ଜନକ ସ୍ତରରେ ପହଞ୍ଚି ଯାଉଛି। ତେଣୁ ସମୟ ପୂର୍ବରୁ ପଦକ୍ଷେପ ନେବା ଜରୁରି। ସିଜେଆଇ କହିଥିଲେ ଯେ ଚାଷୀ ଦେଶର ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବିନା କଟକଣାରେ ପାଳ ଜଳାଇବାକୁ ଅନୁମତି ଦିଆଯାଇପାରିବ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି ଯେ ପାଳ ଜଳାଉଥିବା ଚାଷୀଙ୍କୁ ଏମଏସ୍‌ପିରୁ ବାଦ୍ ଦିଆଯିବା ଉଚିତ। କାରଣ ଚାଷୀ ନିୟମ ଭାଙ୍ଗି ପାଳ ଜଳାଉଛି। ତେଣୁ ଚାଷୀଙ୍କୁ ଆର୍ଥିକ ଦଣ୍ଡ ଦେବା ଉଚିତ। କେବଳ ଜୋରିମାନା କିମ୍ବା ଚେତାବନୀ ଯଥେଷ୍ଟ ନୁହେଁ। ପାଳ ପରିଚାଳନା ପାଇଁ ଚାଷୀଙ୍କୁ ଉପକରଣ ଦେବାକୁ ରାଜ୍ୟ ସରକାରମାନେ ସୁନିଶ୍ଚିତ କରାନ୍ତୁ। ସେହିପରି ଅନ୍ୟ ଉତ୍ତମ ବିକଳ୍ପ ଦେଲେ ଚାଷୀ ପାଳ ଜଳାଇବାରୁ ବିରତ ରହିବେ। ଏହା ସହିତ ଚାଷୀଙ୍କୁ କେବଳ ଖଳନାୟକ ଭଳି ଉପସ୍ଥାପନ କରିବା ଭୁଲ୍ ବୋଲି ଖଣ୍ଡପୀଠ କହିଛନ୍ତି। ତାଙ୍କ ପକ୍ଷ ମଧ୍ୟ ଶୁଣିବା ଉଚିତ। ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ, ପଞ୍ଜାବ, ରାଜସ୍ଥାନ ଭଳି ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏହି ରାଜ୍ୟଗୁଡିକର ପ୍ରଦୂଷଣ ବୋର୍ଡରେ ଖାଲି ପଡ଼ିଥିବା ପଦବୀକୁ ତିନି ମାସ ମଧ୍ୟରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଏକ୍ୟୁଏମ ଏବଂ ସିପିସିବିଙ୍କୁ ମଧ୍ୟ ସମାନ ନିର୍ଦ୍ଦେଶ ଦେଇଛନ୍ତି।

# ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛାର ସୁଅ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ୭୫ତମ ଜନ୍ମଦିବସ ପାଳନ କରିଛନ୍ତି। ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ବରିଷ୍ଠ କଂଗ୍ରେସ ନେତା ତଥା ରାୟବରେଲି ସାଂସଦ ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୋଦୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ବିଜେପି ମଧ୍ୟ ଏହି ଅବସରରେ ମୋଦୀଙ୍କ କାହାଣୀକୁ ନେଇ ଏକ ସର୍ଟ ଭିଡ଼ିଓ ସେୟାର କରିଛି।



ଏହାକୁ 'ମୋଦୀ ଷ୍ଟୋରୀ'ର ନାମ ଦିଆଯାଇଛି। ଭିଡିଓରେ ଚା ଗ୍ଲାସ ଓ ମୋଦୀ ଷ୍ଟୋରୀ ବୋଲି ଉଲ୍ଲେଖ କରାଯାଇଛି। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଜେପି ନଡ୍ଡା ଓ ଅମିତ ଶାହାଙ୍କ ସମେତ ବିଜେପିର କେତେକ ବରିଷ୍ଠ ମନ୍ତ୍ରୀ ଓ ନେତା ପ୍ରଧାନମନ୍ତ୍ରୀଙ୍କ ସହ ଜଡିତ ବିଭିନ୍ନ କଥା ଶୁଣାଇଛନ୍ତି। ଦୁଇ ସପ୍ତାହ ହେବ ବିଜେପି ଦେଶ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ଅବସରରେ ଦେଶରେ କିଛି ରାଜ୍ୟରେ 'ନମୋ ଯୁବା ରନ୍' ଓ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ସେହିପରି ବିହାର ବିଜେପି ୫୦ ହଜାର ସ୍ଥାନରେ ମୋଦୀଙ୍କ ଉପରେ ସର୍ଟ ଫିଲ୍ମ ଦେଖାଇବ।

ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ମଧ୍ୟ ଜନ୍ମଦିନ ପାଇଁ ମୋଦୀଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ଆର୍ଜେଣ୍ଟିନା ଦଳର ଜର୍ସି ଉପରେ ସ୍ୱାକ୍ଷର କରି ତାହାକୁ ମୋଦୀଙ୍କ ନିକଟକୁ ପଠାଇଛନ୍ତି। ୨୦୨୨ ଫିଫା ବିଶ୍ୱକପ୍‌ରେ ମେସି ଓ ଆର୍ଜେଣ୍ଟିନା ଖେଳାଳି ଏହି ଜର୍ସି ପରିଧାନ କରିଥିଲେ। ମେସି ଡିସେମ୍ବରରେ ଭାରତ ଆସି ମୋଦୀଙ୍କୁ ଭେଟିବାର ସମ୍ଭାବନା ରହିଛି। କଂଗ୍ରେସ ନେତା ଶଶୀ ଥରୁର, ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ନବ ନିର୍ବାଚିତ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ, ଅଜୟ ଦେବଗନ, ଅଭିନେତା ଧର୍ମେନ୍ଦ୍ର, ରଜନୀକାନ୍ତ, ଆଲିଆ ଭଟ୍ଟ, ଆମୀର ଖାନ୍, ଶାହାରୁଖ ଖାନ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ, ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ବିଜେପୀ ନେତ୍ରୀ ସ୍ମୃତୀ ଇରାନୀ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା, ମିଆଁମାର ରାଷ୍ଟ୍ରପତି ମିନ ଅଙ୍ଗ୍ ହଲାଇଙ୍ଗ, ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଧନୀ ବ୍ୟକ୍ତ ବିଲ୍ ଗେଟ୍ସ ଓ ବିଭନ୍ନ ଦେଶର ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ମୋଦୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସୂର୍ଯ୍ୟ କୁମାର ଯାଦବଙ୍କୁ ଆପ୍ ନେତାଙ୍କ ଚ୍ୟାଲେଞ୍ଜ

# ଟ୍ରଫି ନୁହେଁ; ପହଲ୍‌ଗାମ୍ ସହିଦଙ୍କ ପତ୍ନୀମାନଙ୍କୁ ମ୍ୟାଚ୍ ଟଙ୍କା ଦିଅ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ଚଳିତ ଏସିଆକପ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ହାଇଭୋଲ୍ଟେଜ ମ୍ୟାଚ୍‌କୁ ନେଇ ଏବେ ବିବାଦ ବଢ଼ିବା ସହ ରାଜନୀତି ଆରମ୍ଭ ହୋଇଛି। ଏବେ ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏହି ବିବାଦରେ ମୁଣ୍ଡ ପୁରାଇବା ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ କଟାକ୍ଷ କରି ନୂଆ ଆହ୍ୱାନ ଦେଇଛନ୍ତି। ସେ ସୂର୍ଯ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କୁ ସମାଲୋଚନା କରିଛନ୍ତି।

ପାକିସ୍ତାନକୁ ପରାସ୍ତ କରିବା ପରେ ସୂର୍ଯ୍ୟ ଭାରତର ଏହି ବିଜୟକୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ମୃତକଙ୍କୁ ଉତ୍ସର୍ଗ କରିଥିଲେ। କିନ୍ତୁ ସୌରଭ ଏହାକୁ ନାଟକ ବୋଲି କହିଛନ୍ତି। 'ସୂର୍ଯ୍ୟ ଯଦି ତୁମର, ବିସିସିଆଇ ଓ ଆଇସିସିର ଔକାତ ଅଛି, ତେବେ ପ୍ରସାରଣ ଅଧିକାର ଓ ବିଜ୍ଞାପନରୁ ଉପାର୍ଜନ କରିଥିବା ଅର୍ଥକୁ ସହିଦଙ୍କ ୨୬ ଜଣ ବିଧବା ମହିଳାଙ୍କୁ ଦେଇଦିଅ। ଏପରି କଲେ ଯାଇ ପ୍ରକୃତରେ ଏହି ବିଜୟ କୁ ମୃତକଙ୍କୁ ଉତ୍ସର୍ଗ କରାଯାଇଥିବା ମାନିବୁ' ବୋଲି ସୌରଭ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଯଦି ସତରେ ସହିଦଙ୍କ ପ୍ରତି ଖେଳାଳିମାନଙ୍କର ସମର୍ପଣ ଭାବ ରହିଛି, ତେବେ କେବଳ କଥା କହିଲେ ହେବ ନାହିଁ। ବରଂ ଏହି ମ୍ୟାଚ୍‌ରୁ ମିଳିଥିବା ଅର୍ଥକୁ ସହିଦଙ୍କ ପତ୍ନୀଙ୍କୁ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। କିନ୍ତୁ ଏଥିପାଇଁ ସୌରଭଙ୍କୁ ମଧ୍ୟ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି।

ସୌରଭ ଖେଳାଳିଙ୍କ ପ୍ରତି 'ଔକାତ' ଭଳି ଶବ୍ଦ ବ୍ୟବହାର କରିବା ଠିକ୍ ନୁହଁ ବୋଲି ସାମାଜିକ ଗଣମାଧ୍ୟମରେ ୟୁଜରମାନେ କହିଛନ୍ତି।



ଏହା ପରେ ସୌରଭ ଏକ୍ସରେ ପୋଷ୍ଟ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। 'ମୁଁ ଯାହା କହିଛି ତାହାକୁ ବଜାୟ ରଖୁଛି, ଖେଳାଳି ଭାବେ ଖେଳ ଓ ଅର୍ଥ ଉପାର୍ଜନ କର। କିନ୍ତୁ ଆତଙ୍କବାଦୀ ଦେଶ ସହିତ ଖେଳିବା ପରେ ସହିଦଙ୍କ ନାମରେ ରାଜନୀତ କରନାହିଁ। ବିଜେପି ସରକାରଙ୍କ ସ୍କ୍ରିପ୍ଟ ଶୁଣାଅନାହିଁ' ବୋଲି ସେ ଉଲ୍ଲେଖ କରି ସଫେଇ ଦେଇଛନ୍ତି। ଅବଶ୍ୟ ଏ ନେଇ ସୂର୍ଯ୍ୟ କୁମାର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

# କର୍ଣ୍ଣାଟକ ଏସ୍‌ବିଆଇରୁ ୨୧ କୋଟି ଟଙ୍କାର ଲୁଟ୍

**୨୦ କେଜି ସୁନା ନେଇ ଲୁଟେରା ଫେରାର୍**

**ସେନା ପୋଷାକ ପିନ୍ଧି ବ୍ୟାଙ୍କରେ ପଶିଥିଲେ**

ବେଙ୍ଗାଲୁରୁ, ୧୭।୯(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖାରୁ ପାଖାପାଖି ୨୧ କୋଟି ଟଙ୍କାର ଡକାୟତି ହୋଇଛି। ଏଥିରେ ଏକ କୋଟି ୪ ଲକ୍ଷ ନଗଦ ଟଙ୍କା ଓ ୨୦ କୋଟି ଟଙ୍କାର ସୁନା ରହିଛି। ମଙ୍ଗଳବାର ସନ୍ଧ୍ୟା ୫ଟାରେ କେତେ ଜଣ ଲୁଟେରା ଅସ୍ତ୍ରଶସ୍ତ୍ର ଧରି ବ୍ୟାଙ୍କ ଲୁଟ୍ କରି ଫେରାର ହୋଇଯାଇଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୁଟେରାମାନେ ମହାରାଷ୍ଟ୍ର ଆଡକୁ ଯାଇଥିବା ପୁଲିସ ଅନୁମାନ କରୁଛି। ଲୁଟେରାମାନେ ସେନା ପୋଷାକ ଓ ମାସ୍କ ପିନ୍ଧିଥିଲେ। ୩ ଜଣ ବ୍ୟାଙ୍କ ଭିତରେ ପଶିଥିବା ବେଳେ ଦୁଇ ଜଣ ବାହାରେ ଥିଲେ। ସେମାନେ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ଓ ଅନ୍ୟ କର୍ମଚାରୀଙ୍କୁ ଅଟକ ରଖିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଲୁଟେରାମାନେ ନଗଦ ଟଙ୍କା ଓ ସୁନା ନେଇ ପଳାଇଥିଲେ। ସେମାନେ ଗୁଳି ମଧ୍ୟ ଚଳାଇଥିଲେ। ମଙ୍ଗଳବାର ବ୍ୟାଙ୍କ ଗ୍ରାହକଙ୍କ ପାଇଁ ବନ୍ଦ ଥିଲା। ସୁରକ୍ଷାକର୍ମୀ ମଧ୍ୟ ଛୁଟିରେ ଥିଲେ ବୋଲି କୁହାଯାଇଛି। ଗତ ୪ ମାସ ମଧ୍ୟରେ ଏହି ଜିଲ୍ଲାରେ ଦ୍ୱିତୀୟଥର ପାଇଁ ଏଭଳି ବ୍ୟାଙ୍କ ଡକାୟତି ହୋଇଛି। ଏହାପୂର୍ବରୁ ମେ ୨୫ରେ ବିଜାପୁର ଜିଲ୍ଲାର ମାଣଗୁଳି ଗାଁର କାନାରା ବ୍ୟାଙ୍କ ଶାଖାରେ ୫୩ କୋଟି ଟଙ୍କାର ସୁନା ଓ ୫ କୋଟି ୨୦ ଲକ୍ଷ ନଗଦ ଟଙ୍କା ଡକାୟତି ହୋଇଥିଲା। ଏହି ଘଟଣାରେ ୧୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ପୂର୍ବତନ ମ୍ୟାନେଜର ବିଜୟକୁମାର ମିରିୟାଲା। ପୁଲିସ ଏହି ମାମଲାରେ ୪୦ କୋଟି ଟଙ୍କାର ଜିନିଷ ଜବତ କରିଥିଲା। ଏଥିରେ ୩୯ କେଜି ତରଳ ସୁନା ଓ ୧.୧୬ କୋଟି ଟଙ୍କାର ନଗଦ ଟଙ୍କା ବି ଥିଲା।

# ଛୋଟା ରାଜନର ଜାମିନ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୯(ଏଜେନ୍ସି): ଗ୍ୟାଙ୍ଗଷ୍ଟର ଛୋଟା ରାଜନର ଜାମିନକୁ ସୁପ୍ରିମକୋର୍ଟ ବୁଧବାର ରଦ୍ଦ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ୨୦୦୧ର ହୋଟେଲ ବ୍ୟବସାୟୀ ଜୟ ସେଟ୍ଟୀଙ୍କ ହତ୍ୟା ମାମଲାରେ ରାଜନର ଜାମିନକୁ ରଦ୍ଦ କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ତା'ର ଦଣ୍ଡ ଉପରେ ଲାଗିଥିବା ରୋକକୁ ହଟାଇ ଦେଇଛନ୍ତି। ଏହି ହତ୍ୟାକାଣ୍ଡ ମାମଲାରେ ଗତବର୍ଷ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାଜନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ରାଜନ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲା। ୨୦୨୪ ଅକ୍ଟୋବର ୨୩ରେ ହାଇକୋର୍ଟ ତାର ଦଣ୍ଡାଦେଶକୁ ଖାରଜ କରି ଜାମିନ ଦେଇଥିଲେ। କିନ୍ତୁ ସିବିଆଇ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲା।

# ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ପଦଯାତ୍ରା କଲେ ଛାତ୍ରୀ

ଇଟାନଗର, ୧୭।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ମାନ ଦିନକୁ ଦିନ ତଳସ୍ତରକୁ ଖସିବାରେ ଲାଗିଛି। କେଉଁଠି ଶିକ୍ଷକ ନାହାନ୍ତି ତ ଆଉ କେଉଁଠି ପିଲା ବସିବାକୁ ଗୃହ ନାହିଁ। ଆଉ କେଉଁଠି ଦୁର୍ନୀତିରେ ଗଢ଼ା ସ୍କୁଲ୍ କୋଠା ଭୁଶୁଡ଼ି ଛାତ୍ରଛାତ୍ରୀଙ୍କ ଅକାଳ ମୃତ୍ୟୁ ହେଉଛି। ଅରୁଣାଚଳ ପ୍ରଦେଶ ପାକେ କେସାଙ୍ଗ ଜିଲ୍ଲାର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରୁ ଏଭଳି ଏକ କରୁଣ ଚିତ୍ର ସାମ୍ନାକୁ ଆସିଛି। ଏହା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଶିକ୍ଷକ ଅଭାବରୁ ପାଠପଢ଼ା ଠିକ୍‌ରେ ହୋଇ ପାରୁ ନ ଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଧିକାରୀ ଶୁଣୁ ନ ଥିଲେ। ଶେଷରେ ପ୍ରାୟ ୯୦ ଛାତ୍ରୀ ନିଜ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ରାତିରେ ୬୫ କିମି ଚାଲି ଚାଲି ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚିଛନ୍ତି। ଏମାନେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। ସେମାନେ ନ୍ୟାନଗାଁଓ ଗ୍ରାମରୁ ରବିବାର ଯାତ୍ରା ଆରମ୍ଭ କରିଥିଲେ। ସାରା ରାତି ଚାଲି ସୋମବାର ସକାଳେ ଲେମିରେ ପହଞ୍ଚି ଥିଲେ। ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକଙ୍କୁ ତୁରନ୍ତ ନିଯୁକ୍ତି ଦାବି କରିଥିଲେ।




ଛାତ୍ରୀ କହିଥିଲେ ଯେ ସେମାନେ ଅନେକ ଥର ସ୍କୁଲ୍ ଏବଂ ଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲେ। କିନ୍ତୁ କେହି ତାଙ୍କ କଥା ଶୁଣି ନ ଥିଲେ। ସେଥିପାଇଁ ସେମାନେ ବାଧ ହୋଇ ଏଭଳି ପଦକ୍ଷେପ ନେଇଥିଲେ। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ଏହି ପଦଯାତ୍ରାରେ ଛାତ୍ରୀ ଅନେକ ପୋଷ୍ଟର ପ୍ରଦର୍ଶନ କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ। 'ଶିକ୍ଷକଙ୍କ ବିନା ସ୍କୁଲ୍ କେବଳ ଏକ କୋଠା' ବୋଲି ଏଥିରେ ଲେଖା ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଛନ୍ତି ଯେ ଭୂଗୋଳ ଏବଂ ରାଜନୀତି ବିଜ୍ଞାନର ଶିକ୍ଷକ ନାହାନ୍ତି। ଅନ୍ୟ ବିଷୟରେ ଶିକ୍ଷକ ଅଛନ୍ତି। ୨୦୧୧-୧୨ରେ ଏହି ବିଦ୍ୟାଳୟର ନିର୍ମାଣ ହୋଇଥିଲା। ଗରିବ ବାଳିକାଙ୍କ ଶିକ୍ଷା ପାଇଁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ଏବେ ୯୦ରୁ ଅଧିକ ଛାତ୍ରୀ ପଢୁଛନ୍ତି। ଛାତ୍ରୀଙ୍କ ଏହି ପଦଯାତ୍ରା ପରେ ଶିକ୍ଷା ବିଭାଗ ତୁରନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶିକ୍ଷକ ନିଯୁକ୍ତିକୁ ମଞ୍ଜୁରି ଦେଇଥିଲା। ସ୍କୁଲ୍ ଶିକ୍ଷାର ଉପନିର୍ଦ୍ଦେଶକ ଦୀପକ ତୟାଙ୍ଗେ କହିଥିଲେ ଯେ ନ ଜଣାଇ ଛାତ୍ରୀ ପଦଯାତ୍ରା କରିଥିଲେ। ଏ ବିଷୟରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସୂଚନା ଦେଇ ନ ଥିଲେ। କିନ୍ତୁ ଏବେ ନିଯୁକ୍ତି ପ୍ରକ୍ରିୟା ଚାଲିଛି। ମାତ୍ର ଏହି ଘଟଣା ଅଧିକାରୀଙ୍କୁ ହରଡ଼ଘଣାରେ ପକାଇ ଥିଲା। ଶେଷରେ ଛାତ୍ରୀଙ୍କ ଏହି ପରିଶ୍ରମ ସଫଳ ହୋଇଥିଲା।

# ଦୀଶା ପଟାନୀଙ୍କ ଘରକୁ ଗୁଳିମାଡ଼: ଏନ୍‌କାଉଣ୍ଟରରେ ଅଭିଯୁକ୍ତ ମୃତ

ଗାଜିଆବାଦ୍, ୧୭।୯(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଦୀଶା ପଟାନୀଙ୍କ ଘର ଉପରକୁ ଗୁଳି ମାଡ଼ କରିଥିବା ଦୁଇ ଅଭିଯୁକ୍ତ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଛନ୍ତି। ବରେଲିରେ ଦୀଶାଙ୍କ ପରିବାର ଲୋକେ ରହୁଥିବା ଘର ଉପରକୁ ହରିୟାଣାର ରୋହତକ ବାସୀନ୍ଦା ରବୀନ୍ଦ୍ର ଓ ସୋନିପତଙ୍କର ଅରୁଣ ସେପ୍ଟେମ୍ବର ୧୨ ସକାଳ ୩.୩୦ରେ ଦୁଇ ରାଉଣ୍ଡ ଗୁଳିମାଡ କରିଥିଲେ। ବୁଧବାର ଗାଜିଆବାଦ୍‌ରେ ନୋଏଡା ଏସ୍‌ଟିଏଫ୍, ସିଆଇ ୟୁନିଟ ଦିଲ୍ଲୀ, ହରିୟାଣା ପୁଲିସର ଟିମ୍ ମିଳିତ ଭାବେ ଏହି ଦୁଇଜଣଙ୍କର ଏନ୍‌କାଉଣ୍ଟର କରିଥିଲେ। ଏହି ଦୁଇଜଣ ଗ୍ୟାଙ୍ଗଷ୍ଟର ରୋହିତ ଗୋଦାରା ଓ ଗୋଲ୍ଡି ବରାଡ଼ ଗ୍ୟାଙ୍ଗର ସଦସ୍ୟ ଥିଲେ। ଦୁଇଜଣଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଥିଲା। ଏସ୍‌ଟିଏଫ୍ କହିବା ଅନୁସାରେ ବୁଧବାର ସନ୍ଧ୍ୟା ୭ଟା ୨୨ରେ ଗାଜିଆବାଦର ଟ୍ରନିକା ସିଟି ଅଞ୍ଚଳରେ ଚେକିଂ ଚାଲିଥିଲା। କିନ୍ତୁ ଦୁଇଜଣ ଯୁବକ ଚେକିଂ ଦେଖି ପଳେଇବାକୁ ପ୍ରୟାସ କରିଥିଲେ। ସେମାନଙ୍କ ପିଛା କରିବାରୁ ସେମାନେ ଗୁଳି ମାରିବା ଆରମ୍ଭ କରିଥିଲେ। ଗୁଳିମାଡ଼ରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସେହିପରି ପୁଲିସ ଜିପ୍ ଉପରେ ୪ଟି ଗନ୍ ସଟ୍ ଲାଗିଥିଲା। ଫଳରେ ପୁଲିସ ପାଲଟା ଗୁଳି ଚଳାଇଥିଲା। ଉଭୟ ପଟୁ ୧୫ ମିନିଟ୍ ପର୍ଯ୍ୟନ୍ତ ୨୫ରୁ ୩୦ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା।

# ସୁନ୍ଦରୀ ଆଇପିଏସ୍

ଆଜିର ମହିଳା ବିଭିନ୍ନ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି । ଘର ଚଳାଇବାଠୁ ନେଇ ଭାରତୀୟ ପୁଲିସ ସେବାରେ ଯୋଗଦେଇ, ପୁରୁଷଙ୍କ ସହ କାନ୍ଧମିଳାଇ ଦେଶର ଦାୟିତ୍ୱ ନିର୍ବାହରେ ସକ୍ଷମ ହୋଇଛନ୍ତି । ବିୟୁଟି ୱିଥ୍ ବ୍ରେନ୍‌ର ସେମାନେ ସଫଳ ଉଦାହରଣ ସାଜିଛନ୍ତି । ଦୃଢ଼ମନୋବଳ, ନିଷ୍ଠା, ସମାଜ ପ୍ରତି ସମର୍ପଣ ଭାବ ଥିଲେ ଜଣେ ମହିଳା ସବୁ କିଛି କରିପାରିବ, ବୋଲି ସେମାନେ ପ୍ରମାଣ କରିଛନ୍ତି । ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେଜଣ ସୁନ୍ଦରୀ ଭାରତୀୟ ମହିଳା ଆଇପିଏସ୍ ଅଫିସର୍‌ଙ୍କୁ ନେଇ ଏହି ଉପସ୍ଥାପନା ।



## ଅଂଶିକା ବର୍ମା

ବିୟୁଟି ୱିଥ୍ ବ୍ରେନ୍ ନାମରେ ଜଣାଶୁଣା ଅଂଶିକା ଉତ୍ତର ପ୍ରଦେଶ କ୍ୟାଡରର ଜଣେ ସୁନ୍ଦରୀ ଆଇପିଏସ୍ ଭାବେ ପରିଚିତ । ତାଙ୍କ ଆତ୍ମବିଶ୍ୱାସ ଓ ସୌନ୍ଦର୍ଯ୍ୟ ତାଙ୍କୁ ଅନ୍ୟ ଅଫିସରଙ୍କଠୁ ଭିନ୍ନ କରିଥାଏ । ଉତ୍ତର ପ୍ରଦେଶ ପ୍ରୟାଗରାଜରେ ରହୁଥିବା ଅଂଶିକା ସ୍କୁଲ ଶିକ୍ଷା ସମାପ୍ତ ପରେ ନୋଏଡ଼ାରେ ବିଟେକ୍ କରିଥିଲେ । ଏହାପରେ ସେ ୟୁପିଏସ୍‌ସି ପାଇଁ ପ୍ରସ୍ତୁତ ହୋଇଥିଲେ । ଏଥିପାଇଁ କୌଣସି କୋଚିଙ୍ଗ୍ ନ ଯାଇ ସେ ସେଲ୍‌ଫ ଷ୍ଟଡିକୁ ବିକଳ୍ପ ରୂପେ ବାଛିଥିଲେ । ପ୍ରଥମ ପ୍ରୟାସରେ ବିଫଳ ହେବା ସତ୍ତ୍ୱେ, ସେ ହାର ମାନି ନ ଥିଲେ । କଠିନ ପରିଶ୍ରମ କରି ସେ ଦ୍ୱିତୀୟ ପ୍ରୟାସରେ ୨୦୨୦ ମସିହାରେ ୟୁପିଏସ୍‌ସି ପରୀକ୍ଷାରେ ୧୩୬ ର୍‍ୟାଙ୍କ ରଖିଥିଲେ । ତାଙ୍କୁ ୟୁପି କ୍ୟାଡର୍ ମିଳିଥିଲା । ଆଇନ ଶୃଙ୍ଖଳାକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।



## ସଂଯୁକ୍ତା ପରାଶର

ସଂଯୁକ୍ତା ପରାଶର ସୁନ୍ଦରୀ ସହ ଜଣେ ନିର୍ଭୀକ ଆଇପିଏସ୍ ଅଫିସର୍ ଭାବେ ଜଣାଶୁଣା । ସେ ଆସାମର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଆସାମରେ ସ୍କୁଲ୍ ଶିକ୍ଷା ସମାପ୍ତ ପରେ ସେ ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସିଥିଲେ । ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ କଲେଜରେ ରାଜନୀତି ବିଜ୍ଞାନରେ ସ୍ନାତକ କରିଥଲେ । ପରବର୍ତ୍ତୀ ସମୟରେ ସେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ନାତକତ୍ତୋର କରିଥଲେ । ପରେ ସେ ଆମେରିକୀୟ ବୈଦେଶିକ ନୀତିରେ ଏମ୍‌ଫିଲ୍ ଓ ପିଏଚ୍‌ଡି ହାସଲ କରିଥଲେ । ଏହାପରେ ସେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥଲେ । ୨୦୦୬ ମସିହାରେ ୟୁପିଏସ୍‌ସି ପରୀକ୍ଷା ଏଆଇଆରରେ ୮୫ ର୍‍ୟାଙ୍କ ରଖିଥିଲେ । ଏହାପରେ ତାଙ୍କୁ ଭାରତୀୟ ପୁଲିସ୍ ସେବା ପାଇଁ ଚୟନ କରାଯାଇଥିଲା । ତାଙ୍କୁ ଆସାମ-ମେଘାଳୟ କ୍ୟାଡର ମିଳିଥିଲା । ୨୦୧୫ ରେ ସେ ଉଗ୍ରବାଦୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ୧୫ ମାସରେ ସେ ୧୬ ଟି ଏନ୍‌କାଉଣ୍ଟର କରି ସେ ଚର୍ଚ୍ଚାରେ ଥିଲେ ।

## ଅଙ୍କିତା ଶର୍ମା



ଛତିଶଗଡ଼ର ପ୍ରଥମ ମହିଳା ଆଇପିଏସ୍ ଅଫିସର୍ ଭାବେ ପରିଚିତ ଅଙ୍କିତା ଶର୍ମା । ସାହସ, ନିଆରା ଅନ୍ଦାଜ୍ ପାଇଁ ଚର୍ଚ୍ଚାରେ ଥିବା ଅଙ୍କିତା ସୋସିଆଲ ମିଡ଼ିଆରେ ଖୁବ୍ ସକ୍ରିୟ । ଛତିଶଗଡର ଲେଡିସିଂଘମ୍ ଭାବେ ପରିଚିତ ଅଂଶିକାଙ୍କ ନାଁ ଶୁଣିଲେ ବସ୍ତରର ନକ୍ସଲବାଦୀମାନେ ଥରି ଉଠନ୍ତି । ସେ ଦେଖିବାକୁ ଯେତିକି ସୁନ୍ଦର, କାର୍ଯ୍ୟକୁ ନେଇ ସେତିକି କଠୋର । ୨୦୨୨ ମସିହାରେ ଖୈରଗଡ଼ର ଏସ୍‌ପି ଥିବାବେଳେ ନକ୍ସଲ ପ୍ରଭାବିତ ଅଞ୍ଚଳ ବସ୍ତରରେ ନକ୍ସଲ ବିରୋଧ ଅପରେସନରେ ଦାୟିତ୍ୱ ନେଇଥିଲେ । ଲାଲ ଆତଙ୍କ ଖେଳାଉଥିବା ନକ୍ସଲଙ୍କୁ ଏପରି ଭାବେ ନିପାତ କରିଥିଲେ, ଯାହା ଏବେ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି । ଆଇପିଏସ୍ ପୂର୍ବରୁ ସେ ଜଣେ ଏମ୍‌ବିଏ ଗୋଲଡ୍‌ମେଡାଲିଷ୍ଟ ଥିଲେ । ଭାରତୀୟ ପ୍ରଶାସନିକ ସେବାରେ ରୁଚି ଥିବାରୁ ସେ ତିନିଥର ୟୁପିଏସ୍‌ସି ପ୍ରସ୍ତୁତ କରିଥିଲେ । ୨୦୧୮ ମସିହାରେ ୨୦୫ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ । ଆଇପିଏସ୍ କିରଣ ବେଦୀଙ୍କୁ ଦେଖି ସେ ଏ ଦିଗରେ ପ୍ରେରଣା ପାଇଥିଲେ ବୋଲି ଏକ ସାକ୍ଷାତକାରରେ କହିଥିଲେ ।

## ମେରିନ୍ ଯୋସେଫ୍



ସୁନ୍ଦରୀ ଓ ସାହସୀ ମହିଳା ଆଇପିଏସ୍ ଅଫିସର ଭାବେ ମେରିନ୍ ଜୋସେଫ୍ ପରିଚିତ । ସେ ନିଜର ସାହସ, ସଫଳତା ଓ ନିର୍ଭୀକତା ପାଇଁ ସର୍ବଦା ଚର୍ଚ୍ଚାରେ ଥାଆନ୍ତି । ସେ ଥରକରେ ୟୁପିଏସ୍‌ସି ପରୀକ୍ଷା ପାସ କରିଥଲେ । ମାତ୍ର ୨୨ ବର୍ଷ ବୟସରେ ଆଇପିଏସ୍ ଅଫିସର ହେବାର ସେ ଗୌରବ ଅର୍ଜନ କରିଥିଲେ । ୨୦ ଅପ୍ରେଲ ୧୯୯୦ ମସିହାରେ କେରଳର ଥିରୁବନ୍ତପୁରମରେ ସେ ଜନ୍ମ ହୋଇଥିଲେ । ଏହାପରେ ତାଙ୍କ ପରିବାର ଦିଲ୍ଲୀ ସ୍ଥାନାନ୍ତର ହୋଇଥିଲେ । ସେ ଦିଲ୍ଲୀରେ ପାଠ ପଢ଼ିଥିଲେ । କଲେଜରେ ପଢ଼ିବା ସମୟରେ ତାଙ୍କ ମନରେ ସମାଜ ଓ ପ୍ରଶାସନିକ ସେବା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ଏଥିପାଇଁ ସେ ଗ୍ରାଜୁଏସନ୍ ସହିତ ୟୁପିଏସ୍‌ସି ପ୍ରସ୍ତୁତି ଆରମ୍ଭ କରିଥିଲେ । ୨୦୧୨ ମସିହାରେ ସେ ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷା ପାସ କରିଥିଲେ । ସମ୍ପୂର୍ଣ୍ଣ ଭାରତରେ ୧୮୮ ର୍‍ୟାଙ୍କ ରଖି ଆଇପିଏସ୍ ପାଇଁ ଚୟନ ହୋଇଥିଲେ । ଦେଶରେ କନିଷ୍ଠ ଆଇପିଏସ୍‌ଙ୍କ ମଧ୍ୟରେ ତାଙ୍କ ନାଁ ରହିଛି ।

# ଏମିତି ସଫା କରନ୍ତୁ ପ୍ଲାଷ୍ଟିକ୍ ବାସନ

**ଅଧିକାଂଶ ଘରେ ପ୍ଲାଷ୍ଟିକ୍ ବାସନକୁସନ ବ୍ୟବହାର କରାଯାଉଛି । ପ୍ଲାଷ୍ଟିକ୍ ପ୍ଲେଟ୍‌ଠୁ ଆରମ୍ଭ କରି ଗିନା ଆଦିକୁ ଠିକ୍‌ଭାବେ ସଫା କରା ନ ଗଲେ ଅପରିଷ୍କାର ହୋଇଥାଏ । କେମିତି ପ୍ଲାଷ୍ଟିକ୍ ବାସନକୁ ସଫା ରଖିବେ, ଜାଣିବା ସେ ସମ୍ପର୍କରେ... ।**

- ପ୍ଲାଷ୍ଟିକ୍ ବାସନରୁ ତେଲ ଚିକିଟା ଦୂର କରିବା ପାଇଁ ଉଷୁମ ପାଣିରେ ୨-୩ ଚାମଚ ବେକିଂ ସୋଡ଼ା ମିଶାନ୍ତୁ । ଏଥିରେ ପ୍ଲାଷ୍ଟିକ୍ ବାସନକୁ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏଭଳି କରିବା ଦ୍ୱାରା ବାସନ ପୂରା ସଫା ହୋଇଯିବ ଏବଂ ଚିକିଟାପଣ ବି ଦୂର ହେବ ।
- ଭିନେଗାର ବ୍ୟବହାର ରୋଷେଇ ସହ ସଫାସଫି ପାଇଁ ମଧ୍ୟ ବ୍ୟବହାର କରାଯାଏ । ଗୋଟିଏ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ ୩-୪ ବୁନ୍ଦା ଭିନେଗାର ମିଶାନ୍ତୁ । କିଛି ସମୟ ପରେ ଏହି ପାଣିରେ ପ୍ଲାଷ୍ଟିକ୍ ବାସନ ସଫା କରନ୍ତୁ ।
- କଫି ମଧ୍ୟ ବାସନରୁ ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ବାସନରୁ ଦୁର୍ଗନ୍ଧ ଦୂର କରିବା ପାଇଁ କଫି ପାଉଡର ଛିଞ୍ଚି ତାହାକୁ କିଛି ସମୟ ଛାଡ଼ି ଦିଅନ୍ତୁ । ଏହାକୁ ବାସନ ମଜା ଲିକ୍ୟୁଡ୍ ସହ ସଫା କରନ୍ତୁ ।
- ଦୁଇ ଗ୍ଲାସ୍ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ନ୍ତୁ । ତାହାକୁ ଗରମ କରନ୍ତୁ । ଏହି ପାଣିକୁ ବାସନରେ ଢ଼ାଳି କିଛି ସମୟ ଛାଡ଼ି ଦିଅନ୍ତୁ । ପରେ ବାସନ ମାଜନ୍ତୁ । ବାସନରୁ ଦାଗ ଦୂର ହୋଇଯିବ ।



ମୋ ହାଣ୍ଡିଶାଳରୁ...

# ବିନା ତେଲରେ ଧନିଆ ଚିକେନ୍



**ଆବଶ୍ୟକ ସାମଗ୍ରୀ**

ଚିକେନ୍ – ୫୦୦ ଗ୍ରାମ୍, ଆଳୁ- ଦୁଇଟି, ଧନିଆପତ୍ର - ଅଳ୍ପ, ରସୁଣ – ଏକ ବୁଦା, ଅଦା – ଏକ ଇଞ୍ଚ, କଟା ପିଆଜ – ଏକ କପ୍, ଦହି – ଏକ କପ୍ , ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କାଗୁଣ୍ଡ – ଏକ ଚାମଚ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ବାଉଲ୍‌ରେ ପାଣି ନେଇ ଚିକେନ୍‌କୁ ଭଲଭାବେ ଧୋଇ ଦିଅନ୍ତୁ । ଏହାପରେ ଚୁଲାରେ କଡ଼େଇ ବସାଇ ଚିକେନ୍ ଦେଇ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ କଟା ପିଆଜ ଓ ଆଳୁ ଦେଇ ଗୋଳାନ୍ତୁ । ଏହାପରେ ଗୋଲମରିଚଗୁଣ୍ଡ, ହଳଦୀ, ଲୁଣ ଦେଇ ଚିକେନକୁ ଏପାଖସେପାଖ କରନ୍ତୁ । ଏକ ଗ୍ରାଇଣ୍ଡି ଜାର୍ ନେଇ ଧନିଆପତ୍ର, ରସୁଣ, ଅଦା, କଞ୍ଚାଲଙ୍କା, ଦହି ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ଚିକେନ୍‌ରେ ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । କିଛି ସମୟ ପରେ ଚିକେନ୍ ଫୁଟି ଆସିଲେ, ସେଥିରେ ଧନିଆପତ୍ର ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ବିନା ତେଲରେ ଧନିଆ ଚିକେନ୍' ।

# ଡେନିମ୍ ଜୁଏଲାରୀ



ସମୟାନୁସାରେ ବିଭିନ୍ନ ଜୁଏଲାରୀ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଡେନିମ୍ ଜୁଏଲାରୀ ଟ୍ରେଣ୍ଡରେ ରହିଛି । ଏହା କପଡ଼ାରେ ତିଆରି ହୋଇଥିବାରୁ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ଏହା ବିଭିନ୍ନ ଡେନିମ୍ କପଡ଼ାରୁ ତିଆରି କରାଯାଉଛି । ଏଥିରୁ ଭଲିକି ଭଲି ନେକ୍‌ଲେସ୍, ବ୍ରେସ୍‌ଲେଟ୍, ହେୟାର୍ କ୍ଲିପ୍ ଆଦି ପ୍ରସ୍ତୁତ କରାଯାଉଛି ।



- ପାର୍ଟି, ଫଙ୍କ୍‌ସନ୍‌ରେ ନିଜକୁ ଏକ ଆଧୁନିକ ଲୁକ୍ ଦେବାକୁ ଚାହୁଁଥିଲେ ଡେନିମ୍ ନେକ୍‌ଲେସ୍ ପିନ୍ଧିପାରିବେ । ଏହା ଖୁବ୍ ସୁନ୍ଦର ଦେଖାଯାଏ । ବିଶେଷ କରି ଫ୍ଲାୱାର୍, ଫିଦର୍ ଜୁଏଲାରୀ ବେଶୀ ସୁନ୍ଦର ଲାଗିଥାଏ ।
- ସେହିପରି ଅଫିସ୍ ଆଉଟ୍‌ଫିଟ୍‌ରେ ନିଆରା ତଥା ସିମ୍ପଲ ଲୁକ୍ ଚାହୁଁଥିଲେ ଡେନିମ୍ ବେଲ୍ଟ, ତଥା ହେୟାର୍ କ୍ଲିପ୍ ପିନ୍ଧିପାରିବେ । ଏହା ସୁନ୍ଦର ସହ ଷ୍ଟାଇଲିଶ୍ ଦେଖାଯାଏ ।
- ବଜାର ଅପେକ୍ଷା ଅନ୍‌ଲାଇନ୍‌ରେ ଏହି ଜୁଏଲାରୀ ଅଧିକ ସଂଖ୍ୟାରେ ଦେଖିବାକୁ ମିଳିଥାଏ । ବିଶେଷ କରି ମାଳି, ଷ୍ଟୋନ୍ ଲଗା ଡେନିମ୍ ଜୁଏଲାରୀର ଚାହିଦା ବଢ଼ୁଛି ।

# ପରିବେଶ ଅନୁକୂଳ ନବରାତ୍ରୀ ପରିଧାନ



**ନବରାତ୍ରୀରେ ମା'ଙ୍କ ପୂଜାର୍ଚ୍ଚନା ସହ ଗର୍ବା ନୃତ୍ୟ ପରିବେଷଣ କରାଯାଏ । ତେଣୁ ନବରାତ୍ରୀକୁ ନେଇ ଯୁବତୀମାନେ ବେଶ୍ ଉତ୍ସାହିତ ଥାନ୍ତି । ଏଥିପାଇଁ ବିଭିନ୍ନ ପୋଷାକ ଚୟନ କରିଥାନ୍ତି । ଅନେକ ପୋଷାକ କିଣିବାବେଳେ କେବଳ ଷ୍ଟାଇଲ ପ୍ରତି ଧ୍ୟାନ ଦେଇଥାନ୍ତି, କିନ୍ତୁ ଏହା ପରିବେଶ ଅନୁକୂଳ କି ନାହିଁ ସେଥିପ୍ରତି ଧ୍ୟାନ ଦେବା ମଧ୍ୟ ଜରୁରି ।**

**ହ୍ୟାଣ୍ଡଲୁମ୍ କଟନ୍ ଚୋଲି**


ନବରାତ୍ରୀରେ ଚୋଲି ପିନ୍ଧିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ଖଦୀ ଓ ହାତବୁଣା ସୂତା ଘାଗରା । ଏଥିରେ କଣ୍ଟ୍ରାଷ୍ଟ ବ୍ଲାଉଜ୍ ଖୁବ୍ ସୁନ୍ଦର ମାନିଥାଏ । ସେହିପରି ହଳଦିଆ କିମ୍ବା ସବୁଜ ରଙ୍ଗର ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ, ଏଥିରେ ନାଲି ବ୍ଲାଉଜ୍ ପିନ୍ଧିପାରିବେ । ଏଥିସହ ମ୍ୟାଚିଙ୍ଗ୍ କରି ଅକ୍ସିଡାଇଜ୍ ଅଳଙ୍କାର ପିନ୍ଧିପାରିବେ ।

**ପୁରୁଣା ଶାଢ଼ିରୁ ଲେହେଙ୍ଗା**

ନବରାତ୍ରୀ ପାଇଁ ନୂଆ କପଡ଼ା କିଣିବାର କୌଣସି ଆବଶ୍ୟକତା ନାହିଁ । ଏଥିପାଇଁ ପୁରୁଣା ଶାଢ଼ିକୁ ବ୍ୟବହାର କରି ପିନ୍ଧିବାଯୋଗ୍ୟ ପରିବେଶ ଅନୁକୂଳ ପୋଷାକ ତିଆରି କରିପାରିବେ । ଏହାକୁ ସିଲ୍‌କ ଓଢ଼ଣୀ ଭଲ ମାନିଥାଏ ।

# ପାଗ ଅନୁଯାୟୀ ଫେସିଆଲ୍

**ସୁସ୍ଥ, ଉଜ୍ଜ୍ୱଳ ତ୍ୱଚା ସମସ୍ତେ ଚାହାନ୍ତି । ଏଥିପାଇଁ ସ୍କିନ୍ କେୟାର ସହ ସମୟେ ସମୟେ ଫେସିଆଲ୍ କରିବାକୁ ପଡ଼ିଥାଏ । ଫେସିଆଲ୍ ତ୍ୱଚାରେ ଚମକ ଆଣିବା ସହ ତ୍ୱଚାକୁ ଗଭୀରରୁ ସଫା କରିଥାଏ । ମୃତକୋଷ କାଢ଼ି ବ୍ଲାକ୍‌ହେଡ୍‌ସ, ହ୍ୱାଇଟହେଡ୍ସ ସମସ୍ୟା ଦୂର କରିଥାଏ । ତେଣୁ ଋତୁ ଅନୁସାରେ ଫେସିଆଲ୍ କଲେ ସୁଫଳ ମିଳିଥାଏ ।**



**ଖରା**

ଖରାଦିନେ ତ୍ୱଚାରେ ତେଲ ଓ ଧୂଳି ଶୀଘ୍ର ଜମିଯାଏ । ଫଳରେ ବ୍ରଣ ଓ ଦାଗ ସମସ୍ୟା ଦେଖାଯାଏ । ଏପରି ସ୍ଥଳେ ଡିପ୍ କ୍ଲିନିଙ୍ଗ୍ ଓ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ତ୍ୱଚା ପାଇଁ ଭଲ ହୋଇଥାଏ । ଏହା ମୁହଁର ଅତିରିକ୍ତ ତେଲକୁ ନିୟନ୍ତ୍ରଣ କରିଥାଏ । ତ୍ୱଚାରୁ ମୃତକୋଷ କାଢ଼ି ଏକ ପ୍ରାକୃତିକ ଚମକ ଦେଇଥାଏ ।

**ବର୍ଷା**

ବର୍ଷା ଋତୁରେ ତ୍ୱଚାରେ ଏକ୍ସଟ୍ରା ଅଏଲ ଓ ଝାଳ ଜମିଯାଏ । ଏହାଦ୍ୱାରା ବ୍ରେକ୍‌ଆଉଟ୍ ସମସ୍ୟା ହୋଇଥାଏ । ଏଥିପାଇଁ ଚାର୍‌କୋଲ୍ ଓ ନିମ୍ବ ମିଶା ଫେସିଆଲ୍ କରିପାରିବେ । ଏହା ତ୍ୱଚାକୁ ଗଭୀରରୁ ସଫା କରି ଉଜ୍ଜ୍ୱଳ କରିଥାଏ । ଏଥିସହ ଦାଗ, ବ୍ରଣ ସମସ୍ୟାରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।

**ଶୀତ**

ଶୀତଦିନେ ଶୁଷ୍କ ତ୍ୱଚା ପାଇଁ ହାଇଡ୍ରେଟିଙ୍ଗ୍ ଫେସିଆଲ୍ ଖୁବ୍ ଭଲ ହୋଇଥାଏ । ଏଥିରେ ହ୍ୟାଲୁରୋନିକ୍ ଏସିଡ୍ , ପ୍ରାକୃତିକ ତେଲ ଓ ମଏଶ୍ଚରାଇଜର୍ ମାସ୍କର ଉପଯୋଗ କରାଯାଇଥାଏ । ଏହା ତ୍ୱଚାର ଶୁଷ୍କତା କମ୍ କରିଥାଏ ।



# ଫାଇନାଲରେ ନୀରଜ-ନଦୀମ

## ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

ଟୋକିଓ, ୧୭ ।୯ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଜାପାନର ରାଜଧାନୀ ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି । ବୁଧବାର ଅନୁଷ୍ଠିତ ପୁରୁଷ ଜାଭେଲିନ ଥ୍ରୋ ଇଭେଣ୍ଟରେ ନୀରଜ ଶ୍ରେଷ୍ଠ ପ୍ରଦର୍ଶନ ୮୪.୮୫ ମିଟର ସହ ଫାଇନାଲରେ ପହଞ୍ଚିଥିଲେ । ଫାଇନାଲକୁ ପ୍ରବେଶ ଲାଗି ଯୋଗ୍ୟତା ମାନଦଣ୍ଡ ୮୪.୫୦ ମିଟର ଥିଲା । ନୀରଜଙ୍କ ସହ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ୧୨ ଜଣିଆ ପୁରୁଷ ଜାଭେଲିନ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି । ଅର୍ଶଦ ୮୫.୨୮ ମିଟର ଜାଭେଲିନ ଫିଙ୍ଗିଥିଲେ । ଫଳରେ ଗୁରୁବାର ଅପରାହ୍ଣ ୩ଟା ୫୩ରୁ ଆରମ୍ଭ ହେବାକୁ ଥିବା ଫାଇନାଲରେ ନୀରଜ ଓ ନଦୀମଙ୍କ ମଧ୍ୟରେ ଜୋରଦାର ଟକ୍କର ହେବ ବୋଲି ଅନୁମାନ କରାଯାଉଛି । ନୀରଜ ଏହି ମେଗା ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ରହିଛନ୍ତି । ନୀରଜଙ୍କ ସହ ଦ୍ୱିତୀୟ ଭାରତୀୟ ଜାଭେଲିନ ଫିଙ୍ଗାଳି ଭାବେ ସଚିନ ଯାଦବ ମଧ୍ୟ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସଚିନ ୮୩.୬୭ ମିଟର ଫିଙ୍ଗି ଯୋଗ୍ୟତା ପର୍ଯ୍ୟାୟରେ ୧୦ମ ସ୍ଥାନରେ ରହିଥିଲେ । ସଚିନ ସିଧାସଳଖ ଯୋଗ୍ୟତା ଅର୍ଜନ କରି ନ ଥିଲେ ମଧ୍ୟ ଶ୍ରେଷ୍ଠ-୧୨ ଜଣଙ୍କ ମଧ୍ୟରେ ରହି ଫାଇନାଲରେ ପହଞ୍ଚିଛନ୍ତି । ଯୋଗ୍ୟତା ପର୍ଯ୍ୟାୟରେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (୮୯.୫୩ ମିଟର), ଜର୍ମାନୀର ଜୁଲିଏନ ୱେବର (୮୭.୨୧), କେନିଆର ଜୁଲିଅନ ୱେଗୋ (୮୫.୯୬) ଓ ପୋଲାଣ୍ଡର ଡାୱିଡ ୱେଗନର (୮୫.୬୭) ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି ।

## ନିରାଶ କଲେ ଅନିମେଶ




ପ୍ରଥମ ଭାରତୀୟ ସ୍ପ୍ରିଣ୍ଟର ଭାବେ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ଯୋଗ୍ୟତା ଅର୍ଜନ କରିଥିବା ଅନିମେଶ କୁଜୁର ଏଠାରେ ପୁରୁଷ ୨୦୦ ମିଟରରେ ନିରାଶ କରିଛନ୍ତି । ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ହିଟ-୩ରେ ଦୌଡ଼ିଥିଲେ । ଏଥିରେ ୯ଜଣ ଧାବକଙ୍କ ମଧ୍ୟରେ ଅନିମେଶ ସର୍ବନିମ୍ନ ସ୍ଥାନରେ ରହି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲେ । ସେ ୨୦୦ ମିଟରକୁ ୨୦.୭୭ ସେକେଣ୍ଡରେ ଫିନିଶ କରିଥିଲେ । ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ (୨୦.୩୨) ପ୍ରଦର୍ଶନଠାରୁ ମଧ୍ୟ ସେ ବହୁ ପଛରେ ରହିଥିଲେ । ଏହି ହିଟ୍‌ରେ ଦୌଡ଼ିଥିବା ଦୁଇଥରର ଅଲିମ୍ପିକ ରୌପ୍ୟ ପଦକ ବିଜେତା ଆମେରିକାର କେନି ବେଡନାରେକ ୧୯.୯୮ ସେକେଣ୍ଡ ସମୟ ସହ ଶୀର୍ଷରେ ରହି ସେମିକୁ ପ୍ରବେଶ କରିଛନ୍ତି ।

ଦ୍ୱିତୀୟ ମହିଳା ଦିନିକିଆ

# ୭୭ ବଲ୍‌ରେ ମନ୍ଧାନାଙ୍କ ଶତକ

## ଭାରତର ରେକର୍ଡ ସ୍କୋରରେ ଅଷ୍ଟ୍ରେଲିଆର ବଡ଼ ପରାଜୟ

ଚଣ୍ଡିଗଡ଼, ୧୭ ।୯ (ଏଜେନ୍ସି):

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚରେ ଭାରତ ୧୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି । ଓପନର ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୯୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଜବାବରେ ଅଷ୍ଟ୍ରେଲିଆ ମହିଳା ଦଳ ୪୦.୫ ଓଭରରେ ୧୯୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଏଲିସେ ପେରୀ (୪୪ ରନ) ଓ ଆନାବେଲ୍ ସଦରଲାଣ୍ଡ (୪୫) କିଛିଟା ଭାରତୀୟ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇଥିଲେ । ଘରୋଇ ଭାରତୀୟ ଦଳ ପାଇଁ କ୍ରାନ୍ତି ଗୌଡ଼ ୩, ଦୀପ୍ତି ଶର୍ମା ୨ ଏବଂ ରେଣୁକା ସିଂ ଠାକୁର, ସ୍ନେହ ରାଣା. ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ । ୧୦୨ ରନରେ ବିଜୟୀ ହୋଇ ଭାରତ ତିନି ମ୍ୟାଚବିଶିଷ୍ଟ ଦିନିକିଆ ସିରିଜକୁ ୧-୧ର ବରାବରସ୍ଥିତିକୁ ଆଣିଛି । ପୂର୍ବରୁ ପ୍ରଥମ ମୁକାବିଲାକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଜିତିଥିଲା । ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ । ଅପରପକ୍ଷରେ ଦିନିକିଆ କ୍ରିକେଟ୍‌ରେ ରନ ବ୍ୟବଧାନରେ ଅଷ୍ଟ୍ରେଲିଆ ମହିଳା ଦଳର ଏହା ସର୍ବବୃହତ୍ ପରାଜୟ ଥିଲା । ଏଥିପୂର୍ବରୁ ୧୯୭୩ରେ ଇଂଲଣ୍ଡ ମହିଳା ଦଳଠାରୁ ଅଷ୍ଟ୍ରେଲିଆ ୯୨ ରନରେ ହାରିଥିଲା ।




ପୂର୍ବରୁ ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହେଲୀ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଓପନର୍ ତଥା ଉପଅଧିନାୟିକା ମନ୍ଧାନାଙ୍କ ୧୧୭ ରନ ବଳରେ ୪୯.୫ ଓଭରରେ ୨୯୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ୨୯ ବର୍ଷୀୟା ମନ୍ଧାନାଙ୍କ ଦିନିକିଆ ଫର୍ମାଟ୍‌ରେ ଏହା ୧୨ତମ ଶତକ ଥିଲା । ୯୧ ବଲର ଏହି ପାଳିରେ ସେ ୧୪ ଚୌକା ଓ ୪ ଛକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୪୦, ରିଚା ଘୋଷ ୨୯, ପ୍ରତିକା ରାୱଲ ୨୫ ଓ ସ୍ନେହ ରାଣା ୨୪ ରନ କରିଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ ୩ ଓ ଆସଲେ ଗାର୍ଡନର ୨ଟି ୱିକେଟ ନେଇଥିଲେ ।

### ମ୍ୟାଚ୍‌ର କୀର୍ତ୍ତିମାନ

**୭୭ ବଲ୍:** ମନ୍ଧାନା ଏହି ମ୍ୟାଚରେ ୭୭ ବଲରେ ଶତକ କରିଥିଲେ । ମହିଳା ଦିନିକିଆରେ ଭାରତୀୟ କ୍ରିକେଟର୍ ଭାବେ ଏହା ଦ୍ୱିତୀୟ ଦ୍ରୁତତମ ଶତକ । ଚଳିତ ବର୍ଷ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୦ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଛନ୍ତି ।

**୧୨ତମ ଶତକ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୨ତମ ଶତକ ଥିଲା । ଏଥିସହ ଓପନର୍ ଭାବେ ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ମାରିବାରେ ଇଂଲଣ୍ଡର ତାମି ବିଉମଣ୍ଟଙ୍କ ସମକକ୍ଷ ହୋଇଛନ୍ତି ।

**୨୯୨ ରନ:** ୨୯୨ ରନ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆରେ ଭାରତର ସର୍ବବୃହତ୍ ଦଳଗତ ସ୍କୋର । ଏଥିପୂର୍ବରୁ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୨୮୨ ରନ କରିଥିଲା ।

**୧୮ ବର୍ଷ:** ଦୀର୍ଘ ୧୮ ବର୍ଷ ପରେ ଘରୋଇ ମାଟିରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆକୁ ଏକ ଦିନିକିଆ ମ୍ୟାଚରେ ହରାଇଛି ।

# ଏସିଆ କପ୍‌ରେ ପାକିସ୍ତାନର ହାଇଡ୍ରାମା

## ପ୍ରଥମେ ବଏକଟ୍ ଧମକ; ପରେ ୧ ଘଣ୍ଟା ବିଳମ୍ବରେ ଷ୍ଟାଡିୟମରେ ପହଞ୍ଚିଲା

ଦୁବାଇ, ୧୭ ।୯ (ଏଜେନ୍ସି): ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ବୁଧବାର ରାତିରେ ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ଏ ମ୍ୟାଚ୍ ଖେଳାଯିବା ପୂର୍ବରୁ ବେଶ୍ ଘଟଣାବହୁଳ ରହିଥିଲା । ଏହି ମ୍ୟାଚର କିଛି ଘଣ୍ଟା ପୂର୍ବରୁ ପାକିସ୍ତାନ ଦଳର ହାଇଡ୍ରାମା ଦେଖିବାକୁ ମିଳିଥିଲା । ୟୁଏଇ ବିପକ୍ଷ ମ୍ୟାଚ୍ ରାତି ୮ଟାରେ ଖେଳାଯିବାକୁ ଥିବାବେଳେ ପାକିସ୍ତାନ ଖେଳାଳିମାନେ ୭ଟା ସୁଦ୍ଧା ଷ୍ଟାଡିୟମରେ ପହଞ୍ଚି ନ ଥିଲେ । ଭାରତ ବିପକ୍ଷ ମ୍ୟାଚରେ 'ହାତ ନ ମିଳାଇବା' ପ୍ରସଙ୍ଗକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିବା ଜିଦିରେ ଅଡ଼ି ବସିଥିଲା । ଏପରିକି ଅଧିନାୟକ ସଲମାନ ଅଲି ଆଘାଙ୍କ ସମେତ ସମସ୍ତ ପାକିସ୍ତାନ ଖେଳାଳି, ପ୍ରଶିକ୍ଷକ, ସହପ୍ରଶିକ୍ଷକ ଟିମ୍ ହୋଟେଲରୁ ବାହାରି ନ ଥିଲେ । ପାକିସ୍ତାନ ବୋର୍ଡ ଏସିଆ କପ୍‌ର ବଳକା ମ୍ୟାଚ୍‌ରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା । ତେବେ ପରେ ପିସିବି ଅଧ୍ୟକ୍ଷ ମୋହସିନ ନକଭି ଓ ଖେଳାଳିଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ଶେଷରେ ପାକିସ୍ତାନ ଦଳ ଟିମ୍ ହୋଟେଲରୁ ଷ୍ଟାଡିୟମ ଅଭିମୁଖେ ବାହାରିଥିଲା । ଫଳରେ ମ୍ୟାଚ୍ ଆରମ୍ଭ ହେବାରେ ଏକ ଘଣ୍ଟା ବିଳମ୍ବ ହୋଇଥିଲା । ଏନେଇ ବ୍ରଡକାଷ୍ଟ ସଂସ୍ଥା ପକ୍ଷରୁ ଅଫିସିଆଲ୍ ଭାବେ ମଧ୍ୟ ମ୍ୟାଚ୍ ଏକ ଘଣ୍ଟା ବିଳମ୍ବ ଅର୍ଥାତ ରାତି ୯ଟାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା । ଏହାପରେ ପାକିସ୍ତାନ ଖେଳାଳିମାନେ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ପହଞ୍ଚି ୱାର୍ମଅପ୍ ଆରମ୍ଭ କରିଥିଲେ । ଉଭୟ ପାକିସ୍ତାନ ଓ ୟୁଏଇ ପାଇଁ ଏହି ଗ୍ରୁପ୍-ବି' ମ୍ୟାଚ୍ ବେଶ୍ ଗୁରୁତ୍ୱ ରଖୁଛି । ଉଭୟ ଦଳ ୨ଟି ଲେଖାଏ ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ଲେଖାଏ ପାଇଛନ୍ତି । ଏହି ମ୍ୟାଚରେ ବିଜୟୀ ଦଳ ସୁପର-୪ରେ ପ୍ରବେଶ କରିବ ।

| ଆଜିର ମ୍ୟାଚ୍ | |
|---|---|
| ଶ୍ରୀଲଙ୍କା-ଆଫଗାନିସ୍ତାନ | |
| ଭେନ୍ୟୁ : ଆବୁଧାବି | |
| ଖେଳ ଆରମ୍ଭ : ରାତି ୮ଟା | |
| ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ | |

### ଫଖରଙ୍କ ଅର୍ଦ୍ଧଶତକ; ସିମରନଜିତ୍‌ଙ୍କୁ ୩ ୱିକେଟ୍

ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚରେ ଟସ୍ ଜିତି ୟୁଏଇ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୩ ଓଭରରେ ୯ ରନ ମଧ୍ୟରେ ଦୁଇ ଓପନର୍‌ଙ୍କୁ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶାହିବଜାଦ ଫରହାନ (୫ ରନ) ଓ ସଇମ ଆୟୁବ (୦)ଙ୍କୁ ଆଉଟ୍ କରି ଜୁନୈଦ ସିଦ୍ଦିକ ୟୁଏଇକୁ ଡବଲ୍ ବ୍ରେକ୍ ଥ୍ରୁ ଦେଇଥିଲେ । ତେବେ ମଧ୍ୟକ୍ରମରେ ଅଭିଜ୍ଞ ଖେଳାଳି ଫଖର ଜମାନ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ପାକିସ୍ତାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୪୬ ରନର ଏକ ସମ୍ମାନଜନକ ସ୍କୋର କରିପାରିଥିଲା । ଜମାନ ୩୬ ବଲରେ ୨ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସଲମନ ଆଘା ୨୦, ମହମ୍ମଦ ହାରିସ ୧୮ ଓ ଶାହୀନ ଆଫ୍ରିଦୀ ୧୪ ବଲରେ ଅପରାଜିତ ୨୯ ରନର ପାଳି ଖେଳିଥିଲେ । ବୋଲିଂରେ ୟୁଏଇ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ବାମହାତୀ ସ୍ପିନର ସିମରନଜିତ୍ ସିଂହ ଓ ସିଦ୍ଦିକ ୩ଟି ଲେଖାଏ ୱିକେଟ୍ ନେଇଥିଲେ ।

ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ, ସିନ୍ଧୁ

ସେନ୍‌ଝେନ,୧୭ ।୯ (ଏଜେନ୍ସି): ଚୀନ୍‌ର ସେନ୍‌ଝେନ୍ ଏରିନାରେ ଆରମ୍ଭ ହୋଇଥିବା ୧୨ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଡବଲ୍ସ ଯୋଡି ସାତ୍ତ୍ୱିକସାଇରଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । କିନ୍ତୁ ପୁରୁଷ ଏକକ ପ୍ରତିଯୋଗିତାରୁ ଯୁବ ତାରକା ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି । ତେବେ ମହିଳା ଏକକ ଅଭିଜ୍ଞ ଭାରତୀୟ ଖେଳାଳି ତଥା ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ର-କ୍ୱାର୍ଟରକୁ ଉଠିଛନ୍ତି ।

ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ସାତ୍ତ୍ୱିକ ଓ ଚିରାଗ ଯୋଡ଼ି ୨୪-୨୨, ୨୧-୧୩ ସିଧାସଳଖ ଗେମ୍‌ରେ ମାତ୍ର ୪୨ ମିନିଟ୍‌ରେ ମାଲେସିଆର ଜୁନେଦ ଆରିଫ୍ ଓ ୟାପ୍ ରଏ କିଙ୍ଗ୍‌ଙ୍କୁ ପରାସ୍ତ କରିଥିଲେ । ସେହିପରି ଲକ୍ଷ୍ୟ ସେନ୍ ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ୧୧-୨୧, ୧୦-୨୧ରେ ଫ୍ରାନ୍ସର ଟୋମା ଜୁନିଅର ପୋପୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ମହିଳା ବିଭାଗରେ ସିନ୍ଧୁ ପ୍ରଥମ ରାଉଣ୍ଡ ମୁକାବିଲାରେ ଡେନମାର୍କର ଜୁଲି ଡାବାଲ ଜାକବସେନଙ୍କୁ ୨୧-୫, ୨୧-୧୦ ସିଧାସଳଖ ଗେମ୍‌ରେ ହରାଇ ଅଗ୍ରଗତି କରିଛନ୍ତି । ଅନ୍ୟ କୌଣସ ବିଭାଗରେ ଭାରତୀୟ ଖେଳାଳିମାନେ ଅଗ୍ରଗତି କରିପାରି ନାହାନ୍ତି ।

ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

# ପ୍ରଥମଥର ବୋଲିଂ ମାନ୍ୟତା ଶୀର୍ଷରେ ବରୁଣ ଚକ୍ରବର୍ତ୍ତୀ

ଦୁବାଇ,୧୭ ।୯ (ଏଜେନ୍ସି): ଭାରତୀୟ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ ଆଇସିସି ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୩ଟି ପାହାଚ ଉପରକୁ ଉଠି ୭୩୩ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ରହିଛନ୍ତି । ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଜ୍ୟାକବ ଡଫି ୨ୟ ସ୍ଥାନକୁ ଖସିଯାଇଛନ୍ତି । ଫଳରେ ଯଶପ୍ରୀତ ବୁମ୍‌ରା ଓ ରବି ବିଷ୍ଣୋଇଙ୍କ ପରେ ତୃତୀୟ ଭାରତୀୟ ବୋଲର ଭାବେ ବରୁଣ ବୋଲିଂ ର୍‍ୟାଙ୍କିଙ୍ଗର ନଂ୧ ସ୍ଥାନ ଅଧିକାର କରିଛନ୍ତି । ବରୁଣଙ୍କ ସହ ରବି ବିଷ୍ଣୋଇ (୮ମ) ମଧ୍ୟ ଟପ୍-୧୦ ସ୍ଥାନ ପାଇଛନ୍ତି । ୩୪ ବର୍ଷୀୟ ବରୁଣ ୟୁଏଇରେ ଚାଲିଥିବା ଏସିଆ କପ୍‌ରେ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ସେ ୟୁଏଇ ବିପକ୍ଷ ପ୍ରଥମ ମୁକାବିଲାରେ ଦୁଇ ଓଭର ବୋଲିଂ କରି ମାତ୍ର ୪ ରନରେ ଦେଇ ଗୋଟିଏ ୱିକେଟ ଓ ପାକିସ୍ତାନ ବିପକ୍ଷରେ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ବୋଲିଂ ତାଲିକାରେ ୱେଷ୍ଟଇଣ୍ଡିଜର ଅକିଲା ହୁସେନ ତୃତୀୟ, ଅଷ୍ଟ୍ରେଲିଆ ଆଦାମ ଜାମ୍ପା ଚତୁର୍ଥ, ଇଂଲଣ୍ଡର ଆଦିଲ ରସିଦ ୫ମ ସ୍ଥାନ ଅଧିକାର କରିଛନ୍ତି । ଅନ୍ୟତମ ଭାରତୀୟ ରବି ବିଷ୍ଣୋଇ ୬୭୧ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ରହିଛନ୍ତି ।



ବ୍ୟାଟିଂ ତାଲିକାରେ ହାର୍ଡ ହିଟିଂ ବ୍ୟାଟର ତଥା ଭାରତୀୟ ଓପନର ଅଭିଷେକ ଶର୍ମା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଅଭିଷେକ ୮୮୪ ପଏଣ୍ଟ ସହ କ୍ୟାରିଅରର ସର୍ବାଧିକ ପଏଣ୍ଟ ପାଇଛନ୍ତି । ଇଂଲଣ୍ଡ ଫିଲ ସଲ୍ଟ ଦ୍ୱିତୀୟ, ଜୋଶ ବଟଲର ତୃତୀୟ, ଭାରତର ତିଳକ ବର୍ମା ୭୨୯ ପଏଣ୍ଟ ସହ ଚତୁର୍ଥ ଓ ଅଷ୍ଟ୍ରେଲିଆର ଟ୍ରାଭିସ ହେଡ ୫ମ ସ୍ଥାନରେ ରହିଛନ୍ତି । ସେହିପରି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୭୪୭ ପଏଣ୍ଟ ସହ ୭ମ ସ୍ଥାନରେ ରହିଛନ୍ତି । ଅଲରାଉଣ୍ଡର ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଭାରତର ଅଭିଷେକ ଶର୍ମା ୪ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି । ପାକିସ୍ତାନର ସଇମ ଆୟୁବ ୪ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି ।

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ

# ଦଳରୁ ବାଦ୍ ପଡ଼ିଲେ ଜେମିମା ରୋଡ୍ରିଗ୍ସେଜ

ନୂଆ ଚଣ୍ଡିଗଡ଼, ୧୭ ।୯ (ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷ ଦିନିକିଆ ସିରିଜର ଶେଷ ଦୁଇଟି ମୁକାବିଲାରୁ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ ବାଦ୍ ପଡିଛନ୍ତି । ଫଳରେ ଘରୋଇ ଭାରତୀୟ ମହିଳା ଦଳକୁ ଜବରଦସ୍ତ ଝଟ୍‌କା ଲାଗିଛି । ଭୂତାଣୁ ଜନିତ ସଂକ୍ରମଣ ଓ ଦୁର୍ବଳତା କାରଣରୁ ସେ ବୁଧବାର ଖେଳାଯାଇଥିବା ତୃତୀୟ ଦିନିକିଆରେ ଖେଳିପାରି ନାହାନ୍ତି । ସେହିପରି ସେ ୨୦ ତାରିଖ ଶନିବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ମଧ୍ୟ ଖେଳିପାରିବେ ନାହିଁ । ମଧ୍ୟକ୍ରମ ବ୍ୟାଟର ଜେମିମାଙ୍କ ବଦଳ ଖେଳାଳି ଭାବେ ଷ୍ଟାଣ୍ଡବାଇ ଖେଳାଳି ତେଜାଲ ହାସବନିସ୍‌ଙ୍କୁ ଦଳରେ ସାମିଲ କରାଯାଇଛି । କିନ୍ତୁ ତାଙ୍କୁ ଦ୍ୱିତୀୟ ଦିନିକିଆରେ ଖେଳାଯାଇ ନାହିଁ । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ଜେମିମାଙ୍କ ଚିକିତ୍ସା ତଥା ଦେଖାଶୁଣା କରୁଛି । ସେ ବିଶ୍ୱକପ୍ ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି । ପୂର୍ବରୁ ୧୪ ତାରିଖରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୮ ୱିକେଟରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା । ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ ।

# ସିବିଏସ୍‌ଇ ଜାତୀୟ ବାଳିକା ହକି ଉଦ୍‌ଯାପିତ



ଭୁବନେଶ୍ୱର, ୧୭ ।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ସିବିଏସଇ ଜାତୀୟ ବାଳିକା ହକି ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲୀପ ତିର୍କୀ ହକି ଷ୍ଟାଡିୟମରେ ୩ଟି ବୟସ ବର୍ଗ ୧୪ ବର୍ଷରୁ କମ, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବାଳିକା ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା । ୧୪ ବର୍ଷରୁ କମ୍ ବର୍ଗରେ ପାନିପତ୍‌ର ଆର୍ଯ୍ୟା ବାଳିକା ପବ୍ଲିକ ସ୍କୁଲ ୭-୦ ଗୋଲରେ ନ୍ୟୁ ବମ୍ବେ ସିଟି ସ୍କୁଲକୁ ହରାଇ ଚାମ୍ପିଅନ ହୋଇଥିଲା । ସେହିଭଳି ୧୭ ବର୍ଷରୁ କମ୍‌ରେ ସୋନିପତ୍‌ର ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ୮-୦ ଗୋଲ୍‌ରେ ତାମିଲନାଡୁର ସଚିଦାନନ୍ଦ ବିଦ୍ୟା ନିକେତନକୁ ହରାଇ ଟାଇଟଲ୍ ହାସଲ କରିଥିଲା । ୧୯ ବର୍ଷରୁ କମ୍ ବର୍ଗର ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ରହିଥିଲା । ଏଥିରେ ଲିଟିଲ ଆଞ୍ଜେଲ ସ୍କୁଲ ୧-୦ ଗୋଲରେ ହରିଦ୍ୱାରର ଶ୍ରୀରାମ ବିଦ୍ୟା ମନ୍ଦିରକୁ ପରାସ୍ତ କରି ଚାମ୍ପିଅନ ହୋଇଛି । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ ଅତିଥିଭାବେ ଯୋଗଦେଇ କୃତୀ ଦଳକୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଲଳିତ କୁମାର କପିଳ, ଡ. ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିଭଳି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜୟୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉଦ୍‌ଘାଟିତ

କଟକ,୧୭।୯ (ସମିସ):




ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ବୁଧବାର ସନ୍ଧ୍ୟାରେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଲିଗ୍‌ର ବ୍ରାଣ୍ଡଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ରଫି ଅନାବରଣ କରିବା ସହ ଲିଗ୍ ଉଦ୍‌ଘାଟନ କରିଥିଲେ । ଲିଗ୍‌ର ସଫଳ ଆୟୋଜନ ଏବଂ ଖେଳାଳିଙ୍କୁ ପ୍ରୋତ୍ସାହନ ନିମନ୍ତେ ଜଣେ ବ୍ରାଣ୍ଡଆମ୍ବାସଡର ଭାବେ ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଇର୍ଫାନ ମତବ୍ୟକ୍ତ କରିଥିଲେ । ଏହାଛଡ଼ା ଏଭଳି ବଡ଼ ମଞ୍ଚରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଇର୍ଫାନ ଓଡ଼ିଆ ଖେଳାଳିଙ୍କୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓପିଟିଏଲର ସଫଳତା କାମନା କରିଥିଲେ । ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ)ର ସମ୍ପାଦକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ସୌଭିକ ବିଶ୍ୱାଳଙ୍କ ସମେତ ଓସିଏର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ । ଭୁବନେଶ୍ୱର ଟାଇଗର୍ସ ଏବଂ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହୋଇଥିଲା । ଲିଗ୍ ଉଦ୍‌ଘାଟନ ପୂର୍ବରୁ ବାରବାଟୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା । ସେହିଭଳି ଗୁରୁବାର ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣ ୨ଟାରେ କେନ୍ଦୁଝର ମାଇନର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଲଢ଼େଇ ହେବ । ସେହିଭଳି ରାତି ୭ଟାରେ ରାଉରକେଲା ଷ୍ଟିଲର୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ଖେଲ୍ ଏବଂ ଫ୍ୟାନକୋଡ (ଓଟିଟି)ରେ ସିଧାପ୍ରସାରଣ ହେଉଛି । ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୨୬ରେ ଉଦ୍‌ଯାପିତ ହେବ । ମୋଟ୍ ୬ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଗତକାଲି ସମସ୍ତ ଦଳରୟ ଜର୍ସି ଉନ୍ମୋଚିତ ହୋଇଥିଲା ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS